


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୦ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 AUGUST 2022
Vol.No. 35 ■ No. 218 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀ ଶିସୋଦିଆଙ୍କ ଘରେ ସିବିଆଇ ଚଢ଼ାଉ



ନୂଆଦିଲ୍ଲୀ, ୧୯/୦୮ : ଦିଲ୍ଲୀରେ ଅବକାରୀ ନୀତିରେ ଦୁର୍ନୀତି ହୋଇଛି । ଏହି ଅଭିଯୋଗରେ ସିବିଆଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଘରେ ରେଡ୍ କରିଛି । ଆଉ ଏହି ମାମଲାରେ ତାଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଇଛି । ଏହି ରେଡ୍ ପୂର୍ବରୁ କିନ୍ତୁ ନ୍ୟୁୟର୍କ ଟାଇମ୍ସରେ ଦିଲ୍ଲୀ ଶିକ୍ଷା ନୀତିକୁ ନେଇ ଏକ ଖବର ପ୍ରକାଶ ପାଇଥିଲା । ବିଜେପି କହିଛି ଏହା ଏକ ପେଡ୍ ନ୍ୟୁଜ । ତେବେ ଆପ୍ କହିଛି ଦିଲ୍ଲୀ ସରକାରର ସଫଳତା ସହିପାରୁନି କେନ୍ଦ୍ର । ତେଣୁ ଶାସକ ଦଳ ବିଜେପି ପ୍ରତିଶୋଧମୂଳକ ଭାବେ ତଦନ୍ତକାରୀ ସଂସ୍ଥା ଲଗାଇ ବିରୋଧୀଙ୍କୁ ଚୁପ୍ କରିବାକୁ ପ୍ରୟାସ କରୁଛି । ଦିଲ୍ଲୀ ସରକାରର ଶିକ୍ଷା ନୀତି ବାବଦରେ ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶ ପାଇଛି । ଏହାକୁ ନେଇ ଶାସକ ଦଳ ଆମ୍ ଆଦମୀ ପାର୍ଟି ଖୁସି ପ୍ରକଟ କରୁଥିବା ବେଳେ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଘରେ ସିବିଆଇ ରେଡ୍ କରିଛି । ୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ୨୦ଟି ଠିକଣାରେ ରେଡ୍ କରିଛି ସିବିଆଇ । ଗତବର୍ଷ ନଭେମ୍ବର ମାସରେ ଦିଲ୍ଲୀ ସରକାର ଅବକାରୀ ନୀତି ଆଣିଥିଲେ । ଯେଉଁଥିରେ ମଦ ଦୋକାନ ଖୋଲିବା ନେଇ ଆବଶ୍ୟକ ଲାଇସେନ୍ସ ବିଭିନ୍ନ ଘରୋଇ ସଂସ୍ଥାକୁ ଦିଆଯାଇଥିଲା । ଏପରି ପ୍ରକ୍ରିୟାରେ ଦୁର୍ନୀତି ହୋଇଥିବା ଅଭିଯୋଗ ରହିଛି । ପରେ ସିବିଆଇ ରେଡ୍ କରିଛି । ମିଳିଥିବା ସୂଚନା ଅନୁସାରେ ଚଢ଼ାଉ ବେଳେ ଅବକାରୀ ନୀତି ସଂପର୍କିତ ଆବଶ୍ୟକ ଦସ୍ତାବିଜ ପାଇଛି । ସିସୋଦିଆଙ୍କୁ ସିବିଆଇ ଅଧିକାରୀ ଜେରା କରିଥିବା ସୂଚନା ରହିଛି । ଅନ୍ୟପଟେ ଆର୍ଥିକ ଅନିୟମିତତା ଅଭିଯୋଗ ଥିବାରୁ ଇଡି ମନି ଲଣ୍ଡରିଂ ମାମଲାରେ ତଦନ୍ତ କରିବ ବୋଲି ସୂଚନା ମିଳିଛି । ତେବେ ଏପରି ରେଡକୁ ଆପ୍ ପ୍ରତିଶୋଧମୂଳକ ରାଜନୀତି ବୋଲି କହିଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ଆପ ସରକାରର ସଫଳତାକୁ କେନ୍ଦ୍ରର ବିଜେପି ସହିପାରୁନଥିବା ଟୁଇଟ୍ କରି କହିଛନ୍ତି ମନୀଷ ସିସୋଦିଆ । ସିବିଆଇ ରେଡ୍ ପରେ ଦିଲ୍ଲୀ ରାଜନୀତି ସରଗରମ ହୋଇଛି । ନିକଟରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ରହିଛି । ଏହା ପୂର୍ବରୁ ବିରୋଧୀ ବିଜେପି ଏବଂ ଶାସକ ଦଳ ଆମ୍ ଆଦମୀ ପାର୍ଟି ମୁହାଁମୁହିଁ ହୋଇଛନ୍ତି। କେଜ୍ରିଓ୍ୱାଲ ସରକାର ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ ନିଜର ମେଡଲ ବୋଲି କହି ସାରା ଦେଶରେ ନିଜର ପତିଆରା ଜାହିର କରିବାକୁ ଅଂଟା ଭିଡିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ରାଜ୍ୟ ଗୁଜରାଟ ଯାଇ ମଧ୍ୟ ବିଜେପିକୁ ଚ୍ୟାଲେଞ୍ଜ କରିଥିଲେ ଅରବିନ୍ଦ କେଜ୍ରିଓ୍ୱାଲ । ବିଜେପି କହିଛି ପେଡ୍ ନ୍ୟୁଜ ଜରିଆରେ କେଜ୍ରିଓ୍ୱାଲ ନିଜର ଭାବମୂର୍ତ୍ତି ସଜାଡୁଛି । ଆଉ ଏହାର ପାଲଟା ଜବାବ ରଖିଛି ବିଜେପି । ଏହି ରେଡ୍ ପୂର୍ବରୁ ଦିଲ୍ଲୀର ଅନ୍ୟତମ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ୍ ଗିରଫ ହୋଇ ଜେଲରେ ରହିଛନ୍ତି । ଜେରା ବେଳେ ଅନେକ ତଥ୍ୟ ଲୁଚାଉଥିବା ସୂଚନା ତଦନ୍ତକାରୀ ସଂସ୍ଥା କୋର୍ଟକୁ କହିଛନ୍ତି । ଅନ୍ୟପଟେ ବିରୋଧୀଙ୍କୁ ଚୁପ କରିବାକୁ କେନ୍ଦ୍ର ତଦନ୍ତକାରୀ ସଂସ୍ଥାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ଅଭିଯୋଗ ରହିଛି ।

## 'ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ' : ପ୍ରଶାସନକୁ ସହଯୋଗ ପାଇଁ ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯/୦୮ (ନି.ପ୍ର): ୪ଟି ଜିଲ୍ଲାକୁ ପ୍ରବଳ ବର୍ଷା ଥିବାରୁ ଏହାର ମୁକାବିଲା କରିବା ପାଇଁ ଜୋରଦାର ପ୍ରସ୍ତୁତି କରିଛି ଜିଲ୍ଲା ପ୍ରଶାସନ । ତେବେ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇଛନ୍ତି । ଭୟଭୀତ ନହୋଇ ପ୍ରଶାସନକୁ ସହଯୋଗ କରିବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ । ଆଜି ରାତିରୁ କେଉଁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ କରାଇଛି । ତେଣୁ ଏଥିରେ ଭୟଭୀତ ନହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ପ୍ରଶାସନର ନିର୍ଦ୍ଦେଶ ଅନୁସାରେ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ ତେଣୁ ସମସ୍ତେ ନିଜକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଛନ୍ତି ।

## ଗଭୀର ଅବପାତରେ ପରିଣତ ହେଲା ଅବପାତ



ଭୁବନେଶ୍ୱର,୧୯/୦୮ (ନି.ପ୍ର): ଗଭୀର ଅବପାତରେ ପରିଣତ ହୋଇଛି ଅବପାତ। ବର୍ତମାନ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ସକ୍ରିୟ ରହିଛି। ଶୁକ୍ରବାର ଅପରାହ୍ନରେ ଅବପାତ ଘନୀଭୂତ ହୋଇ ଗଭୀର ଅବପାତ ରେ ପରିଣତ ହୋଇଛି । ଏହା ବାଲେଶ୍ୱର ଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୨୦୦ କିମି ଏବଂ ଦିଘା ଠାରୁ ପୂର୍ବ-ଦକ୍ଷଣ ପୂର୍ବ ଦିଗରେ ୧୪୦କିମି ଦୂରରେ ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ କେନ୍ଦ୍ରୀଭୂତ ରହିଛି। ଭୁବନେଶ୍ୱରେ ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଆଜି ଉତର ଓଡିଶାର ଚାରୋଟି ଜିଲ୍ଲାରେ ଭାରୀ ବର୍ଷା ହେବାର ସମ୍ଭାବନା ଥିବାରୁ ବାଲେଶ୍ୱର, ଭଦ୍ରକ, ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲା ପାଇଁ ରେଡ ୱାର୍ଣ୍ଣିଂ ଜାରୀ କରା ଯାଇଛି । ସେହିପରି ଓଡ଼ିଶାର ସମସ୍ତ ବନ୍ଦର ଗୁଡିକ ପାଇଁ ୩ ନମ୍ବର ବିପଦ ସଂକେତ ଜାରିହୋଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ ଉତର ଓଡିଶାର ଚାରୋଟି ଜିଲ୍ଲାରେ ଆଜି ବର୍ଷାର ପ୍ରଭାବ ରହିବ । ସେହିପରି ଆସନ୍ତାକାଲି ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ଛତିଶଗଡ଼ରେ ମଧ୍ୟ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଆଜି ପାଇଁ ଓଡ଼ିଶାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି । ଆଜି ତଥା ୧୯ ତାରିଖରେ ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବ । ସେହିପରି ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏଗୁଡିକ ହେଲା କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ ଯାଜପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ▶▶ପୃଷ୍ଠା ୭

## ବେଆଇନ୍ ବାଲି ଉଠାଣ ଉପରେ ରୋକ୍ ଲଗାନ୍ତୁ ସରକାର : ଅପରାଜିତା



ଭୁବନେଶ୍ୱର, ୧୯/୦୮ (ନି.ପ୍ର): ଜୟଦେବ ବିଧାନସଭା କ୍ଷେତ୍ରର ବାଲିପାଟଣା ଓ ବାଲିଅନ୍ତା ବ୍ଲକର କୁଆଖାଇ ଓ କୁଶଭଦ୍ରା ନଦୀରେ ବେଆଇନଭାବେ ବାଲି ଉଠାଣ ଚାଲିଛି । ଏଥିରେ ଶାସକ ଦଳର ପ୍ରଭାବଶାଳୀ ନେତାଙ୍କ ହାତଥିବା ଅଭିଯୋଗ କରିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି ଯେ, ଲିଜ୍‌ଧାରୀ ବାଲି ଉଠାଣ ବେଳେ ନୀତି ନିୟମ ମାନୁ ନାହାନ୍ତି। ଜେସିବି ଲଗାଇ ରାତିରେ ବେଆଇନ ଭାବେ ବାଲି ଖନନ ଓ ଚାଲାଣ ଚାଲିଛି । ଏଥିରେ ସମ୍ପୃକ୍ତ ରାଜନେତା ନିୟମିତ ଭାବେ ଲିଜ୍‌ଧାରୀଙ୍କ ଫାର୍ମ ହାଉସକୁ ଯାଉଛନ୍ତି। ବେଆଇନ ବାଲି ଚାଲାଣକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି, ସରକାର ରୋକ୍ ଲଗାନ୍ତୁ ବୋଲି ଅପରାଜିତା ଦାବି କରିଛନ୍ତି।

## ଭାରତ-ଚୀନ ସମ୍ପର୍କକୁ ନେଇ ଭାରତୀୟ ବୈଦେଶିକମନ୍ତ୍ରୀଙ୍କ ବଡ ବୟାନ



ନୂଆଦିଲ୍ଲୀ, ୧୯/୦୮ : ଭାରତ-ଚୀନ ସମ୍ପର୍କକୁ ନେଇ ବଡ ବୟାନ ରଖିଛନ୍ତି ଭାରତୀୟ ବୈଦେଶିକମନ୍ତ୍ରୀ ଏସ ଜୟଶଙ୍କର । ଦୁଇ ଦେଶର ସମ୍ପର୍କ କଠିନ ସ୍ଥିତି ଦେଇ ଗତି କରୁଥିବା ସ୍ପଷ୍ଟ ଶବ୍ଦରେ କହିଛନ୍ତି ଏସ ଜୟଶଙ୍କର । ଭାରତ ଓ ଚୀନ ମଧ୍ୟରେ ଅନେକ ଥର ସାମରିକ ଓ କୁଟିନୀତିସ୍ତରରେ ଆଲୋଚନା ପରେ ସମାଧାନର ବାଟ ଫିଟୁନଥିବା ଥାଇଲ୍ୟାଣ୍ଡରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଜୟଶଙ୍କର । ଦୁଇ ଦେଶ କିଭଳି ନିଜ ସୌହାର୍ଦ୍ଦ୍ୟ ପୂରା କରୁଛନ୍ତି ତା ଉପରେ ଦୁଇ ଦେଶର ସମ୍ପର୍କ ନିର୍ଭର କରୁଛି । ସେ ଏକଥା ମଧ କହିଛନ୍ତି କି ଚୀନର ବେଆଇନ ଗତିବିଧି ଦୁଇ ଦେଶର ସମ୍ପର୍କକୁ ଖରାପ କରୁଛି । ବିଶେଷ କରି ସୀମା ବିବାଦରେ ଚୀନର ଭୂମିକା କିଛି ଠିକ ନାହିଁ ଓ ଏହାର ସମାଧାନ ପାଇଁ ଭାରତ ଏକତରଫା ଉଦ୍ୟମ କରି ଚାଲିଛି ।ଏଥିସହ ଜୟଶଙ୍କର ସ୍ପଷ୍ଟ କରିଛନ୍ତି କି ସୀମାରେ ଉତେଜନା କମ ହୋଇନି । ଯେଉଁ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହୋଇନି ପର୍ଯ୍ୟନ୍ତ ସମ୍ପର୍କରେ ସୁଧାର ଆସିବା କମ ଥିବା ଭାରତ କହିଛି ।

## ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଲା ଦିଲ୍ଲୀ ସ୍କୁଲ ମଡେଲ



ନୂଆଦିଲ୍ଲୀ, ୧୯/୦୮ : ଦିଲ୍ଲୀ ଶିକ୍ଷା ମଡେଲକୁ ନେଇ ଆମେରିକାରର ସବୁଠୁ ବଡ ଖବରକାଗଜ ନ୍ୟୁ ୟର୍କ ଟାଇମ୍ସରେ ଏକ ଖବର ପ୍ରକାଶ ପାଇଛି । ଖବରକାଗଜର ପ୍ରଥମ ପୃଷ୍ଠାରେ ଦିଲ୍ଲୀ ଶିକ୍ଷା ମଡେଲର ଭୁରି ଭୁରି ପ୍ରଂଶସା ମଧ କରାଯାଇଛି । ଦିଲ୍ଲୀର ଶିକ୍ଷାମନ୍ତ୍ରୀ ମନିଷ ଶିସୋଦିଆଙ୍କ ଏକ ଫଟୋ ମଧ ସ୍ଥାନିତ କରାଯାଇଛି । ଦିଲ୍ଲୀ ସ୍କୁଲକୁ କିଭଳି ମଡେଲ ସ୍କୁଲରେ ପରିଣତ କରାଯାଇଛି ତାହା ଉପରେ ପୂରା ରିପୋର୍ଟ ଉପସ୍ଥାପନା କରିଛି ଆମେରିକାର ଏହି ଲୋକପ୍ରିୟ ଖବରକାଗଜ । ଗତ ୫ ବର୍ଷରେ ଅଢେଇ ଲକ୍ଷ ଛାତ୍ରଛାତ୍ରୀ ଘରୋଇ ସ୍କୁଲ ଛାଡି ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି ସେକଥା ମଧ ଆଲେଖ୍ୟରେ ସ୍ଥାନ ଦିଆଯାଇଛି । ଅନ୍ୟପଟେ ହେଲେ ବିଜେପି ଏହାକୁ ବିରୋଧ କରିଛି । ଦଳ କହିଛି ସମାନ ଖବର ଦୁଇ ଅର୍ନ୍ତଜାତୀୟ ଖବର କାଗଜ ଖଲିଜ ଟାଇମ୍ସ ଓ ନ୍ୟୁ ୟର୍କସ ଟାଇମ୍ସରେ କିଭଳି ଏକ ସାଙ୍ଗରେ ପ୍ରକାଶ ହୋଇଛି ? ରିପୋର୍ଟ ସହ ସମାନ ଫଟୋକ ସ୍ଥାନ ପାଇବାକୁ ନେଇ ବିଜେପି ପ୍ରଶ୍ନ ଉଠାଇଛି ।

## ଏକାଥରେ ୫ ପୁଲିସ୍ କର୍ମଚାରୀ ନିଲମ୍ବିତ

ଭୁବନେଶ୍ୱର, ୧୯/୦୮ (ନି.ପ୍ର): କର୍ତ୍ତବ୍ୟରେ ଅନିୟମିତତା ଓ ଅହେତୁକ ଅନୁକମ୍ପା ପ୍ରଦର୍ଶନ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ମାଲକାନଗିରି ଜିଲ୍ଲାର ୫ ପୁଲିସ୍ କର୍ମଚାରୀ । ଏହି କର୍ମଚାରୀମାନେ କୁଡୁମୁଲୁଗୁମ୍ମା ସ୍ଥିତ ପୁଲିସ୍ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ । ନିଲମ୍ବିତ ହୋଇଥିବା ୫ ପୁଲିସ୍ କର୍ମଚାରୀଙ୍କ ମଧ୍ୟରେ ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଅନ୍ୟ ୪ ଜଣ କନଷ୍ଟେବଳ ଅଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୫ ପୁଲିସ୍ ଗତ ବୁଧବାର ଏକ ଗଞ୍ଜେଇ ବୋଝେଇ ଗାଡ଼ି ଧରିଥିଲେ। ମାତ୍ର ଗାଡ଼ିଟିକୁ ଛାଡ଼ି ଦେବାକୁ ମୁଲଚାଲ କରୁଥିଲେ। ଏପରିକି ଗାଡ଼ିରେ ଥିବା ବ୍ୟକ୍ତିଙ୍କୁ ଧରି ଟଙ୍କା ଉଠାଇବାକୁ ଏଟିଏମ୍‌କୁ ଯାଇଥିଲେ। ଖବର ପାଇ ଏସଡିପିଓ ପହଞ୍ଚି ଗଞ୍ଜେଇ ବୋଝେଇ ଗାଡ଼ିଟିକୁ ଜବତ କରିଥିଲେ। ଏହାପରେ ଗତକାଲି ମାଲକାନଗିରି ଏସ୍‌ପି ଏହି ୫ ପୁଲିସ୍ କର୍ମଚାରୀଙ୍କ ନିଲମ୍ବନ ଆଦେଶ ଦେଇଛନ୍ତି। ତେବେ ନିଲମ୍ବନ ପଛର କାରଣ କ'ଣ ସେ ସମ୍ପର୍କରେ ଅଫିସିଆଲି କିଛି କୁହାଯାଇନି।

## ହୀରାକୁଦର ୨୦ଟି ଗେଟ୍ ଖୋଲା



ଭୁବନେଶ୍ୱର,୧୯/୦୮ (ନି.ପ୍ର): ଶୁକ୍ରବାର ଦିନ ହୀରାକୁଦ ଜଳ ଭଣ୍ଡାରର ୮ ଟି ଗେଟ୍ ବନ୍ଦ କରାଯାଇଛି। ମଧ୍ୟାହ୍ନରେ ୪ ଟି ଗେଟ୍ ବନ୍ଦ କରାଯାଇଥିବା ବେଳେ ଅପରାହ୍ନରେ ଆଉ ୪ ଟି ଗେଟ୍ ବନ୍ଦ କରାଯାଇଛି। ଅପରାହ୍ନ ୬ ଟା ସୁଦ୍ଧା ମୋଟ୍ ୨୦ ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ବର୍ତମାନ ହୀରାକୁଦର ଜଳସ୍ତର ୬୨୧.୬୭ ଫୁଟ୍ କରିଛି। ଡ୍ୟାମ୍ ମଧ୍ୟକୁ ପ୍ରତି ସେକେଣ୍ଡ ୨,୭୩,୪୭୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୩,୫୦,୭୯୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରାମାଳ ଠାରେ ୬ ଲକ୍ଷ ୫୪ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ ୭ ଲକ୍ଷ ୭୫ ହଜାର ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୯ ଲକ୍ଷ ୩୩ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଆସନ୍ତାକାଲି ସୁଦ୍ଧା ଡ୍ୟାମର ଜଳସ୍ତର ୬୨୦ ଦଶମିକ ପାଂଚ ଫୁଟକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏସଆରସି ପ୍ରଦୀପ ଜେନା କହିଛନ୍ତି।

## ଡୋଲୋ-୬୫୦ ପାଇଁ ଡାକ୍ତରଙ୍କୁ ହଜାରେ କୋଟିର ଉପହାର ଦେଇଛି ଫାର୍ମା କମ୍ପାନୀ




ନୂଆଦିଲ୍ଲୀ, ୧୯/୦୮ : ଆପଣ ଯେଉଁ ଔଷଧ ଖାଉଛନ୍ତି ତା ଡାକ୍ତରଙ୍କ ରୋଗୀଙ୍କ ଆବଶ୍ୟକତା ପାଇଁ ମନରୁ ଲେଖୁଛନ୍ତି ନା ଉପହାର ପାଇଁ ତାହା ଏବେ ସନ୍ଦେହଘେରକୁ ଆସିଛି । ଆପଣଙ୍କ ମନେ ଥିବ କରୋନା ସମୟରେ ଟାବଲେଟ ଡୋଲୋ ୬୫୦କୁ ନେଇ ଖୁବ ଚର୍ଚ୍ଚା ହୋଇଥିଲା । ଜରରୁ ଉପଶମ ପାଇବା ପାଇଁ ଡାକ୍ତର ଏହି ଟାବଲେଟ ପ୍ରେସକ୍ରାଇ କରୁଥିଲେ ଓ ରୋଗୀମାନେ ବି ଏହାକୁ ଖାଇବା ଦ୍ୱାରା ଶିଘ୍ର ସୁସ୍ଥ ହେଉଥିଲେ । ତେବେ ଏହା ଭିତରେ ଏବେ ଚାଂଚଲ୍ୟକର ଖୁଲ୍ଲାସା ହୋଇଛି । ଔଷଧର ବିକ୍ରି ବୃଦ୍ଧି କରିବା ପାଇଁ ଏହାର ଜୋରଦାର ପ୍ରମୋସନ କରିଥିଲା ନିର୍ମାଣକାରୀ କମ୍ପାନୀ । ଏହା ପାଇଁ ଡାକ୍ତରମାନଙ୍କୁ ହଜାରେ କୋଟିର ଉପହାର ମଧ ଦେଇଥିଲା । ଏହି କଥାକୁ ଦାବି କରିବା ସହ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଫେଡେରେସନ ଅଫ ମେଡିକାଲ ରିସର୍ଚ୍ଚ ଆଣ୍ଡ ସେଲସ ରିପ୍ରେଜେନଟିଭ ଅଫ ଇଣ୍ଡିଆ । ପୂରା ଘଟଣାଟି କ୍ରମ ଦେଖନ୍ତୁ ଏହି ରିପୋର୍ଟରେ । କୋଭିଡ ସମୟରେ ଦେଶରେ ପାରାସିଟାମଲ ବଟିକା ଡୋଲୋ-୬୫୦ର ଆବଶ୍ୟକତାଠୁ ଅଧିକ ବିକ୍ରି ନେଇ ବେଶ ଚର୍ଚ୍ଚା ହୋଇଥିଲା । ଜର ହେବା ମାତ୍ରକେ ରୋଗୀଙ୍କୁ ଡାକ୍ତର କହୁଥିଲେ ଏହି ଟାବଲେଟ ନିଅନ୍ତୁ ଓ ଆପଣ ଠିକ ହୋଇଯିବେ । କୋଭିଡର ଭୟରେ ଡାକ୍ତରଙ୍କ ପରାର୍ମଶ ମାନି ରୋଗୀ ଡୋଲୋ ୬୫୦ ଖାଉଥିଲେ ଓ ଶିଘ୍ର ସୁସ୍ଥ ମଧ ହେଉଥିଲେ । ତେବେ ଏହା ଭିତରେ ଏକ ବଡ ତଥ୍ୟ ସାମ୍ନାକୁ ଆସିଛି । ରୋଗୀଙ୍କୁ ଏହି ଟାବଲେଟ ପ୍ରେସକ୍ରାଇବ କରିବା ପାଇଁ ଫାର୍ମ କମ୍ପାନୀ ଡାକ୍ତରମାନଙ୍କୁ ପୂରାପୁରି ୧୦୦୦କୋଟିର ଉପହାର ଦେଇଥିବା ଜଣାପଡିଛି । ଆବେଦନକାରୀ ଏଫଏମଆରଆଇଏ ନିଜ ଆବେଦନରେ କହିଛନ୍ତି ଯେ ମାଇକ୍ରୋ ଲ୍ୟାବ ଡାକ୍ତରମାନଙ୍କୁଙ୍କୁ ମୋଟା ଅଙ୍କର ଅର୍ଥ ଲାଂଚ ଦେଇ ଡୋଲୋ ୬୫୦ ଟାବଲେଟର ପ୍ରମୋସନ କରିଛି ଓ ଅପେକ୍ଷାକୃତ ଅଧିକ ବ୍ୟବସାୟ କରିଛି । ଡାକ୍ତରମାନେ ଡୋଲୋ ୬୫୦ ଟାବଲେଟ ପ୍ରେସକ୍ରାଇବ କରୁଥିଲେ ଓ ସେମାନଙ୍କୁ ଫାର୍ମା କମ୍ପାନୀ ବଡ ଧରଣର ଉପହାର ମିଳିଥିବା ସୁପ୍ରିମକୋର୍ଟରେ ଦାଖଲ ଆବେଦନରେ କୁହାଯାଇଛି । ଉପହାର ରୂପରେ କମ୍ପାନୀ ଡାକ୍ତରଙ୍କୁ ଦେଇଥିବା ଲାଂଚ ପାଇଁ ପ୍ରାୟ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ▶▶ପୃଷ୍ଠା ୭

## ଘରେ ପାଣି, ନଦୀ ବନ୍ଧରେ ଲୋକ : ଜରିପାଲ ତଳେ ବିତୁଛି ଜୀବନ



ଭୁବନେଶ୍ୱର, ୧୯/୦୮ (ନି.ପ୍ର): ଘରେ ପାଣି ପଶିଯିବାରୁ ଦିନରାତି ଲୋକ ନଦୀବନ୍ଧ ଉପରେ ଜୀବନ ବିତାଉଛନ୍ତି ଲୋକ । ପୁରୀ ଜିଲ୍ଲା ପିପିଲି ବ୍ଲକ ଉତରାସ୍ଥିତ ଫୁଵା ଶାସନର ଏହି ଦୃଶ୍ୟ ସାମ୍ନାକୁ ଆସୁଛି । ଦୟାନଦୀର ପାଣି ଘରେ ପଶିଯିବା ପରେ ଜୀବନ ବିକଳରେ ବନ୍ଧ ଉପରକୁ ଚାଲିଆସିଥିଲେ ପ୍ରାୟ ୨୦ଟି ପରିବାରର ୨୦୦ ଲୋକ । ଏକ ବିଂଶ ଶତାବ୍ଦୀରେ ବି କାହିଁକି ଲୋକ ନଦୀବନ୍ଧ ଉପରେ ଆଶ୍ରୟ ନେବେ । କାହିଁକି ସେମାନଙ୍କୁ ସୁରକ୍ଷିତ ଘର ଘଣ୍ଟିଏ ଯୋଗାଇ ଦିଆଯିବନାହିଁ । ଯେଉଁଠି ନଥିବ ବନ୍ୟା କିମ୍ବା ବାତ୍ୟାର ଭୟ । ସ୍ୱାଧୀନତାର ୭୫ ବର୍ଷ ପାଳିଲାବେଳେ ଏହି କଥାଟି ଆମକୁ ଆନ୍ଦୋଳିତ କରିଥିଲା । ଆଉ ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଥିଲା ସ୍ଥାନୀୟ ପ୍ରଶାସନ । ଏ କେବଳ ଗୋଟିଏ ଅଞ୍ଚଳ ଥିଲା । କିନ୍ତୁ ଆମ ପ୍ରତିନିଧିମାନେ ଖବର ସଂଗ୍ରହ କରିବାକୁ ଗଲାବେଳେ ବିଭିନ୍ନ ସ୍ଥାନରୁ ଏହିଭଳି ଚିତ୍ର ସବୁ କ୍ୟାମେରା ସାମ୍ନାକୁ ଆସୁଛି । ଜଗତସିଂହପୁର ତିର୍ତୋଲରେ ମହାନଦୀ ବନ୍ଧ ଉପରେ ଆଶ୍ରୟ ନେଇଛନ୍ତି ୩୦ରୁ ଅଧିକ ପରିବାର । ସେମାନଙ୍କ ଘରେ ପାଣି ପଶିଯିବା ପରେ ଗତ ରବିବାରଠାରୁ ରାତିଦିନ ନଈବନ୍ଧ ଉପରେ ଅସ୍ଥାୟୀ କୁଡିଆ କରି ଏମିତି ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି । ସେହି ଜଗତସିଂପୁର ଜିଲ୍ଲାର ଆହୁରି ଅନେକ ଦୃଶ୍ୟ ସାମ୍ନାକୁ ଆସିଛି । ମଣିଜଙ୍ଗା ଅଞ୍ଚଳର ଲୋକ ଏକ କେନାଲ ବନ୍ଧକୁ ଚାଲିଆସିଛନ୍ତି । ଦୁର୍ଭାଗ୍ୟର କଥା ହେଉଛି ନଈ କୂଳିଆ ଅଞ୍ଚଳର ଲୋକଙ୍କୁ ପ୍ରାକୃତିକ ଦୁର୍ବିପାକ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପାଇଁ ସରକାର ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ତିଆରି କରିଛନ୍ତି । ତଥାପି ନଦୀବନ୍ଧ ଉପରେ ଏଭଳି ଶହଶହ ଲୋକ ରହିବା ସରକାରୀ ସୁବିଧା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଛିଡା କରିଛି ।

# ବନ୍ୟାଂଚଳରେ ୧୫ଦିନ ପାନୀୟ ଜଳ ଯୋଗାଇ ଦିଆଯିବ : ମନ୍ତ୍ରୀ ଅତନୁ ସବ୍ୟସାଚୀ

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବନ୍ୟା କ୍ଷତିଗସ୍ତ ଅଚଂଳ ଓ ଜଳବନ୍ଦୀ ଥିବା ଅଂଚଳରେ ୧୫ଦିନ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବ । ଏହାସହ ପାଣି କମିବାମାତ୍ରେ ସଂପୃକ୍ତ ଅଂଚଳରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ଥିବାରୁ ତୁରନ୍ତ ଡାକ୍ତରୀ ଟିମ୍ ଓ ସାପ କାମୁଡା, ଝାଡା, ବାନ୍ତି, ଜ୍ୱର ଆଦି ବ୍ୟାପିବାର ଥିବାରୁ ଏହାକୁ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଔଷଧ ପତ୍ର ଯୋଗାଇ ଦିଆଯିବ । ଜଳସେଚନ ବିଭାଗର ଅଧିକାରୀମାନେ ଘଳିଆ ପଡିଥିବା ସ୍ଥାନକୁ ସ୍ଥାୟୀ ମରାମତି କରିବା ସହ ସ୍ଲୁଇସ୍ ଗେଟ୍‌ର ସୁବନ୍ଦୋବସ୍ତ ଓ ମରାମତି କରିବା ପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ କେନ୍ଦ୍ରାପଡା ଗସ୍ତରେ ଆସି ବନ୍ୟା ପରିସ୍ଥିତି ସମୀକ୍ଷା କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବନ୍ୟା ପରିସ୍ଥିତି ସମୀକ୍ଷା ବୈଠକରେ ଉଭୟ ମନ୍ତ୍ରୀଙ୍କ ସହ ବିଧାୟକ ଶଶି ଭୂଷଣ ବେହେରା, ଧ୍ରୁବ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମସୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ଶୁନ୍ୟ ମୃତାହତ ଉପରେ ଗୁରୁତ୍ୱ କଥା ସ୍ମରଣ କରାଇ ଜିଲ୍ଲାରେ କୌଣସି ମୃତାହତ ଘଟଣା ଘଟି ନଥିବାରୁ ପ୍ରଶାସନକୁ ସାଧୁବାଦ ଜଣାଇଥିଲେ । ଏହା ସହ ବିପନ୍ନ ମାନଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଲୁଣା, କରାଣ୍ଡିଆ, ଚିତ୍ରୋପ୍ଳା ଓ ପାଇକା ନଦୀରେ ବନ୍ୟା ଆସିବା ଯୋଗୁଁ ୮୯୯୮୩ ଜଣ କ୍ଷତିଗସ୍ତ ହୋଇଥିବା ବେଳେ ୧୯ହଜାର ୨୨ ଜଣ ଜଳବନ୍ଦୀ ଅବସ୍ଥାରେ ରହିଥିବା ସୂଚନା ଦେଇଥିଲେ । ମାର୍ଶାଘାଇ, ମହାକାଳପଡା, ଗରଦପୁର, ଡେରାବିଶ ବ୍ଲକ ତଥା କେନ୍ଦ୍ରାପଡାର ୪୧ଟି ପଂଚାୟତର ୯୩ଟି ଗାଁ ଓ ପୌରାଂଚଳର ୬ଟି ୱାର୍ଡ ପ୍ରଭାବିତ ହୋଇଥିବା ସୂଚାଇ ଥିଲେ । ଆଜି ପର୍ଯ୍ୟନ୍ତ ୭ ହଜାର ୧୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟ ସ୍ଥଳରେ ରଖାଯାଇଛି । ଶୁଖିଲା ଖାଦ୍ୟ, ଔଷଧ, ପାନୀୟ ଜଳ, କିରାସିନ ଆଦି ଯୋଗାଇ ଦିଆଯାଇଛି । ଆଶ୍ରୟ ସ୍ଥଳରେ ମେଡିକାଲ ଟିମ୍ ସ୍ୱାସ୍ଥ୍ୟସେବା ପାଇଁ ନିଯୁକ୍ତ ଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ । ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ, ଶ୍ରୀ ନାୟକ ପ୍ରମୁଖ ବସପୁର, ନାନକାର, ନୁଆପଡା, ବଟିରା, ଗରଦପୁର ଓ ମାର୍ଶାଘାଇ ବ୍ଲକର କ୍ଷତିଗସ୍ତ ଅଚଂଳ ପରିଦର୍ଶନ କରିଥିଲେ । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଡ଼ଃ ସିପ୍ରା ମଲଲ୍ଲିକ, ସଂଜୟ ଅଗ୍ରୱାଲା, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା, ପିଡି ରାଜେନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ ଲାଇନ ଡିପାଟମେଂଟର ସମସ୍ତ ନିର୍ବାହୀ ଯନ୍ତ୍ରୀ ଓ ଯନ୍ତ୍ରୀ ମାନଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ଉପସ୍ଥିତ ଥିଲେ ।

## ପାଣି ଭିତରେ ସଢ଼ିଗଲା ଫସଲ, ଆଗକୁ ଗୁରୁତର ପରିବା ସଙ୍କଟ

କଟକ ,୧୮/୦୮ (ନି.ପ୍ର): କଟକ ଜିଲ୍ଲାର ହେକ୍ଟର ହେକ୍ଟର ଚାଷ ଜମି ବୁଡ଼ି ରହିଛି ପାଣି ଭିତରେ । ଆଗକୁ ସପ୍ତାହେ ଯାଏ ପାଣି ଛାଡିବା ଆଶା କ୍ଷୀଣ । ଚାଷ ହୋଇଥିବା ପନିପରିବା ପାଣି ଭିତରେ ସଢିଗଲାଣି । ଅନ୍ୟପଟେ ଚାଷ ଜମିରେ ନାଗାଦଳ ମାଡ଼ି ଯିବା ଫଳରେ ଯେଉଁ କିଛି ସ୍ଥାନରେ ପାଣି ଛାଡୁଛି, ସେଠାରେ ବି ପନିପରିବା ଚାଷ ନିକଟରେ ହେବା ସମ୍ଭାବନା ନାହିଁ । ଏଭଳି ସ୍ଥିତି ବାଙ୍କୀ ଓ ଡମପଡା ବ୍ଲକ୍, ଆଠଗଡ଼ର କଖଡି, ମଂଚେଶ୍ୱର, ତିଗିରିଆ, ବଡମ୍ବା ଓ ନରସିଂହପୁରର ଅନେକ ଗାଁରେ ସୃଷ୍ଟି ସୃଷ୍ଟି ହୋଇଛି । ଏହି ସବୁ ଅଞ୍ଚଳକୁ କଟକ ଜିଲ୍ଲାର ପରିବା ଝୁଡ଼ି କୁହାଯାଉଥିବା ବେଳେ ଆଗକୁ କଟକ-ଭୁବନେଶ୍ୱର ତଥା ଆଖପାଖ ଅଞ୍ଚଳରେ ପରିବା ଅମୂଲମୂଲ ହେବା ଆଶଙ୍କା ସୃଷ୍ଟି ହୋଇଛି । ସରକାରୀ ରିପୋର୍ଟ କହୁଛି କଟକ ଜିଲ୍ଲାରେ ପାଖାପାଖି ୪୦ହଜାର ହେକ୍ଟର ଚାଷ ଜମି ଏବେ ବି ପାଣି ଘେରରେ ରହିଛି । ସେଥିରୁ ଧାନ ଜମି ହେଉଛି ପାଖାପାଖି ୩୦ହଜାର ଓ ଅଣଧାନ ହେଉଛି ୧୦ହଜାର ହେକ୍ଟର । କୃଷି ବିଭାଗ ରିପୋର୍ଟ ଅନୁସାରେ ବାଙ୍କୀ ବ୍ଲକ୍‌ରେ ୮ହଜାର ୫୦୦ ହେକ୍ଟର ଚାଷ ଜମି ପାଣି ଭିତରେ ରହିଥିବାବେଳେ ସେଥିରୁ ୫୬୦୦ ହେକ୍ଟର ଧାନ ଓ ୨୮ଶହ ହେକ୍ଟର ଅଣଧାନ । ବାଙ୍କୀ-ଡମପଡା ବ୍ଲକ୍‌ରେ ୮୮୨୫ ହେକ୍ଟର, ବଡମ୍ବାରେ ୩୯୧୩, ନରସିଂହପୁରରେ ୩୫୭୦ ହେକ୍ଟର, ଆଠଗଡ଼ରେ ୧୯୫୧, ତିଗିରିଆରେ ୧୬୯୭, କଟକ ସଦରରେ ୧୨୯୪, କଣ୍ଟାପଡା ୧୦୬୦, ନିଆଳି ୨୫୪୩,ବାରଙ୍ଗରେ ୨୦୦, ଟାଙ୍ଗୀ-ଚୌଦ୍ୱାରରେ ୬୧୬, ନିଶ୍ଚିନ୍ତକୋଇଲିରେ ୧୫୭୪ ହେକ୍ଟର ଚାଷ ଜମି ଏବେ ପାଣି ଭର୍ତ୍ତି ହୋଇ ରହିଥିବା ଦର୍ଶାଯାଇଛି । କିନ୍ତୁ ସରକାରୀ ରିପୋର୍ଟଠାରୁ ଢେର ଅଧିକ ଜମି ଏବେବି ପାଣି ଘେରରେ ରହିଛି । ପାଣି ନିଷ୍କାସନ ହୋଇପାରୁନି । ଯଦିଓ ବର୍ଷା ପାଣି ଛାଡିବା ପରେ କୃଷି ବିଭାଗ ତାର ସଂପୂର୍ଣ୍ଣ କ୍ଷୟକ୍ଷତି ରିପୋର୍ଟ ଦେବ, ହେଲେ ଏବର ସ୍ଥିତି ଅନୁଯାୟୀ ଅଞ୍ଚଳରେ ହୋଇଥିବା କଲରା, ଜହ୍ନି, ପୋଟଳ, ବୋଦି, ଭେଣ୍ଡି, ଛଚିନ୍ଦ୍ରା, ବାଇଗଣ, ଟମାଟୋ ଫସଲ ସଂପୂର୍ଣ୍ଣ ଉଜୁଡି ଯାଇଛି । କୁଶପଙ୍ଗୀ ଗାଁର ଚାଷୀ ବକୁଳି ନାଏକ ୨୦ ଗୁଣ୍ଠ ଜମିରେ ପୋଟଳ, କଲରା, ବୋଦି ଲଗାଇଥିଲେ । ଫଳିବା ସମୟ ବି ହୋଇଥିଲା, ଏବେ କିନ୍ତୁ ସବୁନଷ୍ଟ । ସେହିପରି ବିଭୂତି ଭୂଷଣ ରଣା ପନ୍ଦର ଗୁଣ୍ଠ ଜମିରେ କଲରା, ପୋଟଳ, ଭେଣ୍ଡି, ଛଚିନ୍ଦ୍ରା ଚାଷ କରିଥିଲେ । ଏବେ ଚାଷ ଜମିରେ ୫ଦିନ ହେଲା ୧୦ଫୁଟ ପାଣି । ଯାହା ଥିଲା ସବୁ ଧୋଇ ନେଇଛି । ଧାନ ଚାଷର ସ୍ଥିତି ବି ସମାନ ।

## ଘୋଡ଼ାହାଡ଼ ନଦୀରେ ଭାସି ଯାଇ ଜଣେ ମୃତ

ଗଞ୍ଜାମ,୧୮/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ପଳାସପୁର ଗ୍ରାମର ରାଜୁ ନାୟକ ନାମକ ଜଣେ ଶ୍ରମିକ ଗତକାଲି ରାତିରେ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଘୋଡ଼ାହାଡ଼ ନଦୀରେ ଭାସି ଯାଇଥିଲେ । ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି କରିବା ପରେ ରାଜୁଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଛନ୍ତି । ପାଟପୁର ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରିଛି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଚତରାପଦା ଜଙ୍ଗଲରେ ବୁଲୁଛି ଗୁଳିବିଦ୍ଧ ଦନ୍ତା

କଟକ,୧୮/୦୮ (ନି.ପ୍ର): କଟକ ଜିଲ୍ଲା ନରସିଂହପୁର ଚତରାପଦା ଜଙ୍ଗଲରେ ଆଉ ଏକ ଗୁଳିବିଦ୍ଧ ଦନ୍ତାହାତୀ ଠାବ ହୋଇଛି । ହାତୀର ଶରୀରରେ ତିନୋଟି ଗୁଳି ବାଜିଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ । ଖବର ପାଇ ଘଟଣାସ୍ଥଳରେ ପହଂଚିଛନ୍ତି ଆଠଗଡ଼ ଡିଏଫଓ ଓ ବନ ବିଭାଗର ଅନ୍ୟ କର୍ମଚାରୀ । ହାତୀଟିକୁ ପ୍ରଥମେ ଟ୍ରାଙ୍କୁଲାଇଜ୍ କରାଯିବ ଏବଂ ତା ପରେ ତାର ଚିକିତ୍ସା କରାଯିବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ହାତୀକୁ ଗୁଳିମାଡ ହୋଇଛି କି ନାହିଁ ତାହା ସ୍ୱଷ୍ଟ ହୋଇପାରିନାହିଁ ବୋଲି କହିଛନ୍ତି ନରସିଂହପୁର ରେଞ୍ଜର ପ୍ରଫୁଲ୍ଲ କୁମାର ଦେହୁରୀ । ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲ୍ଲା ନରସିଂହପୁରରେ ବାରମ୍ବାର ହାତୀଙ୍କୁ ଗୁଳି ମାଡ ହେଉଥିବା ଖବର ସାମ୍ନାକୁ ଆସିଛି । ଯାହାକି ଅଂଚଳରେ ଶିକାରୀ ସକ୍ରିୟ ଥିବା ସ୍ୱଷ୍ଟ ହେଉଛି ।

## ରାଇକିଆ-କରଡା ରାସ୍ତାରେ ଭୂସ୍ଖଳନ: ଯାତାୟାତ ବାଧାପ୍ରାପ୍ତ



ବାଲିଗୁଡ଼ା,୧୮/୦୮ (ନି.ପ୍ର): ଲଗାଣ ବର୍ଷାରେ ରାଇକିଆ – କରଡା ରାସ୍ତାରେ ଭୂସ୍ଖଳନ ଘଟିଥିବାର ଖବର ମିଳିଛି । ମାଲାଗୁଡା ଘାଟିରେ ଭୂସ୍ଖଳନ ହୋଇଛି । ଏହାଫଳରେ ୪ଟି ପଞ୍ଚାୟତ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଥିବାର ଖବର ମିଳିଛି । କରଡା, ଇନ୍ଦ୍ରଗଡ, ରଣବା, ବଡବାରବା ୪ପଞ୍ଚାୟତ । ଦୁଇ ଦିନ ହେଲା ହେଲାଣି ବିଚ୍ଛିନ୍ନ ଧସିଲା କରଡ଼ା ଘାଟି ।

କନ୍ଧମାଳ ରାଇକିଆ ବ୍ଲକ କରଡ଼ା ଘାଟି ମାଲାଗୁଡ଼ା ନିକଟରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଘାଟିର ତିନୋଟି ସ୍ଥାନରେ ପାର୍ଶ୍ୱ କାନ୍ଥ ଧସି ଯାଇଛି । ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ଘାଟିର ବିଭିନ୍ନ ସ୍ଥାନ ଧୋଇଯାଇଥିଲା । ରାଇକିଆର ୪ଟି ପଞ୍ଚାୟତ କରଡ଼ା, ଇନ୍ଦ୍ରଗଡ଼, ରଣବା ଓ ବଡ଼ବାରବା ପଞ୍ଚାୟତର ପ୍ରାୟ ୧୦ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ତେବେ ଗଞ୍ଜାମ ସୋରଡାକୁ ମଧ ଏହି ରାସ୍ତା ସଂଯୋଗ କରୁଛି । ଏବେ ଭୂସ୍ଖଳନ ଘଟିଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଛି । ତେବେ ଘଟଣାରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି ।

## ଦୁଇଟି ସ୍ଥାନରେ ବସ-ଟ୍ରକ ମୁହାଁମୁହିଁ ଧକ୍କା : ୩ ଚାଳକ ଗୁରୁତର




ବୌଦ୍ଧ/ ନବରଙ୍ଗପୁର: ଆଜି ଭୋର ସମୟରେ ବୌଦ୍ଧ ଓ ନବରଙ୍ଗପୁରରେ ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥର ରାଧାନଗର ନିକଟ ବୃନ୍ଦାବନଠାରେ ଏକ ଯାତ୍ରୀବାହୀ ବସ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଛି । ଦୁର୍ଘଟଣାରେ ବସ କଣ୍ଡକ୍ଟର, ଟ୍ରକ ଚାଳକ ଓ ଜଣେ ବସ ଯାତ୍ରୀ ଆହତ ହୋଇଛନ୍ତି । ଦିଲଖୁସ(ଓଡି-୦୨-ଏୟୁ-୨୫୯୭) ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ କୋରାପୁଟ ଜିଲ୍ଲା ଉମରକୋଟ ଯାଉଥିଲା । ବୃନ୍ଦାବନଠାରେ ସାମ୍ନା ପଟରୁ ଆସୁଥିବା ଏକ ମାଲବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା । ବୌଦ୍ଧ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଆହତଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଏଣେ ନବରଙ୍ଗପୁର ଜିଲ୍ଲା ଆମ୍ବପାଣି ଘାଟିରେ ଏକ ସରକାରୀ ବସ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଉଭୟ ବସ ଓ ଟ୍ରକ ଡ୍ରାଇଭର ଗୁରୁତର ଥିବା ଜଣାଯାଇଛି । ଗୁରୁତରମାନଙ୍କୁ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପାପଡାହାଣ୍ଡି ଓ କଳାହାଣ୍ଡି ଜିଲ୍ଲା କୋକସରା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଛନ୍ତି ।

## ଦରଦାମ ବୃଦ୍ଧି ବିରୋଧରେ କଂଗ୍ରେସର ପଥପ୍ରାନ୍ତ ସଭା

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି ଜନ ସାଧାରଣଙ୍କୁ ଅତିଷ୍ଠ କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ବ୍ଲକ କଂଗ୍ରେସ ଓ ନଗର କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଇ ଜନ ସାଧାରଣଙ୍କୁ ସଚେତନ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ପିସିସି ଉପ ସଭାପତି ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଉପ ସଭାପତି ପ୍ରଫୁଲ୍ଲ ଦାସ, ଆକବର ଅଲ୍ଲୀ, ମୁକ୍ତାର ଖାନ, ରାଜେଶ ମହାନ୍ତି, ଧରଣୀଧର ସୁଆର, ଆଶିଷ ମେକାପ ପ୍ରମୁଖ ପୌରାଂଚଳର କେଶପୁର ବଜାର, ଇଛାପୁର, ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନ ମାନଙ୍କରେ ପଥପ୍ରାନ୍ତ ସଭାକରି ପ୍ରତିବାଦ ଜଣାଇଥିଲେ ।

## କୃଷି ସମବାୟ ସମିତିରେ ମଦ୍ୟପାନ ଓ ଭୋଜିଭାତକୁ ନେଇ ସଂପାଦକଙ୍କ ଏତଲା

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ବିଳମ୍ବିତ ରାତିରେ ଭୋଜିଭାତ କରି ଖାଇବା, ମଦ୍ୟପାନ କରିବା, ଅଇଁଠାପତ୍ର ପକାଇବା ଆଦି ଘଟଣାରେ ସମିତିର ସଂପାଦକ ପ୍ରେମାଞ୍ଜନ ସାହୁ କେନ୍ଦ୍ରାପଡା ସଦର ଥାନାରେ ଲିଖିତ ଏତଲା ଦେଇ ଦୁର୍ବୃତ ମାନଙ୍କ ବିରୋଧରେ ଆଇନ ଅନୁଯାଇ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଘଟଣା ମୁତାବକ ବୁଧବାର ସମିତିର ସଂପାଦକ ଅନୁପସ୍ଥିତ ଥିବା ସୁଯୋଗ ନେଇ କେତେକ ବ୍ୟକ୍ତି ତାଙ୍କୁ ନଜଣାଇ ରାତିରେ ଭୋଜିଭାତ, ମଦ୍ୟପାନ କରିଥିବା ଓ ରୋଷେଇ ସାମଗ୍ରୀ ଅଇଁଠା ପତ୍ର, ଅଧା ମଦ ବୋତଲ ଆଦି ସମିତି କାର୍ଯ୍ୟାଳୟ ପରିସରରେ ପକାଇ ଥିବା ଅଭିଯୋଗ କରିଛନ୍ତି । ଗୁରୁବାର ଖବରପାଇ ଶ୍ରୀ ସାହୁ ରାତ୍ର ଜଗୁଆଳ ଠାରୁ ଜାଣିବାକୁ ପାଇଲେ ଯେ, ଗତ ରାତିରେ କେତେକ ନିର୍ଦ୍ଦେଶକଙ୍କ ସମେତ ସଭାପତି ଓ ବାହାର ଲୋକମାନେ ସମିତି କାର୍ଯ୍ୟାଳୟରେ ପଶି ଏହିଭଳି କାଣ୍ଡ ଘଟାଇଛନ୍ତି । ତୁରନ୍ତ ସମିତିର ସୁରକ୍ଷା ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ସହ ଦୁର୍ବୃତ ମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଚନ୍ତି । ଏହ ସହ ଏତଲାର ନକଲ ସମବାୟ ସମିତିର ସହକାରୀ ନିବନ୍ଧକଙ୍କୁ ମଧ ପ୍ରଦାନ କରିଥିବା ଜଣାପଡିଛି ।

## ଆଜି ୪ ଶହ ତଳେ ରାଜ୍ୟରେ କରୋନା ସଂକ୍ରମଣ: ୫୮ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପୁଣି କମିଛି । ତେବେ ଏହା ଆଜି ୪ ଶହ ତଳେ ରହିଛି । ଗତକାଲି ୪୮୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୮୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୨୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୬୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୫୮ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୬ଟି ଜିଲ୍ଲାରୁ ୩୮୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୫ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୭ ଜଣ, ବରଗଡ଼ରୁ ୧୫, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୨୦ ଜଣ, ବୌଦ୍ଧରୁ ୮, କଟକରୁ ୧୦ ଜଣ, ଦେବଗଡ଼ରୁ ୩ ଜଣ, ଗଜପତିରୁ ୬ ଜଣ, ଗଞ୍ଜାମରୁ ୨, ଜଗତସିଂହପୁରରୁ ୧, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୭ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୪, କେନ୍ଦୁଝରରୁ , ଖୋର୍ଦ୍ଧା ଜିଲ୍ଲାରୁ ୮୫, କୋରାପୁଟ ଜିଲ୍ଲାରୁ ୩ ଜଣ, ମୟୂରଭଞ୍ଜରୁ ୧୪ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ଼ ଜିଲ୍ଲାରୁ ୧୧ ଜଣ, ନୂଆପଡ଼ାରୁ ୧୩, ପୁରୀରୁ ୨ ଜଣ, ରାୟଗଡ଼ାରୁ ୩ ଜଣ, ସମ୍ବଲପୁରରୁ ୨୨ ଜଣ, ସୋନପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୮୩ ଜଣ ଓ ଷ୍ଟେଟପୁଲରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୪, ୪୫୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୧୨, ୪୪୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୨୭୯୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

## ଏମ୍ସ ପ୍ରତିଷ୍ଠା ଦାବିରେ ୧୨ ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ : ସହର ଶୂନଶାନ, ଯାନବାହନ ଚଳାଚଳ ଠପ୍



ସୁନ୍ଦରଗଡ,୧୮/୦୮ (ନି.ପ୍ର): ସୁନ୍ଦରଗଡ଼ଠାରେ ରାଜ୍ୟର ଦ୍ୱିତୀୟ 'ଏମ୍ସ' ପ୍ରତିଷ୍ଠା ଦାବିରେ ସୁନ୍ଦରଗଡ଼ରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି । ସ୍ଥାନୀୟ ଡିଆରଡିଏ ଛକରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ସଭାପତି ଦିନେଶ ପଟେଲଙ୍କ ସମେତ ୪ ସଦସ୍ୟ ରଞ୍ଜନ ମହାନନ୍ଦିଆ, ଶୁଭମ ମହାପାତ୍ର ଓ ସୁମିତ ଦାସ ଜାରି ରଖିଥିବା ଆମରଣ ଅନଶନକୁ ୪ ଦିନ ବିତିଛି । ଏହିକ୍ରମରେ ଆଜି ମଞ୍ଚ ପକ୍ଷରୁ ସୁନ୍ଦରଗଡ଼ ବନ୍ଦ ଡାକରା ଦିଆଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଦିଆଯାଇଥିବା ବନ୍ଦ ଡାକରା ଯୋଗୁଁ ସୁନ୍ଦରଗଡ଼ ସହର ସମେତ ଜିଲ୍ଲାରେ ଏହାର ପ୍ରଭାବ ପଡ଼ିଛି । ମଞ୍ଚର ବନ୍ଦକୁ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଂଗଠନ ସମେତ ସାଧାରଣ ଜନତା ସମର୍ଥନ କରିଥିବାରୁ ସହରରୁ ଗାଁ ଶୂନଶାନ୍ ରହିଛି । ବସ୍, ଟ୍ରକ ଓ ଅନ୍ୟ ଗାଡ଼ିମଟର ଚଳାଚଳ ବନ୍ଦ ରହିଥିବାବେଳେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସମସ୍ତ ଶିକ୍ଷାନୁଷ୍ଠାନ ସମେତ ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ଦୋକାନ ବଜାରରେ ତାଲା ପଡ଼ିଛି । ରାଉରକେଲା- ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେରେ ଶହଶହ ଭାରୀଯାନ ଅଟକି ରହିଛି । ଆନ୍ଦୋଳନକାରୀ ବିଭିନ୍ନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କଂଗ୍ରେସ, ବିଜେପି, ବିଜେଡି ସହ କୋଶଳ ସମାଜ, କୋଶଳ କ୍ରାନ୍ତି ଦଳ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍, ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ, ସଦର ମସଜିଦ, ଗୁରୁଦ୍ୱାର କମିଟି ଆଦି ବିଭିନ୍ନ ସଂଗଠନ ବନ୍ଦରେ ସାମିଲ ହୋଇଛନ୍ତି । ପ୍ରକାଶଯୋଗ୍ୟ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ବର୍ଷ ହେଲା ଅବହେଳିତ ହୋଇ ରହିଥିବା ପଶ୍ଚିମ ଓଡ଼ିଶାର ରୋଗୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ପ୍ରତିଷ୍ଠା ଜରୁରୀ । କିନ୍ତୁ ସରକାର ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବପୋଷଣ କରି କେନ୍ଦ୍ର ସରକାର ଏହାକୁ ନା କରି ଦେବା ପରେ ସୁନ୍ଦରଗଡ଼ର ଜନତା ତାତିଛନ୍ତି । ରାଜ୍ୟ ସରକାର ଗତ ୨୦୨୦ ନଭେମ୍ବରରେ ସୁନ୍ଦରଗଡ଼ ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ । ଏହା ପରେ ୨୦୨୧ ଏପ୍ରିଲ ୩ ତାରିଖରେ ଦିଲ୍ଲୀର ଏକ ବୈଷୟିକ ଟିମ୍ ସୁନ୍ଦରଗଡ଼ ଆସି ଏହାର ଭିତ୍ତିଭୂମି ପରିଦର୍ଶନ କରିଥିଲେ । କିନ୍ତୁ ଅନୁଧ୍ୟାନ ରିପୋର୍ଟ ପାଇବା ପରେ କେନ୍ଦ୍ର ଏ ପ୍ରସଙ୍ଗରେ ନିରବ ହୋଇଯାଇଥିଲା । ଏପଟେ ଏମ୍ସ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ୨୦୨୧ ଅଗଷ୍ଟ ୭ ତାରିଖରେ ସୁନ୍ଦରଗଡ଼ ବନ୍ଦ ଡାକରା ଦେବା ସହ ପ୍ରଧାନମନ୍ତ୍ରୀଙ୍କ ପାଖକୁ ୧ ଲକ୍ଷ ପୋଷ୍ଟକାର୍ଡ ପଠାଇଥିଲା । ପରେ ପରେ ୨୦୨୧ ସେପ୍ଟେମ୍ବରରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏକ ବିଶାଳ ମାନବ ଶୃଙ୍ଖଳ ଆୟୋଜନ କରି ଏମ୍ସ ପ୍ରତିଷ୍ଠାର ସ୍ୱରକୁ ଶାଣିତ କରିଥିଲେ । ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ହେଲେ ପଶ୍ଚିମ ଓଡ଼ିଶା ସହ ପଡ଼ୋଶୀ ଝାରଖଣ୍ଡ ଓ ଛତିଶଗଡ଼ର କିଛି ଅଞ୍ଚଳ ଉପକୃତ ହେବେ ବୋଲି ଯୁକ୍ତି ରଖାଯାଇଥିଲା । କିନ୍ତୁ କେନ୍ଦ୍ର ସରକାର ମନା କରିଦେବା ପରେ ସୁନ୍ଦରଗଡ଼ ତଥା ପଶ୍ଚିମ ଓଡ଼ିଶାବାସୀଙ୍କୁ ଏହା ପ୍ରଚଣ୍ଡ ଆଘାତ ଦେଇଛି ।

## ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ

କନ୍ଧମାଳ ,୧୮/୦୮ (ନି.ପ୍ର): ଆଜି ପବିତ୍ର ଜନ୍ମାଷ୍ଟମୀ । ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ । ଏହି ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜା କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କରାଯାଏ । ସେହିଭଳି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଧୁମ୍ ଧାମରେ ପାଳନ ହୋଇଛି ଜନ୍ମାଷ୍ଟମୀ ଉତ୍ସବ । ପ୍ରାୟ ୨୦୦ ଶିଶୁ ଭାଇ ଭଉଣୀ ଶ୍ରୀକୃଷ୍ଣ,ରାଧା,ବଳରାମ, ସୁଦାମା ଆଦି ଚରିତ୍ରରେ ନିଜକୁ ସଜେଇ ବିଦ୍ୟାମନ୍ଦିରକୁ ଯାଇଥିଲେ । ସେଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯଥା ବିଧି ପୂର୍ବକ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ,ଗୁରୁମାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ସହର ପରିକ୍ରମାରେ ବାହାରିଥିଲେ । ପ୍ରଥମେ ବାଲିଗୁଡ଼ାର ଆରାଧ୍ୟା ଦେବୀ ମା''ପାଟଖଣ୍ଡାଙ୍କ ମନ୍ଦିର ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରା ଦେବୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପରେ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ପହଁଚି ଦର୍ଶନ ଓ ପୂଜାର୍ଚ୍ଚନା ସାରି ଫେରିଥିଲେ ସମସ୍ତେ । ମହାମାରୀ କରୋନା କଟକଣା ଯୋଗୁଁ ଗତ ଦୁଇବର୍ଷ ଧରି ବିଦ୍ୟାଳୟ ବନ୍ଦ ରହିବା ସହ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏଥିସହିତ ସମସ୍ତ ପର୍ବପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ରୋକ୍ ଲାଗିଥିଲା ।

# ବିଦେଶରେ ଶକ୍ତିପୀଠ

ଭାରତରେ ଅନେକ ଶକ୍ତିପୀଠ ରହିଛି । ପ୍ରତ୍ୟେକ ଶକ୍ତିପୀଠରେ ପୃଥକ୍ ମାନ୍ୟତା ମଧ୍ୟ ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ ଯେତେବେଳେ ମାତା ସତୀ ଯଜ୍ଞ କୁଣ୍ଡରେର ନିଜ ପ୍ରାଣ ତ୍ୟାଗ କରିଥିଲେ ସେତେବେଳେ ଭଗବାନ ଶିବ କ୍ରୋଧର ବଶବର୍ତ୍ତୀ ହୋଇ ସତୀଙ୍କ ଶରୀରକୁ କାନ୍ଧରେ ଧରି ତାଣ୍ଡବ କରିଥିଲେ । ଶିବଙ୍କ ତାଣ୍ଡବ ରୋକିବା ପାଇଁ ଭଗବାନ ବିଷ୍ଣୁ ଚକ୍ର ଚାଳନା କରି ସତୀଙ୍କ ସମ୍ପୂର୍ଣ୍ଣ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଇଥିଲେ । ଯେଉଁ ସ୍ଥାନରେ ସତୀଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଓ ଆଭୂଷଣ ପଡ଼ିଥିଲା ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଶକ୍ତିପୀଠ ଗଢ଼ି ଉଠିଥିଲା । କୁହାଯାଏ ସତୀଙ୍କ ଅଙ୍ଗ ଓ ଆଭୂଷଣ ଭାରତ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ପଡ଼ିଥିଲା । ସମୟାନ୍ତରରେ ସେହିସବୁ ସ୍ଥାନରେ ଶକ୍ତିପୀଠ ଗଢ଼ି ଉଠିଛି । ବିଦେଶରେ ଥିବା ଏମିତି କେତେକ ଶକ୍ତିପୀଠ ସଂପର୍କରେ ଆସନ୍ତୁ ଜାଣିବା ।



### ଉଗ୍ରତାରା ଶକ୍ତିପୀଠ:

ବାଂଲାଦେଶର ବାରିସାଲ୍ ଅଞ୍ଚଳରୁ ପ୍ରାୟ ଦଶ ମାଇଲ ଦୂରରେ ଥିବା ଶିକାରପୁର ଗ୍ରାମରେ ଉଗ୍ରତାରା ଶକ୍ତିପୀଠ ଅବସ୍ଥିତ । ସୁନନ୍ଦା ନଦୀ ତଟସ୍ଥିତ ଏହି ପୁଣ୍ୟପୀଠ ଉଗ୍ରତାରା ଶକ୍ତିପୀଠ ଭାବେ ମଧ୍ୟ ବେଶ୍ ଜଣାଶୁଣା । ଏହି ସ୍ଥାନରେ ଦେବୀ ସତୀଙ୍କ ନାସିକା ପଡ଼ିଥିବା କୁହାଯାଏ । ଶିବ ଚତୁର୍ଦ୍ଦଶୀ ଏଠାକାର ପ୍ରମୁଖ ପର୍ବ । ଏହାବ୍ୟତୀତ ବାଂଲାଦେଶରେ ଆଦିଶକ୍ତିଙ୍କର ଆଉ ତିନିଟି ପୀଠ ମଧ୍ୟ ରହିଛି । ଅପର୍ଣ୍ଣା ଶକ୍ତିପୀଠ ବାଂଲାଦେଶର ଭବାନୀପୁର ଠାରେ ଅବସ୍ଥିତ । ଏହି ସ୍ଥାନରେର ମାତା ସତୀଙ୍କର ବାମ ପାର୍ଶ୍ୱ ପାଦ ପଡ଼ିଥିବା କୁହାଯାଏ । ସେହିଭଳି ଚଟ୍ଗାଁରେର ରହିଛି ମାତା ସତୀଙ୍କ ଅନ୍ୟ ଏକ ପୂଜାପୀଠ । ଏଠାରେ ମା'ଙ୍କ ଦକ୍ଷିଣ ପାର୍ଶ୍ୱ ହାତର ଏକ ଅଂଶ ପଡ଼ିଥିବା କୁହାଯାଏ । ଏହା ସହିତ ବାଂଲାଦେଶର ଯସୋର ନାମକ ସହରରେର ମା'ଙ୍କ ବାମ ପାର୍ଶ୍ୱ ହାତ ପଡ଼ିଥିବା ବିଶ୍ୱାସ ରହିଛି । ଏହି ପୀଠରେ ଦେବୀ 'ଯସୋରେଶ୍ୱରୀ' ଭାବେ ପୂଜା ପାଆନ୍ତି ।




### ହିଙ୍ଗଲାଜ ଶକ୍ତିପୀଠ:

ପାକିସ୍ତାନ ବେଲୁଚିସ୍ତାନର ମାକ୍ରାନ ଉପକୂଳରେ ହିଙ୍ଗଲାଜ ଶକ୍ତିପୀଠ ଅବସ୍ଥିତ । ଏହା ହିଙ୍ଗୋଲ ଜାତୀୟ ଉଦ୍ୟାନର ମଧ୍ୟଭାଗରେ ରହିଛି । ହିନ୍ଦୁ ଦେବୀ ସତୀଙ୍କର ଏକାବନତମ ଶକ୍ତିପୀଠ ମଧ୍ୟରୁ ଏହା ଅନ୍ୟତମ । ଭଗବାନ ବିଷ୍ଣୁଙ୍କ ଚକ୍ର ପ୍ରହାରରେ ଦେବୀ ସତୀଙ୍କ ଛିନ୍ନ ମସ୍ତକ ଏହି ସ୍ଥାନରେ ପଡ଼ିଥିବା କୁହାଯାଏ । ଏହି ସ୍ଥାନରେର ଦେବୀ ସତୀ 'ଭୈରବୀ' ନାମରେ ପୂଜା ପାଉଛନ୍ତି । ପାକିସ୍ତାନରେ ଦେବୀ ହିଙ୍ଗଲାଜଙ୍କ ପୂଜାପୀଠକୁ 'ନାନୀ କା ମନ୍ଦିର' ବା 'ନାନୀ କା ହଜ୍' ମଧ୍ୟ କୁହାଯାଏ । ହିଙ୍ଗୋଲ ନଦୀ କୂଳରେ ଥିବା ଏକ ପାର୍ବତ୍ୟ ଗୁମ୍ଫା ମଧ୍ୟରେ ଦେବୀଙ୍କ ପ୍ରତିମା ପୂଜା ପାଉଛନ୍ତି । ଏହି ଶକ୍ତିପୀଠ ଲୋକପ୍ରିୟତା ହାସଲ କରିବା ସହିତ ପାକିସ୍ତାନର ହିନ୍ଦୁ ସମ୍ପ୍ରଦାୟଙ୍କ ନିମନ୍ତେ ଏକ ପ୍ରମୁଖ ଧର୍ମପୀଠ ପାଲଟିଛି । ହିଙ୍ଗଲାଜ ଯାତ୍ରା ପାକିସ୍ତାନର ସର୍ବବୃହତ୍ ହିନ୍ଦୁ ତୀର୍ଥଯାତ୍ରା ବୋଲି କୁହାଯାଏ । ପ୍ରତିବର୍ଷ ବସନ୍ତ ଋତୁରେ ଅନୁଷ୍ଠିତ ଏହି ଯାତ୍ରାରେ ଦୁଇ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଅଂଶଗ୍ରହଣ କରନ୍ତି ।

### ଗଣ୍ଡକୀ ଶକ୍ତିପୀଠ:



ନେପାଳର ପବିତ୍ର ଗଣ୍ଡକ ନଦୀ କୂଳ ଦେବୀ ଗଣ୍ଡକୀଙ୍କ ନିମନ୍ତେ ଉତ୍ସର୍ଗୀକୃତ ହୋଇଛି । ଏହି ନଦୀର ଗଭୀର ନିମ୍ନ ଭାଗରେ ଶାଳଗ୍ରାମ ପଥର (ଭଗବାନ ବିଷ୍ଣୁଙ୍କ ରୂପ) ରହିଥିବା କୁହାଯାଏ । ଏଠାରେ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱ ଗାଲ ଖସି ପଡ଼ିଥିବା ହେତୁ ଏଠାରେ ମା'ଙ୍କ ଶକ୍ତିପୀଠ ନିର୍ମାଣ କରାଯାଇଛି । ଏହି ଶକ୍ତିପୀଠର ଇତିହାସ ବେଶ ଆକର୍ଷଣୀୟ । ସେହିଭଳି ନେପାଳର ପଶୁପତିନାଥ ମନ୍ଦିର ନିକଟବର୍ତ୍ତୀ ଗୃହେଶ୍ୱରୀ ମନ୍ଦିରରରେ ମାତା ସତୀଙ୍କର ଦୁଇଟି ଯାକ ଆଣ୍ଠୁ ଖସି ପଡ଼ିଥିବା କୁହାଯାଏ ଏବଂ ଏଠାରେ ମାଙ୍କୁ 'ମହାମାୟା' ରୂପରେ ପୂଜା କରାଯାଇଥାଏ । ଏହା ବ୍ୟତୀତ ନେପାଳର ଜନକପୁରରେ ବନଦୁର୍ଗା, ଜୟମଙ୍ଗଳା ଶକ୍ତିପୀଠ ରହିଛି ।


### ଇନ୍ଦ୍ରାଣୀ ଶକ୍ତିପୀଠ:

ଶ୍ରୀଲଙ୍କାରେ ମଧ୍ୟ ହିନ୍ଦୁ ଦେବୀଙ୍କ ଆରାଧନା ଦେଖିବାକୁ ମିଳିଥାଏ । ଏଠରେ ଦେବୀ ସତୀ ପରିଧାନ କରିଥିବା ଅଳଙ୍କାରର କିଛି ଅଂଶ ଖସି ପଡ଼ିଥିବା ନେଇ ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ କେନ୍ଦ୍ର କରି ଏଠାରେ ଶକ୍ତିପୀଠ ନିର୍ମାଣ କରାଯାଇଛି । ଏଠାରେ ସତୀ 'ଇନ୍ଦ୍ରାଣୀ' ଦେବୀ ରୂପେ ପୂଜା ପାଇଥାନ୍ତି ।



### ମାନସ ଶକ୍ତିପୀଠ:

ତିବ୍ବତର ପବିତ୍ର ମାନସରୋବର ତଟରେ ମାନସ ଶକ୍ତିପୀଠ ସ୍ଥାପିତ ହୋଇଛି । ହିନ୍ଦୁ ପୌରାଣିକ ମାନ୍ୟତା ଅନୁଯାୟୀ ଏଠାରେ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱ ହାତ ଖସି ପଡ଼ିଥିବା କୁହାଯାଏ । ଏଠାରେ ଦେବୀ 'ଦକ୍ଷିଣୟୀ' ରୂପରେର ପୂଜା ପାଉଛନ୍ତି । ଏହି ହିନ୍ଦୁ ମନ୍ଦିର ପରିଦର୍ଶନ ପାଇଁ ପ୍ରତିବର୍ଷ ସୀମିତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଇଥାଏ । ମାନସରୋବର ତଟ ଭ୍ରମଣ ସହିତତ ଶ୍ରଦ୍ଧାଳୁ ନିଜ ମନସ୍କାମନା ପୂରଣ କରିବାକୁ ଏଠାକୁ ଆସିଥାନ୍ତି ।





## ସ୍ୱାସ୍ଥ୍ୟ ମନ୍ତ୍ର



ମଣିଷ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟରୁ ମିଳୁଥିବା ତନ୍ତୁ ଅତି ଗୁରୁତ୍ୱପୂର୍ଣ୍ଣ । ଶରୀରରେ ଆପେ ସୃଷ୍ଟି ହେଉଥିବା ପାଚକ ରସ, ଖାଦ୍ୟର ତନ୍ତୁ ଅଂଶକୁ ହଜମ କରାଇପାରେ ନାହିଁ । ତାହା ମଳ ପାଲଟି, ନିଷ୍କାସିତ ହୁଏ । ତନ୍ତୁ ସାଧାରଣତଃ ଦୁଇ ପ୍ରକାରର । ପାଣିରେ ବତୁରି ପାରୁଥିବା ତନ୍ତୁ, ଶରୀରରୁ ମେଦ, କୋଲେଷ୍ଟେରୋଲ୍‌ର କିଛି ଅଂଶ ସହ ମଳ ଭାବ ବାହାରେ । ଦ୍ୱିତୀୟ ପ୍ରକାରର ତନ୍ତୁ ପାଣିରେ ମିଶୁ ନଥିଲେ ହେଁ ଖାଦ୍ୟ-ନଳିକୁ ସଫା ରଖିବାରେ ସହାୟକ ହୁଏ । ଅନ୍ତ୍ରର କାର୍ଯ୍ୟଦକ୍ଷତା ବଢ଼ାଏ । ଶରୀରର ପାଚନ-ନିଷ୍କାସନ ବ୍ୟବସ୍ଥାକୁ ସୁସ୍ଥ ରଖେ । ତନ୍ତୁ ପେଟ ସଫା କରିବା ସହ କୋଲେଷ୍ଟେରୋଲ୍ ପରିମାଣ କମାଏ । ମଣିଷ ପାଇଁ ଦୈନିକ ଅତି କମ୍‌ରେ ଚାଳିଶ ଗ୍ରାମ୍ ଖାଦ୍ୟ ତନ୍ତୁ ଆବଶ୍ୟକ । ବୁଟ, ମାଣ୍ଡିଆ, ମଟର, ରାଜମା, ସୋୟାବିନ୍, ଶଜନା ଛୁଇଁ, କୋବି, ଖଜୁରି, ପିଜୁଳି, ସପେଟା, ସେଓ, ନଡ଼ିଆ, ବାଦାମ, ଶାଗ ଓ ସବୁଜ ପନି-ପରିବାରୁ ପର୍ଯ୍ୟାପ୍ତ ପରିମାଣରେ ତନ୍ତୁ ମିଳିଥାଏ । ଚୋପା ଛଡ଼ା ହେଇ ନଥିବା ନାଲି ଚାଉଳ ଓ ଗହମ ତନ୍ତୁଯୁକ୍ତ ମୁଖ୍ୟ ଖାଦ୍ୟ ଶସ୍ୟ ।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କାନ୍ଦିବା ଜରୁରୀ !



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ହସିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ବିଶ୍ୱସ୍ତରରେ ଏପରିକି ଭାରତର ମଧ ବିଭିନ୍ନ ପ୍ରାନ୍ତରେ ହସିବା ପାଇଁ 'ଲାଫିଙ୍ଗ୍ କ୍ଲବ୍' ମାନ ସଂଖ୍ୟାଧିକ ରହିଛି । ପ୍ରକୃତରେ ମନ ଖୁସି ରହିଲେ ସବୁକିଛି ଠିକ୍ ରହେ, ଏଥିରେ ସତ୍ୟତା ଅଛି । ନିକଟରେ କିନ୍ତୁ ଗବେଷକଦଳ ସ୍ପଷ୍ଟ କରିଛନ୍ତି ସୁସ୍ଥ ରହିବା ପାଇଁ କାନ୍ଦିବାର ଆବଶ୍ୟକତା ମଧ ବେଶ୍ ଅଧିକ । ଜାପାନର ବିଶେଷଜ୍ଞ ଦଳ ଏହାର ସତ୍ୟତା ପରୀକ୍ଷା ନିମନ୍ତେ ପ୍ରଥମେ କର୍ମଜୀବୀ ଲୋକଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ । ଏହା ମଧ ସତ ଯେ ବିନା କାରଣରେ ହସିବା ସହଜ ହୋଇଥିବାବେଳେ କାନ୍ଦିବା ଏକ ବଡ ଚ୍ୟାଲେଞ୍ଜ । ଏଥି ନିମନ୍ତେ ସ୍ୱତନ୍ତ୍ର ଭାବେ 'କାନ୍ଦିବା ପ୍ରଶିକ୍ଷକ' ଙ୍କୁ ମଧ ଯୋଗାଡ କରାଗଲା । ଟୋକିଓର ଏକ ନାମୀ ଅନ୍ତର୍ଜାତୀୟ କମ୍ପାନୀର ୪୩ ଜଣ କର୍ମଚାରୀଙ୍କୁ ସାମିଲ କରାଗଲା । ଜନୈକ କର୍ମଚାରୀ ୟୋଶିବାଙ୍କ ମତରେ ପ୍ରକୃତରେ ହସିବା, ରୁପ୍ କାନ୍ଦିବାର ପ୍ରତିକ୍ରିୟା ଭିନ୍ନ । କାନ୍ଦିଲେ ମନ ଶାନ୍ତ ହେବା ସହ ଖୁବ୍ ହାଲୁକା ଲଗେ । ଜାପାନରେ ଗବେଷକଦଳ ଏଇ ପରିପ୍ରେକ୍ଷୀରେ ସଫଳ ହେବା ପରେ ବର୍ତ୍ତମାନ ବିଶ୍ୱର ଅନ୍ୟ ରାଷ୍ଟ୍ରରେ 'କାନ୍ଦିବା ଜରୁରୀ' କାର୍ଯ୍ୟକ୍ରମ ଆଗେଇବାରେ ଲାଗିଛି ।

## ଏସିଆର ବୃହତ୍ତମ ଟୁଲିପ୍ ଉଦ୍ୟାନ

ବସନ୍ତ ଋତୁ ଯେବେ କାଶ୍ମୀରକୁ ଛୁଏଁ ସେତେବେଳେ ଏହି ସ୍ଥାନ ଭୂସ୍ୱର୍ଗ ପାଲଟିଯାଏ । ଏହି ସମୟରେ ସାରା ବିଶ୍ୱ ବସନ୍ତ ଋତୁକୁ ସ୍ୱାଗତ କରିବା ସହିତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟୁଲିପ୍ ଉତ୍ସବକୁ ବେଶ୍ ଆଡମ୍ବର ସହ ପାଳନ କରିଥାଏ । ଏ ସମୟରେ କାଶ୍ମୀରରେ ସତେ ଯେମିତି ଟୁଲିପ୍‌ର ମହୋତ୍ସବ ଲାଗି ରହିଥାଏ । ଏଠାରେ ପାଳିତ ହୁଏ ଟୁଲିପ୍ ପର୍ବ । ଏହି ଅଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନେକ ସମୟରେ ପର୍ଯ୍ୟଟକଙ୍କୁ ବିଭୋର କରିଥିଲେ ମଧ୍ୟ ଉଜ୍ଜ୍ୱଳ ରଙ୍ଗର ଫୁଲଗୁଡ଼ିକ ଖୁବ୍ ଆକର୍ଷକ ହୋଇଥାଏ । ଏହି ଟୁଲିପ୍ ପର୍ବ କେବଳ ଭାରତୀୟଙ୍କୁ ନୁହେଁ, ସାରା ବିଶ୍ୱ ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ । ଟୁଲିପ୍ ପର୍ବ ଏକ ବାର୍ଷିକ ମହୋତ୍ସବ ଭାବେ ପାଳନ କରାଯାଏ । ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଉଦ୍ୟାନରେ ଏହା ପ୍ରତିବର୍ଷ ଆୟୋଜିତ ହୋଇଥାଏ । ଏହି ଉଦ୍ୟାନଟି ଜବ୍ବରୱାନ୍ ରେଞ୍ଜ୍ ପର୍ବତର ପାଦଦେଶରେ ଅବସ୍ଥିତ । ଏହି ସ୍ଥାନରୁ ଏକ ପାର୍ଶ୍ୱକରେ ଡାଲ୍ ହ୍ରଦର ଚିତ୍ର ଏବଂ ବରଫ ଆଚ୍ଛାଦିତ ପର୍ବତଶୃଙ୍ଗର ସୁନ୍ଦର ଦୃଶ୍ୟକୁ ଉପଭୋକ କରି ହୋଇଥାଏ । ଅପର ପାର୍ଶ୍ୱରେ ମୋଗଲ ସମ୍ରାଟଙ୍କ ନିର୍ମିତ ନିଶାତ୍ ଉଦ୍ୟାନ ଓ ଚସ୍‌ମେ-ଏ-ଶାହି ଉଦ୍ୟାନ ମଧ୍ୟ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏହା ଏସିଆର ସର୍ବବୃହତ ଟୁଲିପ୍ ଉଦ୍ୟାନ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏଠାରେ ତିରିଶ ହେକ୍ଟର ଜମିରେ ପ୍ରାୟ ଷାଠିଏ ପ୍ରକାରରର ଟୁଲିପ୍ ଫୁଲ ଦେଖିବାକୁ ମିଳିଥାଏ । ଏହା ପ୍ରକୃତି, ଉଦ୍ୟାନ କୃଷି ଏବଂ ପୁଷ୍ପଲତା ପ୍ରତି ଆଗ୍ରହ ରଖୁଥିବା ଲୋକଙ୍କୁ ଆକୃଷ୍ଟ କରିଥାଏ । ଜମ୍ମୁ-କାଶ୍ମୀରରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ୨୦୦୭ରେ ଏହି ଅନନ୍ୟ ପର୍ବ ଆରମ୍ଭ ହୋଇଥିଲା । ବସନ୍ତ ଋତୁରେ ପୃଥିବୀର ବିଭିନ୍ନ ପ୍ରାନ୍ତର ପର୍ଯ୍ୟଟକ ଏହି ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଅପେକ୍ଷା କରି ରହିଥାନ୍ତି । ପ୍ରତିବର୍ଷ ପ୍ରାୟ ଦଶ ଦିନ ଧରି ଏହି 'ଟୁଲିପ୍ ଉତ୍ସବ' ପାଳନ ହୋଇଥାଏ । ଏହା ସାଧାରଣତଃ ମାର୍ଚ୍ଚ ମାସ ଶେଷ ଆଡ଼କୁ ଆରମ୍ଭ ହୋଇ ଏପ୍ରିଲ୍ ଦ୍ୱିତୀୟ ସପ୍ତାହରେ ସରିଥାଏ । ଏହାକୁ ମଧ୍ୟ 'ବିହାର-ଏ କାଶ୍ମୀର' ବୋଲି କୁହାଯାଏ । ପ୍ରତିବର୍ଷ ଏହି ପର୍ବ ପ୍ରକୃତିପ୍ରେମୀଙ୍କୁ ରଙ୍ଗିନ ଟୁଲିପ୍ ଫୁଲର ଦୃଶ୍ୟ ଉପଭୋଗ କରିବାକୁ ଆମନ୍ତ୍ରଣ କରିଥାଏ । ମାତ୍ର ପାଣିପାଗର ପରିବର୍ତ୍ତନ ହେତୁ ଏହି ପର୍ବ କେବେ କେବେ ଭିନ୍ନ ଭିନ୍ନ ଢଙ୍ଗରେ ଆରମ୍ଭ ହୋଇଥାଏ । ଏହାଛଡ଼ା ପର୍ଯ୍ୟଟକଙ୍କ ନିମନ୍ତେ ଆଉ କିଛି ଆକର୍ଷଣୀୟ ଆୟୋଜନ କରାଯାଇଥାଏ । ପର୍ଯ୍ୟଟକଙ୍କ ପାଇଁ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ମାଗଣା ୱାଇଫାଇ ସୁବିଧା, ଆଡିସ୍‌ନାଲ୍ ଫାଉଣ୍ଟେନ୍ ଶୌଚାଳୟ, ପାନୀୟ ଜଳ କେନ୍ଦ୍ର ପରି ଅତିରିକ୍ତ ସୁବିଧା ଯୋଗାଇ ଦିଆଯାଇଥାଏ । ଟୁଲିପ୍ ବ୍ୟତୀତ ଏହି ସ୍ଥାନକୁ ସଜାଇବା ପାଇଁ ବଗିଚାରେ ଡାପୋଡିଲ୍‌ସ୍, ହାଇୟାଣ୍ଥାସ୍, ନରସିସସ୍ ଭଳି ଅନ୍ୟାନ୍ୟ ଗଛ ଲଗାଯାଇଥାଏ । ଏହି ସାଜସଜ୍ଜାକୁ ଉପଭୋଗ କରିବା ପାଇଁ ବଗିଚା ବାହାରେ ଭ୍ରମଣକାରୀଙ୍କ ନିମନ୍ତେ ବିଭିନ୍ନ ଖାଦ୍ୟ ସହିତ ହସ୍ତତନ୍ତ ଶିଳ୍ପର ଆୟୋଜନ କରାଯାଇଥାଏ । ହଲାଣ୍ଡରେ ଉତ୍ପାଦନ ହେଉଥିବା ଟୁଲିପ୍ ସାଧାରଣତଃ ସମଗ୍ର ବିଶ୍ୱରେ ଲୋକପ୍ରିୟ । ଏଠାରେ ଥିବା କ୍ୟୁକେନ୍‌ହଫ୍ ଗାର୍ଡେନ୍ ବୃହତ୍ତମ ଟୁଲିପ୍ ଗାର୍ଡେନ୍ । ଆମେରିକାର ସ୍କଗିଦ୍ ଟୁଲିପ୍ ବଗିଚା ଦ୍ୱିତୀୟ ସ୍ଥାନରେ ଥିବାବେଳେ କାନାଡ଼ାର ଓଟାୱା, ଅଷ୍ଟ୍ରେଲିଆର ଟେସେଲାର୍ ଓ ଭାରତର କାଶ୍ମୀରରେ ଥିବା ଟୁଲିପ୍ ଉଦ୍ୟାନ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛି । କାଶ୍ମୀରର ଟୁଲିପ୍ ଫୁଲ ହଲାଣ୍ଡରୁ ଆମଦାନୀ ହୋଇ ଏହି ବଗିଚାରେ ରୋପଣ କରାଯାଇଥାଏ । ଟୁଲିପ୍ ପର୍ବ ଏହି ସ୍ଥାନରେ ସଂସ୍କୃତି ଓ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଗତବର୍ଷ ଦୁଇ ଲକ୍ଷରୁ ଅଧିକ ପର୍ଯ୍ୟଟକ ଏହି ଉତ୍ସବରେ ଯୋଗ ଦେଇଥିଲେ । ଦେଶୀ ପର୍ଯ୍ୟଟକଙ୍କ ସହ ଅନେକ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ । ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଉଦ୍ୟାନରେ ଟୁଲିପ୍ ପର୍ବର ପ୍ରସ୍ତୁତି ବର୍ଷସାରା ଚାଲିଥାଏ । ପ୍ରାୟ ଶହେ ଜଣ ମାଳୀ ଏହି ବଗିଚାର ସୁରକ୍ଷା ଦାୟିତ୍ୱରେ ରହିଥାନ୍ତି । ଏହି ଉଦ୍ୟାନକୁ ପ୍ରବେଶ କରିବା ପାଇଁ ଟିକେଟ୍‌ର ମୂଲ୍ୟ ମାତ୍ର ୫୦ ଟଙ୍କା ରହିଛି ।








## ବିମାନର କବରସ୍ଥାନ

ବିଶ୍ୱର ଅନେକ ବଡବଡ଼ କବରସ୍ଥାନ ରହିଛି । ଯେଉଁଠାରେ ଲକ୍ଷାଧିକ ଲୋକଙ୍କୁ କବର ଦିଆଯାଇଛି । ହେଲେ ବିମାନ ପାଇଁ ମଧ ରହିଛି ଏପରିକି ଏକ କବରସ୍ଥାନ । ଆମେରିକାର ଏକ କବରସ୍ଥାନରେ ୪ ହଜାରରୁ ଅଧିକ ବେକାର ପଡ଼ିଥିବା ସୈନ୍ୟ ବାହିନୀ ବିମାନ ରଖାଯାଇଛି । ଏଠାରେ ମଧ ଅଛି କିଛି ମହାକାଶ ଯାନ । ଏରିଜୋନାର ଟସକନ୍ ମରୁଭୂମିରେ ରହିଛି ଏହି କବରସ୍ଥାନଟି । ୨୬୦୦ ଏକର ପରିମିତ ସ୍ଥାନ ଅର୍ଥାତ୍ ୧୪୦୦ ଫୁଟବଲ ପଡ଼ିଆ ବରାବର ଏହି କବରସ୍ଥାନଟି ବୋନୟାର୍ଡ ନାମରେ ପରିଚିତ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର ହୋଇଥିବା ଅନେକ ବିମାନ ମଧ ଏଠାରେ ରହିଛି । ଏଠାକୁ ଆସୁଥିବା କିଛି ବିମାନକୁ ମରାମତି କରାଯାଇ ପୁଣି ଥରେ ଉଡାଣ ଯୋଗ୍ୟ କରାଯାଉଥିଲା ବେଳେ ଯେଉଁ ବିମାନ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ ସେଗୁଡ଼ିକୁ ଏଠାରେ ରଖାଯାଉଛି । ଆମେରିକା ସରକାର ଏଠାରୁ ପୁରୁଣା ବିମାନ କ୍ରୟ କରରିବା ପାଇଁ ଅନେ ଦେଶମାନଙ୍କୁ ମଧୟ ଦେଇଛନ୍ତି ଅନୁମତି । ବିଶେଷଜ୍ଞଙ୍କ ମତରେ ଏହି ସ୍ଥାନଟି ଅଧିକ ଉଚ୍ଚରେ ଏବଂ ଶୁଷ୍କ ପରିସ୍ଥିତିରେ ଥିବାରୁ ଏଠାରେ ବିମାନ ବାହାରେ ରଖିଲେ ଦୀର୍ଘ ସମୟ ଧରି ଖରାପ ହୋଇନଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତର ବିଶ୍ୱପ୍ରତି ଅସ୍ଥିରତା...

ଧୀରେ ଧୀରେ ଆଣବିକ ବିପର୍ଯ୍ୟୟ ଆଡ଼କୁ ଅଗ୍ରସର ହେଉଥିବା ପରି ପ୍ରତୀୟମାନ ହେବାରେ ଲାଗିଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧ ଏହାର ସଦ୍ୟତମ ଉଦାହରଣ ବୋଲି ବିବେଚନା କରାଯାଉଛି । ଏହି ଯୁଦ୍ଧକୁ ଇତିମଧ୍ୟରେ ଛଅ ମାସ ଗତ ହୋଇ ସାରିଲାଣି । କୌଣସି ପକ୍ଷ ଯୁଦ୍ଧବିରତି ସପକ୍ଷରେ ନାହାଁନ୍ତି । ବରଂ ବେଳକୁବେଳ ଅଧିକରୁ ଅଧିକ ମାରଣାସ୍ତ୍ରମାନ ବ୍ୟବହାର କରାଯାଉଛି । ଏହି ମାରଣାସ୍ତ୍ରରେ ଏବେ କ୍ଷତିଗ୍ରସ୍ତ ହୋଇଛି ଦକ୍ଷିଣ ୟୁକ୍ରେନର ଝାପାରଝାଝିଆ ଠାରେ ଥିବା ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ର । ଗତ ସପ୍ତାହରେ ଏହି ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହୋଇ ତାହା ଅଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଥିଲା । ଏହି ଆକ୍ରମଣ ପାଇଁ ଉଭୟ ରୁଷିଆ ଓ ୟୁକ୍ରେନ ପରସ୍ପରଙ୍କ ଉପରେ ଦୋଷ ଲଦିଥିଲେ । କିନ୍ତୁ କୌଣସି ପକ୍ଷ ଏହାର ସୁରକ୍ଷା ଓ ନିରାପତ୍ତା ପ୍ରତି ସତର୍କ ରହିବା ସକାଶେ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିନାହାଁନ୍ତି । ଏପର୍ଯ୍ୟନ୍ତ ଏକଥା ମଧ୍ୟ ଜଣାପଡ଼ି ନାହିଁ ଯେ, ଆଣବିକ ଶକ୍ତି କେନ୍ଦ୍ର କେତେ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ଏଭଳି କ୍ଷତିଗ୍ରସ୍ତ ଦ୍ୱାରା ସେଠାରୁ କୌଣସି ତେଜସ୍କ୍ରିୟ ବିକିରଣ ଘଟି ଜନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ନା ନାହିଁ ! ଝାପାରଝାଝିଆ ଆଣବିକ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ପ୍ରସଙ୍ଗକୁ ନେଇ ମିଳିତ ଜାତିସଂଘ ନିରାପତ୍ତା ପରିଷଦ ଏବଂ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା-ଆଇଏଇଏ'ର ଜରୁରି ବୈଠକ ବସିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ସମେତ ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି । ତୁରନ୍ତ ସେହି ଆଣବିକ ଶକ୍ତି କେନ୍ଦ୍ର ସ୍ଥଳକୁ ଆଇଏଇଏ'ର ପ୍ରତିନି ଦଳ ଗସ୍ତ କରି କ୍ଷୟକ୍ଷତି ଓ ନିରାପତ୍ତା ଆକଳନ କରିବା ସପକ୍ଷରେ ସଭିଏଁ ଦୃଢ଼ ମତ ପୋଷଣ କରିଛନ୍ତି । ତେବେ ଦୁଇ ଯୁଦ୍ଧରତ ରାଷ୍ଟ୍ରଙ୍କ ଠାରୁ ଏ ଦିଗରେ ଗ୍ୟାରେଣ୍ଟି ମାଗିଛନ୍ତି ବିଶ୍ୱ ନେତୃବର୍ଗ । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏବେ ଏହି ସହର ଓ ଶକ୍ତି କେନ୍ଦ୍ର ରୁଷ ସେନାଙ୍କ ଅକ୍ତିଆରରେ ରହିଛି । ଏହି ଶକ୍ତି କେନ୍ଦ୍ର ପରିସରରେ ୟୁକ୍ରେନ ତାର ଅସ୍ତ୍ରଶସ୍ତ୍ର ଓ ସେନାଙ୍କୁ ଲୁଚାଇ ରଖୁଥିବା ରୁଷିଆ ପୂର୍ବରୁ ଅଭିଯୋଗ କରି ଆସୁଥିଲା । ତେଣୁ କେଉଁ ପକ୍ଷଙ୍କ ଆକ୍ରମଣରେ ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି ତାହା ଜାଣିବା କଷ୍ଟସାଧ୍ୟ । ୧୯୮୬ ମସିହାର ଚେର୍ଣୋବିଲ ଆଣବିକ ଶକ୍ତି କେନ୍ଦ୍ରରେ ଘଟିଥିବା ଦୁର୍ଘଟଣା ଉଭୟ ରାଷ୍ଟ୍ରଙ୍କ ସ୍ମୃତିରେ ଏବେ ସୁଦ୍ଧା ତାଜା ରହିଛି। ଅବଶ୍ୟ ସେତେବେଳେ ରୁଷିଆ ଓ ୟୁକ୍ରେନ ସୋଭିଏତ ସଂଘ ଭାବେ ଗୋଟିଏ ରାଷ୍ଟ୍ର ଭାବେ ଥିଲେ । ୟୁକ୍ରେନର ବିଭିନ୍ନ ସ୍ଥାନରେ ୧୫ଟି ବଡ଼ ବଡ଼ ଆଣବିକ ଶକ୍ତି କେନ୍ଦ୍ର ରହିଛି । ଯୁଦ୍ଧ ଆରମ୍ଭ ହେବା ସମୟରୁ ହିଁ ସେ ସବୁରେ ନିରାପତ୍ତା ଲାଗି ବିଶ୍ୱ ନେତୃବର୍ଗ ଉଭୟ ଭ୍ଲାଦିମିର ପୁଟିନ ଏବଂ ଜେଲେନର୍ସ୍କିଙ୍କୁ ଚେତାବନୀ ଶୁଣାଇ ଆସୁଛନ୍ତି । କାରଣ ଯେକୌଣସି । ଆଣବିକ ଶକ୍ତି କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ଏହା କେବଳ ସେହି ସ୍ଥାନ ପାଇଁ ନୁହେଁ, ସମଗ୍ର କ୍ଷେତ୍ର (ସର୍ବୋପରି ବିଶ୍ୱ ପାଇଁ) ପାଇଁ ବିପଦ । ସେଥିରେ ହଜାର ହଜାର ଲୋକଙ୍କ ଜୀବନ ଯାଇପାରେ ଓ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହୋଇପାରନ୍ତି । ଏହାର ପ୍ରଭାବ ମଧ୍ୟ ଦୀର୍ଘସ୍ଥାୟୀ ଚେର୍ଣୋବିଲ ଘଟଣାରୁ ଏହା ସ୍ପଷ୍ଟ । ତଥାପି ରୁଷିଆ ଓ ୟୁକ୍ରେନ ଏଭଳି ବିପଦ ପ୍ରତି ସଚେତନ ଥିବା ପରି ମନେ ହୁଏନାହିଁ । ଅନ୍ୟଥା ଏଭଳି ଘଟଣା ଘଟିନଥାନ୍ତା । ଏହି ଯୁଦ୍ଧ ଆରମ୍ଭ ବେଳେ ରୁଷ ରାଷ୍ଟ୍ରପତି ପୁଟିନ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଥିବା ବେଳେ ୟୁକ୍ରେନ ରାଷ୍ଟ୍ରପତି ଜେଲେନର୍ସ୍କି ମଧ୍ୟ ଆବଶ୍ୟକ ହେଲେ ଆଣବିକ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିବାକୁ ଚେତାବନୀ ଶୁଣାଇଥିଲେ । ଏହା ଉଭୟ ପକ୍ଷଙ୍କ ଦାୟିତ୍ୱହୀନତାର ନଗ୍ନ ଦୃଷ୍ଟାନ୍ତ । ଆଣବିକ ସାଧନ ଏବେ ଅସ୍ତ୍ର ଭାବେ ନୁହେଁ, ଶକ୍ତି ଭାବେ ମାନବ କଲ୍ୟାଣ ସାଧନ ପାଇଁ ଉପଯୋଗ କରାଯିବା ନିମନ୍ତେ ସମସ୍ତେ ପ୍ରୟାସୀ । ଯେତେବେଳେ ବିଶ୍ୱରୁ ପ୍ରାକୃତିକ ଜୈବ ଇନ୍ଧନ ନିଃଶେଷ ହୋଇଆସୁଛି, ସେହି ସମୟରେ ଆଣବିକ ଶକ୍ତି ହିଁ ସବୁଠାରୁ ବଡ଼ ସମ୍ବଳ । ଏହାର ସୁରକ୍ଷା ଓ ନିରାପଦ ଉପଯୋଗ ସମସ୍ତଙ୍କର ଦାୟିତ୍ । ବିଶେଷକରି ଶୀତପ୍ରଧାନ ୟୁରୋପୀୟ ରାଷ୍ଟ୍ରମାନଙ୍କ ନିମନ୍ତେ ଏହା ଅଧିକ ଜରୁରି। ସେପରି ସ୍ଥଳେ ରଣମତ୍ତ ମାନସିକତା ପ୍ରଦର୍ଶନ କରି ବିଶ୍ୱରେ ଆଣବିକ ବିପଦର ଭୟ ଲଦିଦେବା କଦାପି ସମୀଚୀନ ନୁହେଁ ।



## ଚାଷୀ ଆତ୍ମହତ୍ୟାର ସମୀକରଣ

**ଡକ୍ଟର ଲକ୍ଷ୍ମଣ ସାହୁ**

ନିକଟରେ ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆସାମ, ଓଡିଶା, ତେଲେଙ୍ଗାନା ଭଳି ରାଜ୍ୟ ଚଳିତ ବର୍ଷ ବର୍ଷା ଋତୁରେ ହାରାହାରି ବୃଷ୍ଟିପାତ ଠାରୁ ଅଧିକ ପାଇଛନ୍ତି । ବଜ୍ରପାତ, ଘର ଭୁଶୁଡ଼ିବା, ଗଛ ମାଡ ହୋଇ ପୋଖରୀ, ନଦୀ ଓ କେନାଲରେ ବୁଡ଼ିଯିବା କାରଣରୁ ଶହ ଶହ ଲୋକ ପ୍ରାଣ ହରାଇଥିଲେ । ମୁଖ୍ୟତଃ କୃଷକ-ଶ୍ରମିକ ଏବଂ ଗରିବ ଲୋକଙ୍କ ଜୀବନ ହାନି ଘଟିଥିଲା । କୋଟି କୋଟି ସମ୍ପତ୍ତି ଏବଂ କୃଷି କ୍ଷତି ହୋଇଛି । ଲକ୍ଷ ଲକ୍ଷ ଲୋକଙ୍କୁ ନିଜ ଘର ଛାଡି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପଡ଼ିଛି । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣାରେ ହାରାହାରି ବୃଷ୍ଟିପାତ କମ୍ ହୋଇଛି । ଅତ୍ୟଧିକ ବର୍ଷା ଏବଂ ମରୁଡ଼ି (ଅତ୍ୟଧିକ ବର୍ଷା ଏବଂ ହାରାହାରି ବୃଷ୍ଟିପାତଠାରୁ କମ୍) ପ୍ରାକୃତିକ ବିପର୍ଯ୍ୟୟ ଘଟିଛି । ଏହି କାରଣରୁ କୃଷକ ଏବଂ ଶ୍ରମିକଙ୍କ ମୃତ୍ୟୁ ପ୍ରକୃତିର କ୍ଷତି ବୋଲି ବିବେଚନା କରାଯାଇପାରେ । ପ୍ରତିବର୍ଷ ଭଳି ଦେଶରେ ହଜାର ହଜାର କୃଷକ ଓ ଫସଲ ଉଦ୍ୟାନ କୃଷି ଶ୍ରମିକ ଫସଲ ଠାରୁ ଅଧିକ ଫସଲ ଆମଦାନୀ ନିମନ୍ତେ କରିଥିବା ଋଣ ଫସଲ ନଷ୍ଟ ଫଳରେ ଋଣ ପରିଶୋଧ କରିବାରେ ଅସମର୍ଥ ହେଉଛନ୍ତି ।

ସେମାନଙ୍କ ସ୍ୱଳ୍ପ ଆୟ ହେତୁ ପରିବାର ସଦସ୍ୟ ରୋଗରେ ଆକ୍ରାନ୍ତ ହୋଇ ଅର୍ଥଦାତାଙ୍କଠାରୁ ନିଆଯାଇଥିବା ଋଣ ପରିଶୋଧ କରିବାରେ ଅସମର୍ଥ ହେଉଛନ୍ତି । ଦାରିଦ୍ର୍ୟ ଘେରରେ ଥିବା କୃଷକଙ୍କ ପିଲାମାନଙ୍କର ଚାକିରୀ ସମସ୍ୟା, କୃଷକଙ୍କ ପିଲାମାନଙ୍କ ଦ୍ୱାରା ନିଆଯାଇଥିବା ଶିକ୍ଷା ଋଣ ପରିଶୋଧ କରାଯାଇ ନାହିଁ । ଘରୋଇ ସମସ୍ୟାର କୌଣସି ପ୍ରକାର ସମାଧାନ ନହେବା ଯୋଗୁଁ ଅସନ୍ତୁଷ୍ଟ ହେବା ପରେ ଆତ୍ମହତ୍ୟା କରିବାର ସମସ୍ୟା ବର୍ଷ ବର୍ଷ ଧରି ରହିଆସିଛି । କୃଷକ ଆତ୍ମହତ୍ୟା ଘଟଣା ସମ୍ପର୍କରେ ବିଭିନ୍ନ ପରିସଂଖ୍ୟାନ ପ୍ରକାଶ ପାଇଛି । ସରକାରୀ ଏବଂ ଅଣ-ସରକାରୀ ପରିସଂଖ୍ୟାନ ବିଭିନ୍ନ ସ୍ତରରେ ପାର୍ଥକ୍ୟ ଦେଖାନ୍ତି । ବର୍ତ୍ତମାନ କୃଷକଙ୍କ ଆତ୍ମହତ୍ୟା ଆଲୋଚନାର ବିଷୟ ପାଲଟିନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର କହିଛନ୍ତି ଯେ ଚାଷୀଙ୍କ ଅବସ୍ଥା ଭଲ ହୋଇସାରିଛି । ବର୍ତ୍ତମାନ ସେମାନେ ଅବହେଳିତ ନୁହଁନ୍ତି । କିନ୍ତୁ ସେମାନଙ୍କର ଆୟ ବୃଦ୍ଧି ପାଇଁ କେନ୍ଦ୍ର ରାଜ୍ୟ ସରକାରଙ୍କ ମାଧ୍ୟମରେ ଅନେକ ଯୋଜନା ଓ ସୁବିଧା ଯୋଗାଇ ଦିଆଯାଇଛି ।

ପ୍ରଶ୍ନ ହେଉଛି ଯଦି ଚାଷୀଙ୍କ ଆର୍ଥିକ ଏବଂ ପାରିବାରିକ ସମସ୍ୟାରେ ଉନ୍ନତି ଆସିଛି, ତେବେ କୃଷକମାନେ କାହିଁକି ଆତ୍ମହତ୍ୟା କରୁଛନ୍ତି ? କୃଷକ କାହିଁକି ଦାରିଦ୍ରରେ ବଞ୍ଚିବାକୁ ବାଧ ହୁଏ ? ସୂଚନାଯୋଗ୍ୟ ଯେ ବିଦର୍ଭ, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ ଭଳି ମହାରାଷ୍ଟ୍ରର ଅଧିକାଂଶ କୃଷକ ଆତ୍ମହତ୍ୟା କରୁଛନ୍ତି । ଉଦାହରଣ ସ୍ୱରୂପ, ୧୯୯୦ ଦଶକରେ ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଏଠାରେ ଏକ ବୃତ୍ତିଗତ ବର୍ଗ ଭାବରେ କୃଷକମାନେ ଆତ୍ମହତ୍ୟା ହାରରେ ପୀଡିତ ହୋଇଥିଲେ । ସବୁଠାରୁ ଗୁରୁତର ହେଉଛି ବିଦର୍ଭ ଅଞ୍ଚଳର ଚାଷୀଙ୍କ ଆତ୍ମହତ୍ୟା । ବିଦର୍ଭରେ ୩.୪ ନିୟୁତ କୃଷକ କପା ଚାଷ କରନ୍ତି । ସେଥିମଧ୍ୟରୁ ୯୫ ପ୍ରତିଶତ କୃଷକ ଯେଉଁମାନେ ଋଣ ନେଇ କପା ଚାଷ କରନ୍ତି । ବିଦର୍ଭର ଏହି କୃଷକମାନେ କପା ଚାଷ କରୁଥିବାରୁ ମଞ୍ଜି, ସାର, ବିଦ୍ୟୁତ୍, ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ବ୍ୟାଙ୍କ କିମ୍ବା ଟଙ୍କାଧାରୀଙ୍କଠାରୁ ଋଣ ନେଇଥାନ୍ତି । ଏହି ଅଞ୍ଚଳର ଚାଷୀଙ୍କ ହାରାହାରି ଆୟ ଏକର ପିଛା ବାର୍ଷିକ ୨୭୦୦ ଟଙ୍କା । ଗତ ତିନି ଦଶନ୍ଧି ମଧ୍ୟରେ ଆତ୍ମହତ୍ୟା କରିଥିବା ଲକ୍ଷ ଲକ୍ଷ କୃଷକଙ୍କ ମଧ୍ୟରେ ପଞ୍ଜାବ ଏବଂ ବିଦର୍ଭର କୃଷକମାନେ ସର୍ବାଧିକ । ସେଥିମଧ୍ୟରୁ ବିଦର୍ଭର କୃଷକମାନେ ଆଜି ମଧ୍ୟ ସର୍ବାଧିକ ଆତ୍ମହତ୍ୟା କରୁଛନ୍ତି । ପରିସଂଖ୍ୟାନରୁ ଜଣାପଡିଛି ଯେ ଚଳିତ ବର୍ଷ ବିଦର୍ଭର ୫୪୭ କୃଷକ ଗତ ଛଅ ମାସ ମଧ୍ୟରେ ଆତ୍ମହତ୍ୟା କରିଛନ୍ତି । ଦେଶର କୃଷକଙ୍କ ଆତ୍ମହତ୍ୟା ହାର ଜାତୀୟ ଆତ୍ମହତ୍ୟା ହାରଠାରୁ ଅଧିକ । ଆତ୍ମହତ୍ୟା ବିଷୟରେ ବିଶ୍ୱ ପରିସଂଖ୍ୟାନ ଦର୍ଶାଏ ଯେ ଆତ୍ମହତ୍ୟା ତାଲିକାରେ ଶ୍ରେଷ୍ଠ ଶହେ ଦେଶରେ ଆତ୍ମହତ୍ୟା ଘଟିଥାଏ ।

ଏହା ଭାରତରେ ମୋଟ ଆତ୍ମହତ୍ୟାର ଦୁଇଗୁଣରୁ ଅଧିକ । ଏହି ଆତ୍ମହତ୍ୟା ପଛର କାରଣ ସରକାର ଜାଣନ୍ତି । ତଥାପି ଏହାର ସମାଧାନ ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ । ବାସ୍ତବରେ ଜଳସେଚନ ଜଳ ଏବଂ ସାରର ଉପଲବ୍ଧତା ଆଜି ମଧ୍ୟ କୃଷି ଏବଂ କୃଷକଙ୍କ ସାମ୍ନାରେ ଏକ ବଡ ସମସ୍ୟା ଅଟେ । ସମସ୍ତ ପ୍ରୟାସ ପରେ ମଧ୍ୟ ୬୦ ପ୍ରତିଶତ କୃଷି ପ୍ରକୃତି ଉପରେ ନିର୍ଭରଶୀଳ । ତଥ୍ୟ ଅନୁଯାୟୀ, ବର୍ଷାଜଳ ଚାଷରେ ହାରାହାରି ଉତ୍ପାଦନ ହେକ୍ଟର ପିଛା ୧.୨ ଟନ୍ ହୋଇଥିବାବେଳେ ଜଳସେଚିତ ଅଞ୍ଚଳରେ ଏହା ହେକ୍ଟର ପିଛା ହାରାହାରି ଚାରି ଟନ୍ ଅଟେ । କୃଷକ ଯିଏ ହେକ୍ଟର ପିଛା ଚାରି ଟନ୍ ଉତ୍ପାଦନ କରେ, ସାର, ଜଳ, ବିଦ୍ୟୁତ୍, କୀଟନାଶକ ଏବଂ ତୃଣକ ବଦଳରେ - ଅଧିକ ଖର୍ଚ୍ଚ ହୁଏ । କିନ୍ତୁ ଏହାର ମୂଲ୍ୟ ସରକାର ସ୍ଥିର କରିଥିବା କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ମୂଲ୍ୟରୁ ପୁନରୁଦ୍ଧାର କରିବାରେ ସକ୍ଷମ ନୁହେଁ । କୃଷକଙ୍କ ଏକ ବଡ ସମସ୍ୟା ହେଉଛି ସରକାର ଦୁଇ ଡଜନ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପି) ଘୋଷଣା କରିଛନ୍ତି । କିନ୍ତୁ ସେଗୁଡିକ କିଣିବା ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥା କରିନାହାଁନ୍ତି ।

ସ୍ୱାଧୀନତା ପରଠାରୁ କୃଷକମାନେ ଋଣ, ସାର, ବିଦ୍ୟୁତ୍, ଜଳ ଏବଂ ଉତ୍ପାଦର ମୂଲ୍ୟ ନ ପାଇବା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ ତିନି ଦଶନ୍ଧି ଧରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେତୁ ଏଥିରେ ଚାଷର ଏକ ବଡ ସମସ୍ୟା ଯୋଡି ହୋଇଗଲା । ଅନେକ ରାଜ୍ୟରେ ନୀଳଗାଇ କିମ୍ବା ବିପଥଗାମୀ ପଶୁମାନଙ୍କ ଦ୍ୱାରା ବଢୁ ଥିବା କରିବାର ସମସ୍ୟା ମଧ୍ୟ ଚାଷୀଙ୍କ ପାଇଁ ଏକ ସମସ୍ୟା ପାଲଟିଛି । ସରକାରୀ ଆକଳନ ଅନୁଯାୟୀ, ଭାରତରେ ହାରାହାରି, ପ୍ରତିବର୍ଷ ୧୬, ୦୦୦ ରୁ ଅଧିକ କୃଷକ ଆତ୍ମହତ୍ୟା କରନ୍ତି । ଯେଉଁଥିରେ ୭୨ ପ୍ରତିଶତ କୃଷକ କ୍ଷୁଦ୍ର ବିକ୍ରେତା ଏବଂ ବ୍ୟାଙ୍କ ଋଣ ଦ୍ୱାରା ବଶୀଭୂତ ହୋଇ ରହିଛନ୍ତି । ଅନୌପଚାରିକ ଆକଳନ ଏହାଠାରୁ ଅନେକ ଗୁଣ ଅଧିକ ଦେଖାଏ । ଯେତେବେଳେ ଫସଲ ପ୍ରସ୍ତୁତ ହେବା ପରେ ଘରକୁ ଆସେ, ସେତେବେଳେ ଏହାର ମୂଲ୍ୟ ନିର୍ଦ୍ଧାରଣ ମୂଲ୍ୟ ଠାରୁ କମ୍ ହୁଏ ।

ଏଭଳି ପରିସ୍ଥିତିରେ ଚାଷୀଙ୍କ ସାମ୍ନାରେ ରହିବାର ଆଶା ନାହିଁ । ସେ ଅନୁଭବ କରୁଛନ୍ତି ଯେ ପରିବାର ଭୋକରେ ପୀଡିତ ଥିବା ଦେଖିବା ପରିବର୍ତ୍ତେ ସେ ନିଜ ଜୀବନକୁ ଶେଷ କରିବା ଉଚିତ୍ । ଗ୍ରାହକ ଓ ମଧ୍ୟସ୍ଥି ତଥା ବ୍ୟବସାୟୀଙ୍କ ସ୍ୱାର୍ଥକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ସମାନ ଭାବରେ ଚିନ୍ତିତ ଥିବା ଦେଖାଯାଇଛି । କିନ୍ତୁ ଅନ୍ନଦାତାଙ୍କ ସ୍ୱାର୍ଥ ପ୍ରତି ସେମାନଙ୍କର ସହାନୁଭୂତି ନାହିଁ । ଏହି କେନ୍ଦ୍ର ସରକାର ବିକଶିତ ଦେଶ ପରି ଭାରତୀୟ କୃଷିର ବିକାଶ ବିଷୟରେ କଥାବାର୍ତ୍ତା କରନ୍ତି । କିନ୍ତୁ ଯେତେବେଳେ ଚାଷୀଙ୍କୁ ସବସିଡି ଦେବା କଥା ସେତେବେଳେ ଏହା ଏକ ପଦକ୍ଷେପ ପଛକୁ ନେଇଥାଏ । ବିକଶିତ ଦେଶର ଚାଷୀଙ୍କୁ ହେକ୍ଟର ପିଛା ୨.୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ଦିଆଯାଉଛି ବୋଲି ଜାଣିବା । ଏହାର କାରଣ ହେଉଛି ଯେ କୌଣସି ଦେଶର କୃଷକ ଦାରିଦ୍ର କାରଣରୁ ଆତ୍ମହତ୍ୟା କରିବାକୁ ବାଧ ହେଉ ନାହାଁନ୍ତି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ଚୀନ୍ ଜାହାଜର ଗୁଇନ୍ଦାଗିରି

**ମହେଶ୍ୱର ପାତ୍ର**

ଆମେରିକା ପ୍ରତିନିଧି ସଭାର ବାଚସ୍ପତି ନାନ୍ସୀ ପେଲୋସୀଙ୍କ ତାଇୱାନ ଗସ୍ତ ପରେ ପରେ ସମଗ୍ର ବିଶ୍ୱର ନଜର ବର୍ତ୍ତମାନ ଚୀନ୍ - ତାଇୱାନ ଉପରେ। ଏହାରି ସୁଯୋଗ ନେଇ ଚୀନ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରଚିଥିବା ଏକ ଷଡ଼ଯନ୍ତ୍ର ପଦାକୁ ଆସିଛି । ସୂଚନା ଅନୁଯାୟୀ, ଉଆନ୍ ୱାଙ୍ଗ-୫ ନାମକ ଚୀନର ଏକ ଗୁଇନ୍ଦା ଜାହାଜ ଗତ ଜୁଲାଇ ମାସରୁ ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦର ଅଭିମୁଖେ ବାହାରି ଥିଲା। ସବୁ କିଛି ଠିକ୍ ଠାକ୍ ଥିଲେ ଏହା ଅଗଷ୍ଟ ୧୧ ତାରିଖରେ ବନ୍ଦରରେ ପହଞ୍ଚି ଅଗଷ୍ଟ ୧୭ ତାରିଖରେ ଏଠାରୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଥାନ୍ତା। କିନ୍ତୁ ଭାରତ ନିଜର ଜାତୀୟ ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ଏହି ଜାହାଜକୁ ହମ୍ବନତୋଟା ବନ୍ଦର ରେ ରହଣୀ ନିମନ୍ତେ ଅନୁମତି ନ ଦେବାକୁ ଶ୍ରୀଲଙ୍କାକୁ ଅନୁରୋଧ କରିଥିଲା । ଏଥିରେ ଶ୍ରୀଲଙ୍କା କିଛି ମାତ୍ରାରେ(ଭାରତର ହସ୍ତକ୍ଷେପ ଯୋଗୁ ଜାହାଜଟି ପ୍ରାୟ ୫ ଦିନ ମଝି ସମୁଦ୍ରରେ ଅଟକି ରହିଥିଲା) ଭାରତକୁ ସହଯୋଗ ମଧ୍ୟ କରିଥିଲା କିନ୍ତୁ ଶେଷ ସୂଚନା ଅନୁଯାୟୀ, ବେଜିଂ ର ଏହି ବିବାଦୀୟ ଜାହାଜଟି ଗତ ଅଗଷ୍ଟ ୧୬ ତାରିଖ ଦିନ ଆସି ହମ୍ବନ୍ ତୋଟା ବନ୍ଦରରେ ପହଞ୍ଚିଛି। ତେବେ, ଚୀନର ଦାବି ମୁତାବକ ସାମୁଦ୍ରିକ ବୈଜ୍ଞାନିକ ଗବେଷଣା ନିମନ୍ତେ ଉଦ୍ଦିଷ୍ଟ ଏହି ଜାହାଜକୁ ଭାରତ ଦୃଢ଼ ବିରୋଧ କରିବାର କାରଣ କଣ ?ହମ୍ବନତୋଟା ବନ୍ଦର, ଯାହାକୁ ବିକଶିତ କରିବା ସହ ଚୀନ ୯୯ ବର୍ଷ ପାଇଁ ନିଜ ଅଧିନରେ ରଖିଚି, ସେହି ବନ୍ଦରରେ ନିଜ ଜାହାଜର ଆଶ୍ରୟ ନିମନ୍ତେ କଣ ରହିଛି ପ୍ରତିବନ୍ଧକ ? ଯେ ସବୁ ର ଉତ୍ତର ଜାଣିବାକୁ ହେଲେ ଆମକୁ ସର୍ବ ପ୍ରଥମେ ସଂପୃକ୍ତ ଜାହାଜର ବିଶେଷତ୍ୱ ସମ୍ପର୍କ ରେ ଅବଗତ ହେବାକୁ ପଡ଼ିବ।

ଯଦିଓ ଆନ୍ତର୍ଜାତୀୟ ସିପିଂ ଓ ଆନାଲିଟିକ୍ସ ସାଇଟ୍ସ ଉଆନ ୱାଙ୍ଗ-୫ କୁ ଏକ ଗବେଷଣା ଓ ସର୍ବେକ୍ଷଣ ଜାହାଜ ବୋଲି କହୁଚି କିନ୍ତୁ ଏହା ମଧ୍ୟ ଏକ ଗୁଇନ୍ଦା ଜାହାଜ। ଏହି ସିରିଜର ୭ ଟି ଜାହାଜ ମଧ୍ୟରୁ ଉଆନ ୱାଙ୍ଗ-୫ ହେଉଛି ପଞ୍ଚମ ଜାହାଜ। ୨୦୦୭ ମସିହାରେ ନିର୍ମିତ ହୋଇଥିବା ଏହି ଜାହାଜଟିର ଓଜନ ପ୍ରାୟ ୨୫ ହଜାର ଟନ୍ ହୋଇଥିବା ବେଳେ ଲମ୍ବ ୬୨୦ ଫୁଟ। ଘଣ୍ଟା ପ୍ରତି ୩୭ କିମି ବେଗରେ ଗତି କରୁଥିବା ଏହି ବୃହତାକାୟ ଜାହାଜରେ ୪୭୦ ଜଣ କ୍ରୁ ମେମ୍ବର କାର୍ଯ୍ୟ କରି ଥାଆନ୍ତି। ମୁଖ୍ୟତଃ ଶତ୍ରୁ ରାଷ୍ଟ୍ର ମାନଙ୍କ ଉପରେ ସତର୍କ ନଜର ରଖିବା ପାଇଁ ଚୀନ ଏହା ନିର୍ମାଣ କରିଥିବା ବିଶ୍ୱାସ କରାଯାଏ। ଏଥିରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଆଣ୍ଟିନା ଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଯେକୌଣସି ଦିଗକୁ ମୋଡା ଯାଇ ଉପଗ୍ରହ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇପାରେ।ଏହା ପ୍ରାୟ ୭୫୦ କିମି ପର୍ଯ୍ୟନ୍ତ ଦୁରତାରେ ଥିବା ଯେ କୌଣସି ବସ୍ତୁକୁ ଟ୍ରାକ କରିପାରିବାର କ୍ଷମତା ରଖେ।

ଭାରତର ସାମରିକ କାର୍ଯ୍ୟକ୍ରମ ଓ ସେନା ମୁତୟନ ଉପରେ ଏହି ଜାହାଜ ଗୁଇନ୍ଦାଗିରି କରିପାରେ ବୋଲି ଭାରତ ସନ୍ଦେହ ପ୍ରକଟ କରୁଛି ଏବଂ ଏହା ସ୍ୱାଭାବିକ ମଧ୍ୟ। କାରଣ ସୁରକ୍ଷା ଦୃଷ୍ଟିରୁ ବିଚାର କଲେ ଆମ ଦେଶର ଦାକ୍ଷିଣାତ୍ୟ ଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତର ବୃହତ୍ତମ ଆଣବିକ କେନ୍ଦ୍ର ରୂପେ ପରିଚିତ ତାମିଲନାଡୁର କୁଦନକୁଲମ ଆଣବିକ ଶକ୍ତି କେନ୍ଦ୍ର ହେଉ କିମ୍ବା ଚେନ୍ନାଇର କଳ୍ପକ୍କମ୍, ଯେ ଦୁଇଟି ସ୍ଥାନ ଶ୍ରୀଲଙ୍କା ଠାରୁ ଅନତି ଦୂରରେ ଅବସ୍ଥିତ।ପୁନଶ୍ଚ, ଏହି ଭାଗରେ ଭାରତର ୫ ଟି ବ୍ୟସ୍ତବହୁଳ ସାମୁଦ୍ରିକ ବନ୍ଦର ଯଥା - କୋଚି, ମାଙ୍ଗାଲୋର, ଏନୋର, ଚେନ୍ନାଇ ଓ ବିଶାଖାପାଟଣା ଅବସ୍ଥିତ। ଭାରତୀୟ ବାୟୁ ସେନାର ଦକ୍ଷିଣ କମାଣ୍ଡ କେରଳ ରାଜ୍ୟର ଥିରୁଅନନ୍ତପୁରମ ଠାରେ ଓ ନୌସେନାର କୋଚି ଠାରେ ଅବସ୍ଥିତ।ଏହା ବାଦ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ର (ଶ୍ରୀ ହରିକୋଟା) ଆନ୍ଧ୍ର ପ୍ରଦେଶ ଏବଂ ବିକ୍ରମ ସରାଭାଇ ଗବେଷଣା କେନ୍ଦ୍ର କେରଳ ରାଜ୍ୟର ଥିରୁଅନନ୍ତପୁରମ ଠାରେ ରହିଛି। ଚୀନ ସରକାରଙ୍କ ସୂଚନା ଅନୁଯାୟୀ ଏହି ଜାହାଜଟି ଅଗଷ୍ଟ ୧୬ ରୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର ହମ୍ବନତୋଟା ବନ୍ଦରରେ ରହିବ। ଏହି ସମୟ ମଧ୍ୟରେ ଉକ୍ତ ଗୁଇନ୍ଦା ଜାହାଜଟି, ଭାରତର ଉପରୋକ୍ତ ସାମରିକ ପ୍ରତିଷ୍ଠାନ ଗୁଡ଼ିକର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ନିମନ୍ତେ ଗୁଇନ୍ଦଗିରି ଯେ ନକରିବ।ଏହା ଏବେ ଠାରୁ କହିବା ସମ୍ଭବ ନୁହେଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଅନୁଯାୟୀ, ପାକିସ୍ତାନର ଯୁଦ୍ଧ ଜାହାଜ ପିଏନ୍ଏସ ତୈମୁର୍ ମଧ୍ୟ ଶ୍ରୀଲଙ୍କାର କଲୋମ୍ବୋ ବନ୍ଦର ରେ ଆସି ଲାଗିଛି। ସମାନ ସମୟରେ ଚୀନ୍ ଓ ପାକିସ୍ତାନ ପରି ଦୁଇଟି ଶତ୍ରୁ ରାଷ୍ଟ୍ରର ଦୁଇ ଦୁଇଟି ପ୍ରମୁଖ ଜାହାଜ ଭାରତର ନିକଟତମ ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କାରେ ମୁତୟନ ହେବା ନିଶ୍ଚିତ ରୂପେ ନୂଆଦିଲ୍ଲୀ ପାଇଁ ମୁଣ୍ଡ ବ୍ୟଥାର କାରଣ। ଶ୍ରୀଲଙ୍କାର ସଙ୍କଟ ସମୟରେ ଭାରତ ଜଣେ ସଚ୍ଚା ବନ୍ଧୁ ରୂପେ ଉଭା ହୋଇ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିଲା। ଆଶା କରାଯାଉଥିଲା, ଶ୍ରୀଲଙ୍କା ମଧ୍ୟ ଏହି ବିବାଦୀୟ ଜାହାଜକୁ ନିଜ ବନ୍ଦର ରେ ରହିବାର ଅନୁମତି ନ ଦେଇ ଭାରତ ପ୍ରତି ନିଜ ଆନୁଗତ୍ୟ ପ୍ରଦର୍ଶନ କରିବ କିନ୍ତୁ ଚୀନ୍ ଋଣ ଜାଲରେ ବୁଡି ରହିଥିବା ଏହି ସିଂହଳୀ ଦେଶ ଚୀନ୍‌ର ଦାଦାଗିରି ଆଗରେ ମଥା ନତ କରିବାକୁ ବାଧ ହେଲା । ଶ୍ରୀଲଙ୍କା ଏପରି କରିବାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟ ରହିଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଋଣ ହାସଲ କରିବା ପାଇଁ ଆଶାୟୀ ଥିବା ଏହି ଦେଶ ଚୀନ୍‌କୁ ଉତ୍ତେଜିତ କରି ଏହି ସୁବିଧା ହାସଲରୁ ବଞ୍ଚିତ ହେବାକୁ ଚାହୁଁ ନ ଥିଲା।

ପରିଶେଷରେ ଏତିକି କୁହଯାଇପାରେ ଯେ, ବିସ୍ତାର ବାଦୀ ନୀତିରେ ବିଶ୍ୱାସ କରୁଥିବା ଚୀନ ପ୍ରାୟ ସମସ୍ତ ପଡୋଶୀ ରାଷ୍ଟ୍ରକୁ(ଭାରତ ବ୍ୟତୀତ) ନିଜ ଋଣ ଜାଲରେ କବଳିତ କରି ରଖିଚି। ଭାରତକୁ କଳେବଳେ କୌଶଳେ ନିଜ ଆୟତ୍ତାଧିନ କରିଦେଲେ ଚୀନ ଏସିଆ ମହାଦେଶର ଏକ ମାତ୍ର ସର୍ବଶକ୍ତିମାନ ଦେଶ ହୋଇପାରିବ । ଏହି ଇଚ୍ଛାକୁ ଚରିତାର୍ଥ କରିବା ପାଇଁ ହୁଏତ ଚୀନ୍, ଭାରତ ସାଗରରେ ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛି। ତାହା ପୁଣି ସେତେବେଳେ ଘଟିଛି ଯେବେ ସମଗ୍ର ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ 'ଆଜାଦି କା ଅମୃତ ମହୋତ୍ସବ' ପାଳନ କରୁଛି ।ଏଭଳି ସ୍ଥିତିରେ ନୂଆଦିଲ୍ଲୀ ମଧ୍ୟ ଚୁପ୍ ହୋଇ ବସିବା ଉଚିତ୍ ହେବ ନାହିଁ ବରଂ ବେଜିଂ କୁ ଏହାର ମୁହଁ ତୋଡ ଜବାବ ଦେବା ପାଇଁ କୁଟନୈତିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବା ଉଚିତ୍।

କୁଶଳେଶ୍ୱର ଆଞ୍ଚଳିକ
ମହାବିଦ୍ୟାଳୟ
ମୋ: ୭୦୦୮୦୬୫୮୭୫




### ତୁମେ ସାକ୍ଷାତ ଈଶ୍ୱର

**ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

ହେତୁ ପରେ ଜାଣିଥିଲି ନନା ତୁମେ
ନୁହଁ କେବେ ଈଶ୍ୱରଙ୍କ ପ୍ରତିନିଧି
ତୁମେ ଥିଲ ସାକ୍ଷାତ ଈଶ୍ୱର
ତୁମ ପାଖେ ଥିଲା ସେ ଲକ୍ଷଣ
ସେ ପାଇଁକି ହସୁଥିଲ
ପିଇଲେ ବି ଦୁଃଖର ଜହର ।

ବୁଝିବା ବାକି ନଥିଲା ତୁମ ମଥା ଚିତା
ଚିତା ନୁହେଁ ସେତ କେବେ
ଆଙ୍କୁଥିଲ ନିତି ତୁମେ କପାଳରେ
ସମସ୍ୟାର ଯେତେ ସବୁ ଚିଠା ।

ଜଣାଥିଲା ତୁମକୁ କୌଶଳ
କେମିତି ଲୁଚାଇ ହେବ
ଆଖିର ସେ ଲୁହ
ଆଉ ମନର କୋହକୁ
ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟ ପାଇଁ
ପାଣି କରିହେବ ନିଜ ଦେହର ଲହୁକୁ ।

ପଢୁଥିଲି ପାପୁଲିରେ
ଲେଖାଥିବା ଦାଗ ରୂପୀ
ହିସାବର ଗୋଟି ଗୋଟି ପୃଷ୍ଠା
କେତେ ଯେ କଷଣ ସହି
ବାହୁଥିଲ ସଂସାର ରଥକୁ
ତୁମ ମନେ ଥିଲା କେତେ ଆମ ପାଖେ
ହାରି ହାରି ଜିତିବାର ନିଷ୍ଠା ।

ଶୁଣିଥିଲି ତୁମ ସେହି ଆଶ୍ୱାସନା
ବଇଁଶୀର ସ୍ୱର
ଯେତେବେଳେ ଝୁଣ୍ଟୁଥିଲି
ମୋ ଚଲା ପଥରେ
କହୁଥିଲ ବାବୁରେ ଦେଖିକି,
ଆଜି ତାହା ଅନୁଭବ କରେ
ଯେତେବେଳେ ବିଶ୍ୱାସ ମୋ
ଭରସାକୁ ଭାଙ୍ଗେ
ଛାଇ ପରି ଆସି କୁହ
ତୁ ପରା ମୋ ସାହସୀ ପୁଅ
ନଇଁ ଯାଉ ଏତେ ତୁ କାହିଁକି ।

ବିଶ୍ୱାସ କେ କରୁ କି ନ କରୁ
ମୁଁ ଜାଣେ ତୁମେ ଥିଲ ଅଛ ଏବେ
ଛାଇ ପରି ହୋଇ ମୋ ନିଜର
କାହିଁକି ନା.....
ତୁମେ ନୁହଁ ଈଶ୍ୱରଙ୍କ ପ୍ରତିନିଧି
ତୁମେ ଥିଲ ସାକ୍ଷାତ ଈଶ୍ୱର ।

ଚକାପଦା,ଖୋର୍ଦ୍ଧା
ମୋ: ୯୧୭୮୪୭୫୪୩୭

### କେବେ ଭୁଲିଯିବା ନାହିଁ

**ଜୟନ୍ତ କୁମାର ମଲ୍ଲିକ୍**

ତୁମେ ନରହିଲେ ସାଥିରେ ମୋହର
ଫାଙ୍କା ଲାଗେ ଏହି ରାତି
କହିବକି ଆସି କେମିତି କାଟିବି
ଆମ ଭାବ ଆମ ପ୍ରୀତି ।

ଫମ୍ପା ମାଠିଆର ଶବଦ ଯେପରି
ଛାତିଟା ହେଉଛି ମୋର
ଖାଲି ଖାଲି ଲାଗେ ତୁମର ଆଳାପ
ଭାବିଲେ ଲାଗଇ ଦୂର ।

ଯାଇତ ପାରୁନି କହିତ ପାରୁନି
ଭାବୁଅଛି ଖାଲି ବସି
ପାଖକୁ ଆସିଲେ କେତେଯେ ଗପିବା
ମୁରୁକି ମୁରୁକି ହସି ।

ଓଠରେ ତୁମର ଗୋଲାପର ବାସ୍ନା
କେତେଯେ ମହକୁ ଥିବ
ରାତି ହୋଇଗଲେ ଜହ୍ନକୁ କହିବା
ଆଲୋକ ଆମକୁ ଦେବ ।

ସେହି ଆଲୋକରେ କବିତା ଲେଖିବି
ତୁମର ମନକୁ ନେଇ
ମନ୍ଦିରକୁ ଯାଇ ଶପଥ କରିବା
କେବେ ଭୁଲିଯିବା ନାଇଁ ।

ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

### ସତ୍ୟପ୍ରତିଜ୍ଞାରେ ହେଲୁ ବନ୍ଧନ

**ଯୋଗୀ କୃପାସିନ୍ଧୁ ମୁନି**

ରେ ଏ ମନ...
କରିବୁ ତୁ ଯୋଗ ସାଧନ
ଥିଲେ ତୋର ପୂର୍ବଭାଗ୍ୟ ଯିବୁ ତୁ ମୁନି ସମାଜ
ଶାନ୍ତି ମୁକତି ପ୍ରଗତୀ ପଥରେ ହୋଇବୁ ଯାତ୍ରୀ
ଆଦରି ନେବୁ ସଦ୍‌ଗୁରୁ ସତ୍ୟ ବଚନ ।
କରିଣ ତୁ ମଥା ନତ ଚାପିବୁ ହୃଦୟେ ହାତ
ବାଛିଣ ନେଲୁ ତୁ ପଥ ମୁନି ସସମାଜର ତତ୍ତ୍ୱ
ପାଳନ କରିବୁ ତୁହି ନିତି ନିୟମ ।
ସାକ୍ଷୀ ରଖି ଅନ୍ତର୍ଯ୍ୟାମୀ ନିତ୍ୟ ସାଧନ କରିବୁ
ଗୁରୁଙ୍କ ଆଦେଶ ବିନା ଅନ୍ୟ କାହିଁ ନକହିବୁ
ପ୍ରଚାରେ ପ୍ରସାରେ ଥିବୁ ସାରା ଜୀବନ ।
ବାର୍ଷିକ ଦେୟ ଦେବାକୁ କରିଲୁ ତୁ ଅଙ୍ଗୀକାର
ତେଣୁ ମୋ ମନ ତୁ କର ହୃଦୟ ମଧ୍ୟେ ବିଚାର
ସତ୍ୟର ପ୍ରତିଜ୍ଞାରେ ତୁ ହେଲୁ ବନ୍ଧନ ।
ଅଷ୍ଟାଙ୍ଗ ସାଧନା ପଥ ଯମନିୟମେ ଆବୃତ
ପ୍ରତ୍ୟାହାର ପ୍ରାଣାୟାମ ଧାରଣା ଧ୍ୟାନରେ ରତ
ଷୋଡ଼ଶ ଉପଚାରର ପୂଜା ଉପକରଣ ।
ସଦଗୁରୁ କୃପା ବିଜେ ସାଧୁସୁଧାମୃତ ପାନେ
କହେ ଯୋଗୀ କୃପାସିନ୍ଧୁ ନମିଳଇ ଆତ୍ମଜ୍ଞାନ
ସ୍ୱରୂପସ୍ତେ ହେବ ତୋ ଜୀବନ ଦର୍ଶନ ।

ଜୁଣବଳଦା, ଗୋଡ଼ିଖାଳ ଆଶ୍ରମ,
ବାଲେଶ୍ୱର

### ଅପେକ୍ଷା

**ତପନ ସାହୁ**

ଆଖିର ଲୁହ ଝରିବାକୁ ଦିଅନି
ଆଖି କୁ ହିଁ
ବାଟ ଚାହିଁବାକୁ ପଡେ !!!

ବୋଧେ ଦାନା ଖୋଜି
ବାହାରି ଥିବା ପକ୍ଷୀକୁ ତୁମର ଅପେକ୍ଷା,
ସଞ୍ଜ ଆଗରୁ ସେ କ'ଣ ଫେରିବ ?

ଏବେ ତ ଝାଳ ବୋହିବାର ବେଳ
ଆଖି ଏବେଏବେ ଅନିଦ୍ରା ହେଉଛି
ଦମ୍ଭକୁ ଛାତିର କ୍ଷୀର କରି ପିଏଇ ଦିଅ
ନଅ ମାସର ପୁଅ ଚୁପ୍ ହୋଇଯିବ

ସେ ଜାଣି ସାରିଛି
ତା' ପାଇଁ ବେଲୁନ କିଣା ପଇସା
ମାଲିକ ପାଖରେ !!

ଏବେ ଏବେ ତ ଅମାବାସ୍ୟା ଗଲା
ପୂର୍ଣ୍ଣିମା ପାଇଁ
ମାସେ ତ ଅପେକ୍ଷା କର
ଆକାଶ ଧୋକା ଦେଇପାରେ
ଭାଗ୍ୟ ନୁହେଁ
ଚିନ୍ତାରେ ଚେତା ବୁଡେ
ଆଖି କ'ଣ ନିଦ ବିନା ରହିପାରେ
ଆଖିକୁ ଶୋଇବାକୁ ଦିଅ !!

ସକାଳ ହେଲେ
ତୁମ ବାରିପଟ ନଡ଼ିଆ ଗଛରେ
ବାଇ ଚଢ଼େଇ ବସା

ନବଜାତ ଦୁଇଟି ଛୁଆ
ଭୋକର କିଚିରିମିଚିରି ଶବ୍ଦ
ସଞ୍ଜ ହବ
ମା ଦାନ ନେଇ ନିଶ୍ଚୟ ଫେରିବ
ତୁମେ ବି ଦମ୍ଭ ଦବେଇ ଦିଅ
ନିଦର ତକିଆ ତଳେ
ପାଖେ ଦାନା ମିଳେନି ବୋଲି ତ
ଏ ଦୂରଯାତ୍ରା
ନ ହେଲେ ବେଲୁନ ତ
ତୁମ ଗାଁ ଛକରେ ବି ମିଳେ !!

ବେଲଗାଁ,
ଏମ୍.ରାମପୁର, କଳାହାଣ୍ଡି
ମୋ: ୯୦୧୯୩୧୧୮୬୮

### ସକାଳ ଆଣେ ନାଲି ସୂରୁଜ

**ରତ୍ନକାନ୍ତି ମିଶ୍ର**

ସକାଳ ଆଣେ ନାଲି ସୂରୁଜ
ବୁଣେ କଅଁଳ ଖରା
ଅନ୍ଧାର କଟି କେଡେ ସୁନ୍ଦର
ଦିଶଇ ଆମ ଧରା

ମୌସୁମୀ ଆଣେ ମେଘ ବରଷା
ଜଗତ ଉଠେ ହସି
ଗିରି କାନନ ପଶୁ ଓ ପକ୍ଷୀ
ସବୁରି ମନ ଖୁସି

ଶୀତ ଆଣଇ ଥଣ୍ଡା ପବନ
ଉତ୍ତର ପଟୁ ଧରି
ସକାଳ ସଂଜେ ପଡଇ ଜାଡ
ଦେହ ଉଠଇ ଥରି

ବସନ୍ତ ଆଣେ ମଳୟ ବାଆ
ଫଗୁ ଦୋଳ ବି ସାଥେ
କୋଇଲି ଗାଏ କୁହୁ ତାନରେ
ମଧୁର କେଡେ ସତେ

ଉଆଁସ ଆଣେ କଳା ଘୁମୁର
ଅନ୍ଧାର ରାତି ପରା
ଆକାଶ ବକ୍ଷେ ଉଜ୍ଜ୍ୱଳି ଉଠେ
ଚିକିମିକିଆ ତାରା

ପୁନେଇଁ ଆଣେ ରୂପା କିରଣ
ସରଗୁ ପଡେ ଝରି
ଦେହକୁ ଲାଗେ ଜୋଛନା ରାଶି
ଚନ୍ଦନ ଛୁଆଁ ପରି ।

ଆଳି, କେନ୍ଦ୍ରାପଡା






## ମିନା ଅପାଙ୍କ ରାମାୟଣ ଟୁଙ୍କି (୫୦)

# ସୀତା ହରଣ (୩)





କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାବଣର ଯୋଜନା ଅନୁସାରେ ମାରୀଚ ଅସୁର ସୁନାର ମାୟାମୃଗ ହୋଇ ସୀତାଙ୍କୁ ପ୍ରଲୋଭିତ କଲା ଓ ମୃଗକୁ ଧରିବାକୁ ଶ୍ରୀରାମ ଜଙ୍ଗଲରେ ପ୍ରବେଶ କଲେ। ମାରୀଚ ମରିବା ଆଗରୁ 'ହା- ଜାନକୀ' 'ହା-ଲକ୍ଷ୍ମଣ' କହି ମଲା। ଏହା ଶୁଣି ସୀତା ବ୍ୟାକୁଳ ହୋଇ ଲକ୍ଷ୍ମଣଙ୍କୁ ଅରଣ୍ୟ ମଧ୍ୟକୁ ପଠାଇଲେ। ଅନିଚ୍ଛା ସତ୍ତ୍ୱେ ଲକ୍ଷ୍ମଣ ଅରଣ୍ୟରେ ପ୍ରବେଶ କଲେ।

ସୀତାଙ୍କୁ ଏକା ପାଇ ରାବଣ ଛଦ୍ମ ବେଶରେ ଶ୍ରୀରାମଙ୍କ ପର୍ଣ୍ଣ କୁଟୀର ପାଖରେ ପହଂଚିଲା ଓ ଭିକ୍ଷା ମାଗିବାର ଅଭିନୟ କଲା। ଧୀରେ ଧୀରେ ସେ ନିଜର ସ୍ୱରୂପ ପ୍ରକାଶ କଲା ଓ ସୀତାଙ୍କୁ ତା' ସହିତ ଲଙ୍କା ଯିବାକୁ ପ୍ରଲୋଭିତ କଲା।

ମାତ୍ର ସତୀ ସୀତା ରାବଣଙ୍କୁ ତିରସ୍କାର କଲେ ଓ ତା କଥାରେ ପ୍ରଭାବିତ ହେଲେନାହିଁ।

ରାବଣ ଆଉ କିଛି ଉପାୟ ପାଇଲା ନାହିଁ। ସେ କୌଣସି ପ୍ରକାରେ ସୀତାଙ୍କୁ ଲଙ୍କା ନେବାକୁ ଚାହିଁଲା। ସେଥିଲାଗି ମାତ୍ର ଗୋଟିଏ ବାଟ ଥିଲା- ବଳ ପ୍ରୟୋଗ।

ମା' ସୀତା ମାନବୀ ଅବତାରେ ଥିଲେ ଓ ବିବଶ ଥିଲେ। ଦୈବୀଶକ୍ତି ପ୍ରୟୋଗ କରିବା ସମ୍ଭବ ନଥିଲା। ସ୍ୱୟଂ ରାମଚନ୍ଦ୍ର ମଧ୍ୟ ବିଷ୍ଣୁଙ୍କ ଅବତାର ଥିଲେ। ମାତ୍ର ମାନବ ଅବତାରରେ ସେ ମଣିଷ ପରି ବଂଚୁଥିଲେ।

ସୀତା ବାରମ୍ବାର ନିଜର ପରିଚୟ ଦେଇ ରାବଣକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ। ମାତ୍ର ତାଙ୍କ କଥାର ପ୍ରଭାବ ରାବଣ ଉପରେ ପଡୁନଥିଲା। ସୀତାଙ୍କ କଟୁ ବାକ୍ୟରେ ରାବଣ କ୍ରୋଧିତ ହୋଇ ଉଠିଲା ଓ ଶେଷକୁ ବଳ ପ୍ରୟୋଗ କଲା।

ଭିକ୍ଷୁ ରୂପରେ ଆସିଥିବା ଦଶାନନ ଏବେ ନିଜର ଭୟଙ୍କର ରୂପ ଧରିଲା ଓ ସୀତାଙ୍କ ନିକଟକୁ ମାଡ଼ି ଆସିଲା। ବାମ ହସ୍ତରେ ସେ ସୀତାଙ୍କ କେଶକୁ ଧରି ଅନ୍ୟ ହସ୍ତରେ ସୀତାଙ୍କୁ ଟେକିନେଇ ତା ପୁଷ୍ପକ ବିମାନରେ ବସାଇଲା।

ରାବଣର ବଳ ପାଖରେ ମାନବୀ ଉପରେ ଥିବା ମା' ସୀତା ଅସହାୟ ଥିଲେ। ସେ ରାବଣର ପ୍ରତିରୋଧ କରି ପାରିଲେନି।

ତାଙ୍କୁ ସୁବର୍ଣ୍ଣ ମୃଗ ଲାଗି ଲୋଭ ପଡି ଓ ଲକ୍ଷ୍ମଣଙ୍କ ବନକୁ ପଠାଇବା ତାଙ୍କ ପାଇଁ କାଳ ହେଲା। ରାବଣ ସୀତାଙ୍କୁ ବିମାନରେ ବସାଇ, ଆକାଶ ପଥରେ ରଥକୁ ଚଳାଇଲା ରାବଣ।

ରାବଣ ସୀତାଙ୍କୁ ପୁଷ୍ପକ ବିମାନରେ ବସାଇ ଆକାଶ ପଥରେ ଉଠାଇବା ଦେଖି ସୀତା ବିକଳରେ କ୍ରନ୍ଦନ କରିବା ଆରମ୍ଭ କଲେ। 'ହା' ରାମ, ହା' ଲକ୍ଷ୍ମଣ' କହି ସେ ଉଚ୍ଚ ସ୍ୱରରେ କ୍ରନ୍ଦନ କଲେ। ଏହା ଶୁଣି ରାବଣ ରାମ ଓ ଲକ୍ଷ୍ମଣଙ୍କ ଭୟରେ ରଥର ବେଗ ବଢ଼ାଇଲା।

ନିହାତି ବିବଶ ହୋଇ ସୀତା କାନ୍ଦି କାନ୍ଦି ବାଟରେ ଥିବା ସ୍ଥାବର ଜଙ୍ଗମ , ବୃକ୍ଷଲତା ଓ ଜୀବମାନଙ୍କୁ ତାଙ୍କ ଦୁଃଖ ଜଣାଇଲେ। କ୍ରନ୍ଦନ ସମୟରେ ସେ ଏ କଥା ମଧ୍ୟ କହିଲେ ତାଙ୍କୁ ଅପହରଣ କରି ଲଙ୍କାପତି ରାବଣ ଶୂନ୍ୟମାର୍ଗରେ ନେଇ।

ସୀତା ଏ କଥା ଜାଣିଥିଲେ। ରାମ ଓ ଲକ୍ଷ୍ମଣଙ୍କ ଶକ୍ତି ଆଗରେ ରାବଣ କିଛି ନୁହେଁ। ସେମାନେ ଅତିରେ ସୀତାଙ୍କୁ ରାବଣ କବଳରୁ ମୁକ୍ତ କରିବେ। ମାତ୍ର ତାଙ୍କୁ ରାବଣ ହରଣ କରି ଲଙ୍କାକୁ ନେଇଛି, ଏ ଖବର ରାମ ଲକ୍ଷ୍ମଣଙ୍କ ପାଖରେ ପହଂଚିବାର ଦରକାର।

ସୀତାଙ୍କ ଆକୁଳ କ୍ରନ୍ଦନ ସମସ୍ତ ଜୀବଜନ୍ତୁ, ପଶୁ ପକ୍ଷୀ ଓ ପର୍ବତଙ୍କ ହୃଦୟ ଥରାଇ ଦେଇଥିଲା। ମାତ୍ର ସେମାନେ ସମସ୍ତେ ବିବଶ ଥିଲେ।

ରାବଣ ପାଇଁ ପ୍ରଥମ ପ୍ରତିରୋଧ ଆସିଥିଲା ମହାପରାକ୍ରମୀ ଜଟାୟୁ ପକ୍ଷୀଙ୍କଠାରୁ। ସେ ବେଶ୍ ଆଗରୁ ରାମ , ଲକ୍ଷ୍ମଣ ଓ ସୀତାଙ୍କ ସହିତ ପରିଚିତ ହୋଇଥିଲେ ଓ ପ୍ରାୟତଃ ପଂଚବଟୀ ଅରଣ୍ୟରେ କୁଟୀର ପାଖାପାଖି ରହୁଥିଲେ।

ପକ୍ଷୀରାଜ ଜଟାୟୁ ସୀତାଙ୍କ ଆକୁଳ କ୍ରନ୍ଦନ ଓ 'ହା ରାମ' ଲକ୍ଷ୍ମଣ ଡାକ ଶୁଣି ଏ ସ୍ୱର ସୀତାଙ୍କର ବୋଲି ଜାଣି ପାରିଲେ। ସେ ତତ୍କ୍ଷଣାତ୍ ଆକାଶ ପଥକୁ ଯାଇ ରାବଣ ରଥ ପଥକୁ ରୁନ୍ଧି ଦେଲେ। ସେ ପ୍ରଥମେ ରାବଣକୁ ବୁଝେଇବାକୁ ଚେଷ୍ଟା କଲେ। ମାତ୍ର ତାଙ୍କ କଥାର ପ୍ରଭାବ ପଡ଼ିଲାନି ଦୁଷ୍ଟ ରାବଣ ଉପରେ।

ରାବଣ ତା ପଥରେ ଥିବା ଜଟାୟୁ ରୂପକ ପ୍ରତିବନ୍ଧକ ହଟାଇବାକୁ ତାଙ୍କ ସହିତ ଯୁଦ୍ଧ ଆରମ୍ଭ କଲା। ପକ୍ଷୀରାଜ ଜଟାୟୁ ବେଶ୍ ବଳଶାଳୀ ଥିଲେ। ସେ ପ୍ରାଣପଣେ ଚେଷ୍ଟା କଲେ ସୀତାଙ୍କୁ ରାବଣ କବଳରୁ ମୁକ୍ତ କରିବାକୁ। ମାତ୍ର ବୃଦ୍ଧ ଜଟାୟୁ ମହା ପରାକ୍ରମୀ ରାବଣ ଆଗରେ ବେଶି ସମୟ ତିଷ୍ଠି ପାରିଲେନି।

ରାମାୟଣ କଥା ମିନା ଅପା ଏଇଠି ରଖିଲେ। (କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## ଧାରାବାହିକ ଉପନ୍ୟାସ

ଭାଗ-୮

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୁଇ ବାଘର ଯୁଦ୍ଧ ସମୟରେ ବାଘ ଗର୍ଜନରେ ବଣ କମ୍ପିଯାଏ। ଆଫ୍ରିକାର ସାଭାନା ଅଂଚଳରେ ସିଂହ ଗର୍ଜନ କଲେ ଖୋଲାଜାଗା ହେତୁ ସିଂହର ଗର୍ଜନ ପ୍ରାୟ ନଅ କିଲୋମିଟର ଯାଏ ଶୁଭେ କିନ୍ତୁ ବଣତଳେ ବାଘ ଗର୍ଜନ କଲେ ପ୍ରାୟ ଛଅ କିଲୋମିଟର ଯାଏ ଶୁଭିଥାଏ।

ମୁଁ ଛନଛନ ହେଇ ଗୋଟେ କେନ୍ଦୁଗଛରେ ଚଢ଼ିଗଲି। ଗଛଟା ସିଧା ଓ ଖୁବ୍ ଉଚ୍ଚ ଥିଲା। କର୍ମ ଆଦରି ବସିଥାଏ। ଡୋମଣୀ ଠାକୁରାଣୀ ଓ ବାଣପୁର ମାଆ ଭଗବତୀଙ୍କୁ ଡାକୁଥାଏ। ତା ଗର୍ଜନଟା ଏଥର ଦୂରକୁ ଦୂରକୁ ଚାଲିଗଲା। ମୁଁ ଆଶ୍ୱସ୍ତ ହେଲି। ଏଥର ଗଛରୁ ତଳକୁ ଓହ୍ଲେଇଲି। ଦେଖିଲି, ଗଛମୂଳେ ଯାଗାଏ ଯାଗାଏ ବାଘର ପାଦଚିହ୍ନ ପଡ଼ିଚି। ମୁଁ ଅନୁମାନ କଲି ଯେ, ଯେଉଁ ବାଘଟା ଗର୍ଜୁଥିଲା ସେଇଟା ମହାବଳ। କାରଣ, ମହାବଳ ବାଘର ଖୋଜ ଚକା ଚକା ଓ ଆକାରରେ ବଡ଼। ବାଘୁଣୀର ପାଦଚିହ୍ନ ସାମାନ୍ୟ ଗୋଜିଆ ଓ ନଖର ପୋତାଚିହ୍ନ ମାଟିରୁ ସହଜେ ଜାଣିହୁଏ। ତା ପାଦଚିହ୍ନ ସାମାନ୍ୟ ଛୋଟ। ଜଂଗଲରେ କୌଣସି ଜୀବଜନ୍ତୁ ଗଲାବେଳେ ପରିସ୍ରା କରିଥିଲେ, ଯଦି ତା ପରିସ୍ରାରୁ ଫେଣ ବା ଫୋଟକା ବାହାରୁଥାଏ ତେବେ ଜଣାଯାଏ ଯେ ଜନ୍ତୁଟା ଏଇବାଟେ ଏବେ ଯାଇଚି। ଯଦି, ତା ପାଦଚିହ୍ନ ଉପରେ ପୋକଜୋକ ଯିବାର ଗାତରା ଚିହ୍ନ ପଡ଼ିଥାଏ ତେବେ ଜଣାଯାଏ ଯେ ଜନ୍ତୁଟା ଏଇବାଟେ ଅନେକ ଆଗରୁ ଗଲାଣି। ଯଦି, ପାଦଚିହ୍ନ ତାଜା ଅଛି ତେବେ ବିପଦ । କାରଣ ଜନ୍ତୁଟା ଏଇ ପାଖ ଆଖରେ ଥାଇପାରେ ଏବେ ଯାଇଚି। କିନ୍ତୁ ସେଇ ପାଦଚିହ୍ନ ଉପରେ ଅନେକ ପୋକଜୋକ ଯାଇଥିବାର ଚିହ୍ନ ଥିଲା। ଖୋଜଟା ବାସି ହେଲାଣି ବୋଲି ମୋ ମନରେ ବଳ ଆସିଗଲା। ଆଗକୁ ବଢ଼ିଲି।

ମୁଁ ଯେ ବଣକୁ କାହିଁକି ଏତେ ଭଲ ପାଉଥିଲି ଗୋଠଗୋଠ ବାଘ ଭାଲୁଙ୍କ ରାଜ୍ୟରେ କାହିଁକି ବୁଲୁଥିଲି ସେ କଥା ମୋତେ ଜଣା ନଥିଲେ ମଧ୍ୟ ବଣ ମୋତେ ବହୁତ ଭଲ ଲାଗୁଥିଲା। ଘରେ ମାଡ଼ ବି ଖାଉଥିଲି। ଯେଉଁଦିନୁ ମୁଁ ବଣରେ ଥାଏ ଆଉ ବାଘ ଗର୍ଜୁଥାଏ ସେଇଦିନ ଘରେ ମୋ ଭାଇନା କହନ୍ତି ଆଜି ରାମକୁ ବାଘ ଖାଇଦେଲା। ଆଉ ଘରକୁ ଫେରିଲେ ସେଦିନ ମତେ ନିର୍ଘାତ ପିଟନ୍ତି। ତଥାପି ମୁଁ ବଣରେ ପଶେ।

ସେଦିନ ପୁଣି ଶୁଣିଲି ବାଘର ଗର୍ଜନ। ମୁଁ ଯେଉଁଆଡ଼େ ଯାଉଥିଲି ସେଇଆଡ଼ ବାଟର ପାଖଆଖରୁ ସେ ଗର୍ଜନ ଆସୁଥିଲା। ମୋ ବଳ ପାଇଲାନି ଆଗକୁ ବଢ଼ିବାକୁ। ଧାଇଁବାକୁ ଆରମ୍ଭ କଲି ପଛକୁ। ଧାଇଁ-ଧାଇଁ ବଣ ପାରହେଇ ଗାଆଁପାଖକୁ ଆସିବାରୁ ମତେ ଗୋଟେ ବୁଢ଼ା ଦେଖୁଦେଇ କହିଲା-କିରୋ ଟୋକା, ମରିବାକୁ ବଣରେ ପଶିଥିଲୁ କି ? ଗଲା ବେଳବୁଡ଼େ ଆମ ଗାଆଁର ଗୋଟେ ଗାଇକି ବାଘ ଖାଇଦେଲା। ଅଧାଖିଆ ଗାଇଟା ସେଇ ପାଦଚଲା ବାଟ କଡ଼େ କୋଉଠି ପଡ଼ିଚି। ପଳା ପଳା। ମୋ ପିଳେହି ପାଣି ହେଇଗଲା। ଘରମୁହାଁ ହେଇ ଲମ୍ଵ ଲମ୍ଵ ପାଦ ପକେଇଲି।

ପୂର୍ବ କାଳରେ ରାଜା ମହାରାଜା ଓ ଗୋରା ସାହେବମାନେ ବାଘ ମାରିବାକୁ ଗଡ଼ ଜିତିଲା ପରି ମନେ କରୁଥିଲେ । ତେଣୁ ବାଘ ମାରୁଥିଲେ । ଆମ ଭାରତବର୍ଷରେ ସେତେବେଳେ ଏତେ ବାଘ ଥିଲେ ଯେ, ତାକୁ ସଠିକ୍ ଗଣିବା ପ୍ରାୟ ଅସମ୍ଭବ ଥିଲା। ଫିରିଙ୍ଗିମାନଙ୍କ ଶାସନ କାଳରେ ୧୮୭୫ଠାରୁ ୧୯୨୫ ଭିତରେ ଗୋରାମାନେ ଆମ ଦେଶରୁ ୭୫.୦୦୦ ମହାବଳ ବାଘ, ୧୦୦୦୦୦ ଚିତା ବା କଲରାପତିଆ ବାଘ ଓ ୨୦୦୦୦୦ ହେଟାବାଘ ବୀରତ୍ୱର ସହ ମାରି ଆମ ଦେଶକୁ ବାଘଶୂନ୍ୟ କରିଦେଲେ। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# କୁହୁକ ବାଡ଼ି

ମୂଳ ହିନ୍ଦୀ- ବିଭାବରୀ ସିହ୍ନା
ଅନୁସୃଜନ - କସ୍ତୁରୀ ଚରଣ ରାଉତ



ରାମପୁର ରାଜ୍ୟରେ ବୀରଭଦ୍ର ନାମରେ ଜଣେ ରାଜା ଶାସନ କରୁଥିଲେ । ସେ ବହୁତ ଦୟାଳୁ,ପ୍ରଜାବତ୍ସଳ ଓ ପରୋପକାରୀ ଥିଲେ । ପ୍ରଜାମାନେ ତାଙ୍କୁ ବହୁତ ଶ୍ରଦ୍ଧା ଓ ସମ୍ମାନ କରିବା ସହିତ ତାଙ୍କ ଉପରେ ଖୁସିଥିଲେ । ରାଜାଙ୍କର କୌଣସି ପୁତ୍ର ନ ଥିଲା, କେବଳ ଗୋଟିଏ ଝିଅ ଥିଲା । ସେ ଅତ୍ୟନ୍ତ ବୃଦ୍ଧ ହୋଇ ଯାଇଥିଲେ ।

ତାଙ୍କର ମନ୍ତ୍ରୀ ସୁମେର ସିଂହ ଅତ୍ୟନ୍ତ ଚତୁର ଓ କୁଟିଳ ପ୍ରକୃତିର ଥିଲା । ନିଜ ପିତାଙ୍କ ମୃତ୍ୟୁ ପରେ ସେ ନୂଆ ନୂଆ ମନ୍ତ୍ରୀ ପଦ ସମ୍ଭାଳିଥିଲା । ନିଜେ କେମିତି ରାଜା ହେବ ସେଇ କଥା ଦିନରାତି ଭାବୁଥିଲା । ସେ ଚାହୁଁଥିଲା ଯେକୌଣସି ପ୍ରକାରେ ରାଜାଙ୍କର ବିଶ୍ୱାସଭାଜନ ହୋଇ ରାଜକନ୍ୟାଙ୍କୁ ବିବାହ କରି ରାଜଗାଦି ଦଖଲ କରିବ ।

ଦିନେ ହଠାତ୍ ରାଜା ଅସୁସ୍ଥ ହୋଇ ପଡ଼ିଲେ। ସୁମେର ସିଂହ ମନକୁ ମନ ବହୁତ ଖୁସି ହେଲା । ସେ ଚାହୁଁଥିଲା କି ରାଜା ବୀରଭଦ୍ର କେବେ ଭଲ ନହୁଅନ୍ତୁ । ତା'ହେଲେ ଯାଇ ତା'ର ରାଜା ହେବାର ଆଶା ପୂରଣ ହୋଇପାରିବ । ଲୋକ ଦେଖାଣିଆ ଭାବରେ ସେ ବହୁତ ବଇଦ ଡାକିଲା । କିନ୍ତୁ ରାଜା ସୁସ୍ଥ ହେଲେନାହିଁ ।

ପ୍ରକୃତ କଥା ହେଲା ରାଜା ଓ ରାଜକୁମାରୀଙ୍କୁ ଦେଖେଇହେବା ଲାଗି ମନ୍ତ୍ରୀ ଦିନରାତି ରାଜାଙ୍କ ସେବା କରୁଥିବାର ବାହାନା କରୁଥିଲା । ବୈଦ୍ୟମାନେ ଯେଉଁ ଔଷଧ ଦେଉଥିଲେ ତାକୁ ବଦଳେଇ ନକଲି ଔଷଧ ଗୋଳି ନିଜ ହାତରେ ରାଜାଙ୍କୁ ପିଇବାକୁ ଦେଉଥିଲା । ରାଜା କି ତାଙ୍କ ଝିଅକୁ ସନ୍ଦେହ କରିବାକୁ ସୁଯୋଗ ଦେଉ ନଥିଲା।

ରାଜା ବି ଭାବୁଥିଲେ ସୁମେର ସିଂହ ତାଙ୍କୁ ବହୁତ ଭଲ ପାଉଛି । ନକଲି ଔଷଧ ଖାଇ ବୀରଭଦ୍ର ଭଲହେବା ବଦଳରେ ଧୀରେ ଧୀରେ ଶୁଖି କଣ୍ଟା ହେବାକୁ ଲାଗିଲେ । ଦିନକୁ ଦିନ ତାଙ୍କର ଅବସ୍ଥା ଖରାପ ହେବାକୁ ଲାଗିଲା । ରାଜାଙ୍କର ଏପରି ଅବସ୍ଥା ଦେଖି ରାଜକୁମାରୀ ଦିନରାତି କାନ୍ଦିବାକୁ ଲାଗିଲେ । ପ୍ରଜାମାନେ ବି ବହୁତ ଦୁଃଖୀ ଥିଲେ । କେବଳ ମନ୍ତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଚାହୁଁଥିଲେ କି ରାଜା ଶିଘ୍ର ଭଲ ହୋଇ ଯାଆନ୍ତୁ ।

ଦିନେ ଅନ୍ୟ ଏକ ରାଜ୍ୟର ଜଣେ ପ୍ରସିଦ୍ଧ ବୈଦ୍ୟ ନିଜ ପୁଅକୁ ସାଙ୍ଗରେ ଧରି ସେ ରାଜ୍ୟରେ ଆସି ପହଞ୍ଚିଲେ । ରାଜାଙ୍କ ରୋଗ ବିଷୟରେ ଶୁଣି ତାଙ୍କୁ ଦେଖିବାକୁ ରାଜମହଲକୁ ଗଲେ । ରାଜାଙ୍କୁ କି ରୋଗ ହୋଇଛି ଓ ସେଥିରୁ ଭଲ ହେବାର ଉପାୟ ସେ ଜାଣିପାରିଲେ । ବିଭିନ୍ନ ଚେରମୂଳି ମିଶାଇ ଭଲ ଔଷଧ ପ୍ରସ୍ତୁତ କଲେ । ତାହାକୁ ଏକ ମାସ ପର୍ଯ୍ୟନ୍ତ ରାଜାଙ୍କୁ ଦିନକୁ ତିନି ଥର ପିଆଇବାକୁ କହିଲେ । ତାହାର ବିଶ୍ୱାସ ଥିଲା କି ସେଇ ଔଷଧରେ ରାଜା ନିଶ୍ଚୟ ଠିକ୍ ହୋଇଯିବେ ।

ଦିନ ଗଡ଼ି ଚାଲିଲା , କିନ୍ତୁ ରାଜାଙ୍କ ଅବସ୍ଥାରେ କିଛି ଉନ୍ନତି ହେଲାନି । ଏହା ଦେଖି ବେଦ୍ୟକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସେ ଭାବିଲା ରାଜା ବୋଧେ ଔଷଧ ପିଉ ନାହାଁନ୍ତି । କିନ୍ତୁ ମନ୍ତ୍ରୀ ତ ନିଜେ ରାଜାଙ୍କୁ ଔଷଧ ପିଆଉଛନ୍ତି । ତେବେ କେଉଁଠି ଅସୁବିଧା ରହୁଛି ବୋଲି ସେ ଚିନ୍ତିତ ହୋଇ ପଡ଼ିଲେ । ବାପାଙ୍କୁ ଚିନ୍ତାଗ୍ରସ୍ତ ଥିବାର ଦେଖି ପୁଅ ଶାନ୍ତିଦତ୍ତ ଚିନ୍ତାର କାରଣ ପଚାରିଲା। ଏହା ପରେ ବୈଦ୍ୟ ପୁଅକୁ ସବୁ କଥା କହିଲେ।

ଶାନ୍ତିଦତ୍ତ ଯେବେ ଜାଣିଲା କି ମନ୍ତ୍ରୀ ରାଜାଙ୍କ ସହିତ ଛାଇପରି ରହୁଛନ୍ତି, ଅନ୍ୟ କାହାକୁ ଔଷଧ ପିଆଇବାକୁ ଦେଉ ନାହାଁନ୍ତି, ସେତେବେଳେ ସେ ସବୁ ବୁଝିଗଲା । ତା'ପର ଦିନ ଏକ ବାଡ଼ି ଧରି ଯାଦୁକର ବେଶରେ ରାଜମହଲରେ ପହଞ୍ଚିଲା । ମନ୍ତ୍ରୀ ତାକୁ ଦେଖି ରାଗିଯାଇ କହିଲା - ' ରୋଗରେ ଯାଦୁକରର କାମ କ'ଣ ? ସେ ସିନା ଯାଦୁ ଦେଖେଇ ମନୋରଞ୍ଜନ କରିବ, ରୋଗ ଭଲ କରିପାରିବ କି ?'

ଶାନ୍ତିଦତ୍ତ କହିଲା - ମୋତେ ଗୋଟେ ସୁଯୋଗ ଦିଅନ୍ତୁ । ମୁଁ ରାଜାଙ୍କୁ ଠିକ୍ କରିବାକୁ ଚେଷ୍ଟା ତ କରିପାରିବି । 'ମନ୍ତ୍ରୀ ତାକୁ ମନା କରୁଥିବାବେଳେ ରାଜକୁମାରୀ ଆସି ପହଞ୍ଚିଲେ। ସେ ରାଜାଙ୍କୁ ଭଲ କରିଦେବାକୁ ଶାନ୍ତିଦତ୍ତକୁ ଅନୁରୋଧ କଲେ । ରାଜାଙ୍କୁ ଦେଖିବା ପରେ ଶାନ୍ତିଦତ୍ତ କହିଲା - ' ମୁଁ ନିଜ କୁହୁକ ବାଡ଼ିରେ ରାଜାଙ୍କୁ ଦିଆ ଯାଉଥିବା ଔଷଧକୁ ଛୁଇଁବି । ସେଇ ସମୟରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଆଖି ବନ୍ଦ କରିବେ । ନହେଲେ ରାଜାଙ୍କ ସହିତ ସେମାନଙ୍କର ଜୀବନ ବି ବିପଦରେ ପଡ଼ିପାରେ। ହଁ, ଔଷଧ କେବଳ ମନ୍ତ୍ରୀ ମହାଶୟ ପିଆଇବେ।'

ମନ୍ତ୍ରୀ ତ ସେଇଆ ଚାହୁଁଥିଲେ । ସେ ନକଲି ଔଷଧ ଶାନ୍ତିଦତ୍ତ ହାତରେ ଦେଉଥିଲେ ଏବଂ ସମସ୍ତେ ଆଖି ବନ୍ଦ କରୁଥିଲେ । ଶାନ୍ତିଦତ୍ତ ନିଜ କୁହୁକ ବାଡ଼ିରେ ଔଷଧକୁ ଛୁଇଁ ମନ୍ତ୍ର ପଢୁଥିଲା। ପାଞ୍ଚ ମିନିଟ୍ ପରେ ମନ୍ତ୍ରୀ ଔଷଧ ପିଆଉଥିଲେ।

ଧୀରେ ଧୀରେ ରାଜାଙ୍କ ସ୍ୱାସ୍ଥ୍ୟରେ ଆଶ୍ଚର୍ଯ୍ୟଜନକ ଭାବରେ ଉନ୍ନତି ହେବାକୁ ଲାଗିଲା। କିଛି ଦିନପରେ ରାଜା ସଂପୂର୍ଣ୍ଣ ସୁସ୍ଥ ହୋଇଗଲେ । କେଉଁଠି ଅସୁବିଧା ରହିଲା ବୋଲି ମନ୍ତ୍ରୀ କିଛି ବୁଝି ପାରିଲେନି । ମନେ ମନେ ବହୁତ ଦୁଃଖିତ ହେଲେ । ସେ ଭାବିଲେ ନିଶ୍ଚୟ ଏ କୁହୁକ ବାଡ଼ିର କରାମତି । ସେ ଶାନ୍ତିଦତ୍ତକୁ ଏକ ଅଲଗା କୋଠରିକୁ ଡକେଇଲେ। କହିଲେ - 'ସତରେ , ମାନିଗଲି ତୁମକୁ । ପ୍ରକୃତରେ ତୁମେ ଜଣେ ଶ୍ରେଷ୍ଠ ଯାଦୁକର । ତୁମ କୁହୁକ ବାଡ଼ିଟି ମୋତେ ଦେଇଦିଅ, ବଦଳରେ ଯେତେ ଟଙ୍କା ମାଗିବ ମୁଁ ଦେବି ।'

ଏହା ପରେ ଶାନ୍ତିଦତ୍ତ କହିଲା - 'ଏଇଟା ତ ଏକ ସାଧାରଣ ବାଡ଼ି । ରାଜା ତ ଔଷଧ ଯୋଗୁଁ ଠିକ୍ ହେଲେ । ମୁଁ ଏ ବାଡ଼ିକୁ ଦେଇ ପାରିବିନି ।' ଏହା ଶୁଣି ମନ୍ତ୍ରୀ ରାଗିଗଲେ । କହିଲେ - 'ମୂର୍ଖ ଯାଦୁକର ! ଔଷଧ ବିଷୟରେ ତୁ କ'ଣ ଜାଣିଛୁ । ମୁଁ ତ ଅସଲି ଔଷଧ ଫିଙ୍ଗି ରାଜାଙ୍କୁ ନକଲି ଔଷଦ ଦେଉଥିଲି । ସେଥିରେ ରାଜା କେମିତି ଠିକ୍ ହେଇଗଲେ ? ତୋର ଏଇ କୁହୁକ ବାଡ଼ି ତ ମୋର ସବୁ ଯୋଜନାକୁ ବିଫଳ କରିଦେଲା । ତୋର ଏଇ ବାଡ଼ିକୁ ଭାଙ୍ଗିଦେବି ଓ ତୋତେ ବି ଛାଡ଼ିବି ନାହିଁ ।'

ଯେମିତି ଶାନ୍ତିଦତ୍ତକୁ ମାରିବାକୁ ନିଜ ଖଣ୍ଡା ବାହାର କରିଛନ୍ତି, ପଛରେ ଲୁଚିକରି ଥିବା ସୈନିକମାନେ ମନ୍ତ୍ରୀଙ୍କୁ ଧରି ପକେଇଲେ ।ରାଜା ମଧ ଆସି ପହଞ୍ଚିଲେ । କହିଲେ - 'ବିଶ୍ୱାସଘାତକ ! ଏବେ ମୁଁ ବୁଝିଲି,ମୋର ରୋଗ କାହିଁକି ଭଲ ହେଉ ନଥିଲା । ତୁମର ଅସଲ ଉଦ୍ଦେଶ୍ୟ ତୁମରି ମୁହଁରୁ ଶୁଣିଲି ଓ ପ୍ରକୃତ ଚେହେରା ବି ଜାଣିଲି ।'

ସୈନିକମାନେ ରାଜାଙ୍କ ଆଦେଶରେ ମନ୍ତ୍ରୀଙ୍କୁ ବନ୍ଦୀ କରି ନେଇଗଲେ । ରାଜା ଶାନ୍ତିଦତ୍ତର ପିଠି ଥାପୁଡ଼ାଇ କହିଲେ - ' ତୁମ କୁହୁକ ବାଡ଼ି ଯୋଗୁଁ ମୁଁ ଆଜି ବଞ୍ଚିଗଲି, ନହେଲେ ଏ ବିଶ୍ୱାସଘାତକ ତ ମୋର ପ୍ରାଣ ନେଇ ଯାଇଥାଆନ୍ତା । କୁହ କି ପୁରସ୍କାର ଦରକାର।'

ଶାନ୍ତିଦତ୍ତ ବିନୟ ଭାବରେ ମୁଣ୍ଡ ନୁଆଁଇ କହିଲା - 'ମହାରାଜ ! ମୁଁ ଆପଣଙ୍କ ଜୀବନ ବଞ୍ଚାଇବା କଥା ସତ । ବାକି ରହିଲା କୁହୁକ ବାଡ଼ି କଥା, ପ୍ରକୃତରେ ଏହା ଏକ ସାଧାରଣ ବାଡ଼ି । ଏହାକୁ ତ ମୁଁ କେବଳ ଦେଖାଇବା ପାଇଁ ବ୍ୟବହାର କରୁଥିଲି । ଔଷଧରେ ବାଡ଼ି ଛୁଆଁଇବା ସମୟରେ ଯେତେବେଳେ ଲୋକମାନେ ଆଖି ବନ୍ଦ କରୁଥିଲେ, ସେତେବେଳେ ମୁଁ ନକଲି ବଦଳରେ ବାପାଙ୍କଠାରୁ ଆଣିଥିବା ଅସଲି ଔଷଧ ଦେଉଥିଲି । ସେଇ ଔଷଧ କାରଣରୁ ଆପଣ ସୁସ୍ଥ ହୋଇଛନ୍ତି । ମୁଁ କୌଣସି ଯାଦୁକର ବି ନୁହେଁ, ବୈଦ୍ୟଙ୍କ ପୁଅ ଶାନ୍ତିଦତ୍ତ । ଆପଣ ଦୀର୍ଘାୟୁ ଓ ସୁସ୍ଥ ହୋଇ ରୁହନ୍ତୁ ; ଏଇଟା ହିଁ ମୋର ପୁରସ୍କାର । ଏହା ଶୁଣି ରାଜା ହସିବାକୁ ଲାଗିଲେ । ଶାନ୍ତିଦତ୍ତର ବୁଦ୍ଧି ଓ ନିର୍ଲୋଭ ପଣିଆକୁ ଦେଖି ତାକୁ ରାଜ୍ୟର ନୂତନ ମନ୍ତ୍ରୀ ପଦରେ ନିଯୁକ୍ତ କଲେ ।

+ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ବଲାଙ୍ଗିର
ମୋ: ୮୯୧୭୩୯୭୩୪୮

## କବିତା

ତୁମ ପାଇଁ

### ଉଇଁଲେ ଜହ୍ନ

ଶରତ କୁମାର ଦାସ

ଉଇଁଲେ ଜହ୍ନ ହରଷ ମନ
ଜୋଛନା ଖେଳେ ଦୋଳି,
ଖେଳନ୍ତି ପିଲେ ଗାଆଁ ଦାଣ୍ଡରେ
ଦେହରେ ଧୂଳି ବୋଳି
ନାଚଇ ଧରା ତାଥେଇ ଥେଇ
ମଧୁ ଝଙ୍କାର ତୋଳି ।

ଉଇଁଲେ ଜହ୍ନ ହସଇ ବନ
ମୁକୁତା ପଡେ ଝରି,
ଲତା ଗହଳେ ଶବଦ ଶୁଭେ
ରାତି ତ ଯାଏ ସରି
ଚିକିମିକିଆ ଆଲୁଅ ଧାରେ
ଝରଣା ଯାଏ ଝରି ।

ଉଇଁଲେ ଜହ୍ନ କଅଁଳ ଘନ
ଘାସ ଗାଲିଚା ପରେ,
ଆଇମା' ମୋ ସରାଗେ ବସି
ଗୀତର ସୁର ଧରେ
ମୁନା ମୋନିକା ନାତି ନାତୁଣୀ
ଶୁଣନ୍ତି ଖୁସି ଭରେ ।

ଉଇଁଲେ ଜହ୍ନ ମୋ ପିଲାଦିନ
ଆଖିମିଟିକା ମାରେ,
ଇଚ୍ଛା ମୋ ହୁଏ ସରଗେ ଯାଇ
କହନ୍ତି ତାକୁ ବାରେ
ହେଲେ କାହିଁକି ପାରୁନି ଜମା
ନିତି ମୁଁ ଲୁହ ଝାରେ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧

### ଉତ୍ତମ ପିଲା ହେଲା

ପ୍ରଭାସିନୀ ବରାଡ

ବଡ ଯତନେ ମା' ଚଢ଼େଇ ବସାକୁ ଗଢ଼ିଥିଲା
ଫୁଟାଇ ଅଣ୍ଡା ଚିଆଁଙ୍କ ସାଥେ ଖୁସିରେ ଚଳୁଥିଲା ।

ଥିଲାରେ ଏକ ଦୁଷ୍ଟପିଲା ନଟ ଖଟ ତା' ବୁଦ୍ଧି
ଚଢ଼େଇ ବସା ଭାଙ୍ଗି ଦିଏ ସେ ଆଶପାଶରେ ଦେଖି ।

ସକାଳୁ ସଞ୍ଜ ଆଖି ବୁଲେ ତା ଦୁଷ୍ଟାମି କାମ ପାଇଁ
ଫୋପାଡି ବସା ଚଢ଼େଇ ଚିଆଁ ମାରି ପକାଏ ନେଇ।

ବିକଳେ ଅତି ଚିଆଁ କାନ୍ଦନ୍ତି ଚିଁ ଚିଁ ଶବ୍ଦ କରି
ନ ଦେଖି ପିଲା ବାହୁନି ମା' ରହେ ମନକୁ ମାରି।

ମନଦୁଃଖରେ ମା' ଚଢେଇ ବସିଥିଲା ତ ଦିନେ
ବିରୁଡ଼ି ଦଳ ସେ ବାଟ ଦେଇଯାଉ ଥିଲେରେ ବନେ।

ପଚାରି ବୁଝି ଜାଣିଲେ ସବୁ ଚଢ଼େଇ ଦୁଃଖ କଥା
କହିଲେ ପାନେ ଦବୁ ପିଲାକୁ ଥୟ ମନେ ତୁ ଥା।

ଚଢ଼େଇ ବସା ପାଖରେ ଦିନେ ବିରୁଡି ଲୁଚି ରହି
ଦୁଷ୍ଟପିଲାଟି ବସା ଭାଙ୍ଗନ୍ତେ ସିଁ ସାଁ ଗଲେ ଖାଇ।

ମା'ଲୋ ମଲି ବାପା ଲୋ ମଲି ଛଟପଟ ସେ ହେଲା
କାନ ଧରିଣ ବିରୁଡ଼ି ଆଗେ ସତ କଥା କହିଲା ।

ଚେତାଇ ଦେଇ ବିରୁଡି ଦଳ ଗଲେ ବୁଝାଇ କହି
ଜୀବନେ କେବେ କାହାର କ୍ଷତି ଆଉ କରିବୁ ନାହିଁ ।

ଭୁଲ କାମ ଜୀବନେ ଆଉ ଜମା କରିବି ନାହିଁ
ଛାଡିଦିଅରେ ଛାଡିଦିଅରେ ମୋତେ ବିରୁଡ଼ି ଭାଇ ।

ସେଦିନଠାରୁ ବୁଦ୍ଧି ଶିଖିଲା ଦୁଷ୍ଟାମି ତା'ର ଗଲା
ପାଠ ପଢିଲା ସେହି ପିଲାଟି ଉତ୍ତମ ପିଲା ହେଲା ?

+ ଶ୍ରୀବିହାର , କଲେଜ ରୋଡ
ନୟାଗଡ , ପିନ- ୭୫୨୦୬୯
ଫୋନ - ୮୯୧୭୨୯୯୫୭୬

### କୁନମୁନ୍ ପାଇଁ ଗୀତ

ନୀଳମଣି ଚାନ୍ଦ

ହୁସ୍ ନା ଭୁସ୍
ତାଳ ପଡ଼େ ଢୁସ୍
ସେଇ ତାଳ ପାଚିଲା
ଦେଖି କୋକି ନାଚିଲା।

ଧୁସ୍ ନା ଭୁସ୍
ଆଉରେ ନ ରୁଷ୍
ତାଳ ପିଠା ଖାଇଦେ
ଗୀତ ପଦେ ଗାଇଦେ।

ଢୁଉ ନା ଢାଆ
ବାଡ଼ି ଆଡ଼େ ଯାଆ
ଗଛ ଡେଙ୍ଗା ହେଇଛି
ବାୟା ଆଶ୍ରା ନେଇଛି।

ଢୁଉ ନା ଢାଆ
କହୁଥିଲେ ମାଆ
ଦିଏ ତାଳସଜଟି
ଆଉ ଖୁଙ୍କୁ ମଞ୍ଜଟି।

ଦୁଲ୍ ନା ଦାଲ୍
ଏବେ ଫେରି ଚାଲ୍
ପ୍ରାର୍ଥନାଟେ ବୋଲିଦେ
ପଢାବହି ଖୋଲିଦେ।

ହୁସ୍ ନା ଭୁସ୍
କୁନମୁନ୍ ଖୁସ୍
ଦେଶକାମ କରିବ
ଆଉ କିଆଁ ଡରିବ।

୨୭, ମନ୍ଥ ମାନୋର,
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

# ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର

ମାଲକାନଗିରି,୧୮/୦୮ (ନି.ପ୍ର): ଭାରତ ସରକାର ସୂକ୍ଷ୍ମ ଲଘୁ ମାଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଓ ଗୁରପ୍ରିୟା ଉତ୍ପାଦକ ଗୋଷ୍ଠି ପୋଡଭଟା ମିଳିତ ଆନୁକୂଲ୍ୟରେ ପୋଡଭଟା ଗ୍ରାମରେ ଉଦ୍ୟୋଗୀ ଓ କୌଶଳ ବିକାଶ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଉକ୍ତ ତାଲିମ ଶିବିରରେ ଉଦ୍ୟୋଗୀ ବିକାଶ ଓ ମହିଳା ସଶକ୍ତିକରଣ ପାଇଁ ବାଣିଜ୍ୟ ବ୍ୟାପାର ସମ୍ବନ୍ଧିତ କୌଶଳ ତାଲିମ୍ ପ୍ରଦାନ କରିଥିଲେ । ଶିବିରରେ ଯୁବ ମହିଳା ମାନେ ଉଦ୍ୟୋଗୀ ତାଲିମ୍ ନେଇଥିଲେ । ଏହା ବ୍ୟତିତ ଅମୃତ ମହୋତ୍ସବ ପାଳନ ଅବସରରେ ଏକ ରାଲି ଓ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସମାରି ମୁଦୁଲି, ଲଳିତା ଗୋଲରୀ, ବାସନ୍ତୀ ଗାଡେଲ, ଗୁରୁବାରୀ ମୋତି ଭାରତର ୭୫ ବର୍ଷ ପୂର୍ତ୍ତି ଅବସରରେ ତ୍ରିରଙ୍ଗା ପତାକାଧରି ବନ୍ଦେ ମାତାରାମ୍ ଧ୍ୱନି ଗାନ କରିଥିଲେ । ମାଲକାନଗିରି ଭଳି ଆଦିବାସୀ ଅଂଚଳରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଯୋଗୁଁ ବୃଦ୍ଧିଜୀବି ଏହାକୁ ବେଶ ପ୍ରସଂଶା କରିଥିଲେ ।

# ବିଜେପିର ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କ ବନ୍ୟାଚଂଳ ପରିଦର୍ଶନ

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡା ବିଜେପିର ରାଜ୍ୟ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ପୂର୍ବତ ମନ୍ତ୍ର ମନମୋହନ ସାମଲଙ୍କ ନେତୃତ୍ୱରେ କେନ୍ଦ୍ରାପଡାରେ ପହଁଚି ପାଟକୁରା ଓ ମହାକାଳପଡାର ବିଭିନ୍ନ ବନ୍ୟାଚଂଳ ଓ କ୍ଷତିଗସ୍ତ ଅଂଚଳ ପରିଦର୍ଶନ କରି ବନ୍ୟା ପିଡିତଙ୍କୁ ଭେଟିବା ସହ ଆଲୋଚନା କରିଥିବା ଜଣାପଡିଛି । ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ଡ଼ଃ ବିଭୁପ୍ରସାଦ ତରାଇ, ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ଦାସ, ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ଉମାକାନ୍ତ ପଟ୍ଟନାୟକ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସୁନାକର ବେହେରା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ରାଜ୍ୟ ସଂଯୋଜକ ପ୍ରଦିପ ପରିଡା ପ୍ରମୁଖ କରିଲୋପାଟଣା, ଆଇତିପୁର, ଜଳପୋକ, ରାଘବପୁର, ପରକୁଳା, ବଟିରା, ତିଖିରି, ଧନିଆପଡା ଆଦି ଅଚଂଳ ପରିଦର୍ଶନ କରି ବନ୍ୟା ପ୍ରପିଡିତ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ପଣିଆର ପରିଚୟ ଓ ସଂପୂର୍ଣ୍ଣ ମନୁଷ୍ୟକୃତ ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ନଦୀବନ୍ଧର ମରାମତି ଅଭାବ କାରଣରୁ ଆଜି ହଜାର ହଜାର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ହଜାର ହଜାର ଏକର ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଫସଲ ନଷ୍ଟ ହୋଇଛି । ଚଳିତ ବର୍ଷ ରାଜ୍ୟ ସ୍ତରରେ ବନ୍ୟା ପରିଚାଳନା ପାଇଁ ମିଟିଂ ମଧ୍ୟ ହୋଇପାରିଲା ନାହିଁ । ୩ଦିନ ବିତି ଯାଇଥିଲେ ମଧ୍ୟ ଲୋକ ମାନଙ୍କ ପାଖରେ ରନ୍ଧାଖାଦ୍ୟ, ଔଷଧ, ଜଳ ବିଶୋଧନ ସାମଗ୍ରୀ, ଗୋ-ଖାଦ୍ୟ ଆଦି ପହଂଚାଇବାରେ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଥିବା ପୂର୍ବତନ ମନ୍ତ୍ରୀ ଶ୍ରୀ ସାମଲ ପ୍ରକାଶ କରିଛନ୍ତି ।

# ରାଜ୍ୟର ବିକାଶ ପାଇଁ ଶିଳ୍ପର ବିକାଶ ଆବଶ୍ୟକ : ମନ୍ତ୍ରୀ ପ୍ରତାପ ଦେବ

ଝାରସୁଗୁଡା ,୧୮/୦୮ (ନି.ପ୍ର): ରାଜ୍ୟରେ ଶିଳ୍ପର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି । ରାଜ୍ୟର ଅର୍ଥନୀତିକୁ ଆଗେଇ ନେବାକୁ ହେଲେ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେବା ଏକାନ୍ତ ଅବଶ୍ୟକ । ଶିଳ୍ପପତିମାନେ ଏଥି ପାଇଁ ସଚେତନ ହେବା ସହ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି । ଜନସାଧାରଣଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଶିଳ୍ପ , ଏମ୍ ଏସ୍ ଏମ୍ ଇ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଉଲ୍ଲେଖ କରିବା ସହ ସକାରାତ୍ମକ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି । ଶିଳ୍ପର ଅଭିବୃଦ୍ଧି ସକାଶେ ଆବଶ୍ୟକତା ଅନୁଯାୟୀ ନୀତିରେ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଆଜି ପୂର୍ବାହ୍ନରେ ଝାରସୁଗୁଡା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଝାରସୁଗୁଡ଼ା , ସମ୍ବଲପୁର,ବରଗଡ଼ , ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ର ଅଧିକାରୀ ଓ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା ସମୟରେ ସରକାରଙ୍କ ଶିଳ୍ପ ନୀତି ସମ୍ପର୍କରେ ଭଲ ଭାବରେ ଜାଣିବାକୁ ପରାମର୍ଶ ଦେଇ ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ସ୍ଥାନୀୟ ଉଦ୍ୟୋଗ କିପରି ଆଗକୁ ଅଧିକ ବଢିବ ସେ ଦିଗରେ କାର୍ଯ୍ୟ କରାଯାଉଛି । ଝାରସୁଗୁଡ଼ା ରେ ବିମାନ ବନ୍ଦର ପ୍ରତିଷ୍ଠା ପରେ ଜିଲ୍ଲାର ଗୁରୁତ୍ୱ ବୃଦ୍ଧି ପାଇଥିବାର ସେ ଉଲ୍ଲେଖ କରିଥିଲେ । ବିଭିନ୍ନ ଜିଲ୍ଲାରେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଏଜେନ୍ସି (ଦିପା) ମାଧ୍ୟମରେ ଶିଳ୍ପଦ୍ୟୋଗ ସହିତ ଜଡିତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବାର କହିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟର ଶିଳ୍ପାୟନରେ ଶିଳ୍ପାନୁଷ୍ଠାନ ଗୁଡିକର ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ସକାରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ଉନ୍ନତି ସମ୍ଭବ ବୋଲି କହିଥିଲେ । ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିର ମୁଖ୍ୟ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର କାଲେ ଉପସ୍ଥିତ ଥିଲେ । ଇପିକଲ୍ ପରିଚାଳକ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମେତ ସମ୍ବଲପୁର , ବରଗଡ଼ , ଦେବଗଡ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ଜିଲ୍ଲା ମାନଙ୍କରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଓ ସମୟୋଚିତ ସହଯୋଗ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିଜ ନିଜ ଜିଲ୍ଲାରେ ଶିଳ୍ପକୁ ଆଗକୁ ନେବା ପାଇଁ ଜିଲ୍ଲାପାଳମାନେ ଏ ଦିଗରେ ଅଧିକରୁ ଅଧିକ ଅନୁଶୀଳନ କରିବା ସହ ତଥ୍ୟ ଉପସ୍ଥାପନ ପାଇଁ କହିଥିଲେ । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ , ଇପିକଲ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପୁନିଆ , ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ , ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ , ସୁନ୍ଦରଗଡ଼ ଜିଲ୍ଲାପାଳ ଗାଭାଲି ପରାଗ ହର୍ଷଦ, ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜୀ , ଦେବଗଡ଼ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଶିଳ୍ପ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଜୟ କୁମାର ସ୍ୱାଇଁ , ଟାଟା ପାୱାର ପଶ୍ଚିମାଞ୍ଚଳ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କାଲେଙ୍କ ସମେତ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଯୋଗାଣ ବିଭାଗର ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କଠାରେ ସରପଂଚ ସଂଘର ଅଭିଯୋଗ

ବଲାଙ୍ଗିର/ଟିଟିଲାଗଡ,୧୮/୦୮ (ନି.ପ୍ର): ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟରେ ଗତ ମଙ୍ଗଳବାର ଦିନ ଅଭିଯୋଗ ଶୁଣାଣି ପାଇଁ ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଷଲକର ଡୁଗୁଡୁ, ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପିଡ଼ିଡ଼ିଆରଡିଏ ସୁଶାନ୍ତ ସିଂ ପ୍ରମୁଖ ଆସିଥିବା ବେଳେ ଯୋଗାଣ ବିଭାଗର ଅନିୟମିତତା ଓ ମାନମାନି କାର୍ଯ୍ୟକଳାପକୁ ନେଇ ବ୍ଲକ ସରପଂଚ ସଂଘ ସଭାପତି ବୀରବର ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରାମପଚାଂୟତ ଜରିଆରେ ଗରିବ ପରିବାରକୁ ରିହାତି ଖାଦ୍ୟ ବଂଟନ ପ୍ରକ୍ରିୟାରେ ପଚାଂୟତ ମୁଖିଆ ତଥା ସରପଂଚଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବା ନେଇ ଅଭିଯୋଗ ଉଠିଛି । ନିର୍ବାଚିତ ସରପଂଚ ମାନେ ଯୋଗାଣ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଜାଣି ପାରୁ ନ ଥିବା ତଥା ବିଭାଗ ପକ୍ଷରୁ ସେମାନଙ୍କୁ ଅବଗତ କରାଯାଉ ନଥିବା ନେଇ ଅଭିଯୋଗ ହୋଇଛି । ପଂଚାୟତ ପକ୍ଷରୁ ଟଙ୍କାକିଆ ଚାଉଳ ବିକ୍ରି ନେଇ ସରକାର ୮୦ ପଇସା କମିସନ ବାବଦରେ ଦେଉଥିବା ବେଳେ ଖାଲି ଆଖା ବସ୍ତା ବିକ୍ରିରୁ ମାସକୁ ମାସ ଆସୁଥିବା ଟଙ୍କା ଆସୁଥିବା ବେଳେ ସେହି ଟଙ୍କା କେଉଁଠି ଓ କିପରି ସରପଂଚଙ୍କ ଅଜାଣତରେ ରହୁଟି ତାହାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି ।ସେହିପରି ସାଧାରଣ ବଂଟନର ଆୟବ୍ୟୟ ସଂପୃକ୍ତ ପଂଚାୟତ ବୈଠକରେ ଅନୁମୋଦନ ତଥା ସରପଂଚଙ୍କ ଦ୍ୱାରା ମଞ୍ଜୁର ହେବା ନେଇ ନିୟମ ରହିଥିବା ଉପଜିଲ୍ଲାପାଳ ତାଙ୍କ ପତ୍ରରେ ସୂଚାଇ ଥିବା ବେଳେ ଯୋଗାଣ ବିଭାଗ ଅଧୀନସ୍ଥ ଅଧିକାରୀ ତଥା ସହାୟକ ଏହାକୁ ମାନୁ ନଥିବା ନେଇ ଅଭିଯୋଗ ହୋଇଛି । ଯୋଗାଣ ସହାୟକ ମାନେ ସାଧାରଣ ବଂଟନରୁ ଆୟ ବାବଦରେ ସରପଂଚଙ୍କୁ ଅବଗତ କରୁ ନଥିବା ନେଇ ସରପଂଚ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ । ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେବାସହ ଯୋଗାଣ ସହାୟକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ଗ୍ରାମବାସୀ ବୃଦ୍ଧାଙ୍କ ଶବ ନଛୁଇଁବା ଘଟଣା : ଗାଁରେ ପହଂଚିଲା ପ୍ରଶାସନ

ଜୟପୁର,୧୮/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଜଣେ ବୃଦ୍ଧା ମୁକ୍ତା ପରଜାଙ୍କ ମୃତ୍ୟୁ ପରେ ଗ୍ରାମବାସୀମାନେ ଶବ ଛୁଇଁ ନଥିଲେ । ବୃଦ୍ଧାଙ୍କ ପୁଅ ଅନ୍ୟ ଜାତିର ଘରେ ଖାଇଥିବାରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା । ବୃଦ୍ଧାଙ୍କ ମୃତ୍ୟୁ ହେବାରୁ ଗ୍ରାମବାସୀ ମାନେ କାନ୍ଧ ଦେବାକୁ ଆସିନଥିଲେ । ଫଳରେ ତାଙ୍କ ପୁଅ ଓ ବୋହୂ ମୃତ ଦେହକୁ ଘୋଷାଡି ଘୋଷାଡି ଶ୍ମଶାନକୁ ନେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଆଜି ପ୍ରଶାସନ ସମ୍ପୃକ୍ତ ଗ୍ରାମରେ ପହଂଚିଛି । ଜୟପୁର ବିଡିଓ ସୁରଜ କୁମାର ପଟ୍ଟନାୟକ ପହଂଚି ସମସ୍ତ ବିଷୟ ଆଲୋଚନା କରିଛନ୍ତି । ହରିଶ୍ଚନ୍ଦ୍ର ଯୋଜନାରେ ୫ ହଜାର ଟଙ୍କା ମୃତ ମୁକ୍ତାଙ୍କ ପୁଅ ମଙ୍ଗଳାକୁ ପ୍ରଦାନ କରିଛନ୍ତି । ଏଥିସହ ଜାତିରେ ମିଶେଇବା ପାଇ ଉଦ୍ୟମ କରାଯିବ ବୋଲି ବିଡିଓ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଚଳିତ ଶିକ୍ଷାବର୍ଷଠାରୁ କେନ୍ଦୁଝର ସରକାରୀ ଭେଷଜ ମହାବିଦ୍ୟାଳୟରେ ନାମଲେଖା ଓ ଏନଏମସି ଯାଂଚ ଶେଷ

କେନ୍ଦୁଝର,୧୮/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ , କବିଟ୍ରା ଠାରେ ସ୍ଥାପିତ ହୋଇଥିବା ସରକାରୀ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ, କେନ୍ଦୁଝର ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ନାମଲେଖା ନିମନ୍ତେ ସବୁଜ ସଙ୍କେତ ମିଳିଛି । ବୁଧବାର ଦିନ ନ୍ୟାସନାଲ ମେଡିକାଲ କମିଶନ (ଏନଏମସି) ଙ୍କ ଏକ ଟିମ ଭିଡିଓ କନଫରେନ୍ସି ମାଧ୍ୟମରେ ଭିତି ଭୂମି ଯାଂଚ କରିଛନ୍ତି । ଚଳିତ ବର୍ଷ କେନ୍ଦୁଝର ସରକାରୀ ମେଡିକାଲ କଲେଜରେ ୧୦୦ ଏମବିବିଏସ୍ ଛାତ୍ର ଛାତ୍ରୀଙ୍କର ନାମ ଲେଖାଇବା ଆରମ୍ଭ ହେବ । ଏହି ଅନୁଧ୍ୟାନ ସମୟରେ ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଚିନ୍ମୟୀ ମହାପାତ୍ର , ସୁପରିଟେଣ୍ଡେଟଂଣ୍ଟ ପ୍ରଫେସର ଡାକ୍ତର ଶୁଭବ୍ରତ ପରିଡା, କେନ୍ଦୁଝର ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିବା ବେଳେ ଏହା ରାଜ୍ୟର ଦଶମ ସରକାରୀ ମେଡିକାଲ କଲେଜ ହେବ ବୋଲି ଜଣାପଡିଛି । ଏଠାରେ ୮୦ ଜଣ ପ୍ରଫେସର ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଓ ଅନ୍ୟାନ୍ୟ କର୍ମଚାରୀ ଥିବାବେଳେ ଆଉ ୧୪ ଜଣ ଡାକ୍ତରଙ୍କୁ ଖୁବ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ଜଣାପଡିଛି । ଏହାକୁ ନେଇ ଅଣ୍ଡରଟେକିଂ ଦିଆଯିବ ବୋଲି ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ଶ୍ରୀମତୀ ଶୁଭବ୍ରତା ପରିଡା ପ୍ରକାଶ କରିଛନ୍ତି । ଆସନ୍ତା ସପ୍ତାହରେ ଲେଟର ଅଫ କନସେଂଟ ବା ସମ୍ମତି ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଚଳିତ ବର୍ଷଠାରୁ ଏଠାର ନାମଲେଖା ହେବ ବୋଲି ଜଣାପଡିଛି । ପ୍ରତ୍ୟେକ ବର୍ଷ ଜାତୀୟ ଚୟନ ପ୍ରବେଶିକା ପରୀକ୍ଷା ବା ନିଟ ମାଧ୍ୟମରେ ମେଡିକାଲ ଛାତ୍ର ଛାତ୍ରୀଙ୍କ ନାମଲେଖା କରାଯାଇଥିବା ବେଳେ ନିଜ ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଆଗ୍ରହ ରହିଥାଏ । ୨୦୧୬ ମସିହା ନଭେମ୍ବର ମାସ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦୁଝର ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଥିଲା । ୪୪.୪୦ ଏକର ଜମିରେ ଏହି ମେଡିକାଲ କଲେଜର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ପ୍ରାରମ୍ଭିକ ଭାବେ ଛାତ୍ରଛାତ୍ରୀମାନେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟ ପ୍ରାକ୍ଟିକାଲ–କ୍ଲାସ କରିବେ ବୋଲି ଜଣାପଡିଛି । ଜାତୀୟ ମେଡିକାଲ କମଶନ ର ଡାକ୍ତରୀ ମୂଲ୍ୟାଙ୍କନ ଓ ମୂଲ୍ୟାୟନ ବୋର୍ଡ ଦ୍ୱାରା ମେଡିକାଲ କଲେଜର ସ୍ଥିତି ଯାଚଂଞ୍ଚ କରିବା ପରେ ଖୁବ ଶୀଘ୍ର ଅନୁମୋଦନ ପତ୍ର ମିଳିବା ପରେ ନାମଲେଖା ହେବ । ପୂର୍ବରୁ ରାଜ୍ୟରେ ୮ ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଥିବା ବେଳେ ସୁନ୍ଦରଗଡ ଏବଂ କେନ୍ଦୁଝର ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇବ । ସୂଚନାଯୋଗ୍ୟ ଯେ, ନ୍ୟାସନାଲ ମେଡିକାଲ କମିଶନ ସରକାରୀ ମେଡିକାଲ କଲେଜ, କେନ୍ଦୁଝର ଭିତିଭୂମି ଯାଂଚ କରିବାରେ ବିଳମ୍ବ କରିବାରୁ ଚଳିତ ଶିକ୍ଷା ବର୍ଷରୁ କଲେଜରେ ପାଠ ପଢା ନେଇ ଆଶଙ୍କା ଦେଖାଦେଇଥିଲା । ଏହାପରେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଏ ନେଇ ଅବଗତ କରି ତୁରନ୍ତ ନ୍ୟାସନାଲ ମେଡିକାଲ କମିଶନ ଟିମ ପଠାଇବାକୁ ଅନୁରୋଧ କରିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଗଞ୍ଜାମ,୧୮/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କବିସୂର୍ଯ୍ୟନଗର ବଜାର ତଥା ଷ୍ଟେଟବ୍ୟାଙ୍କ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ବବୁଲ ନାହାକ ନାମକ ଜଣେ ଯୁବକ ବାଇକ୍ ରେ ଯାଉଥିବା ବେଳେ କିଛି ଦୁର୍ବୃତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣ ପରେ ଦୁର୍ବୃତ ମାନେ ବାଇକ୍ ଯୋଗେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି । ଆହତ ବବୁଲଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ କବିସୂର୍ଯ୍ୟନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି ।

## ଅହିଂସା ରଥର ଗୋପ,କଣାସ, ସତ୍ୟବାଦୀ ବ୍ଲକ ଓ କୋଣାର୍କ ଏନଏସିର ବିଭିନ୍ନ ଅଚଂଳ ପରିକ୍ରମଣ

ପୁରୀ,୧୮/୦୮ (ନି.ପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଗୋଟିଏ ଅହିଂସା ରଥ ଆଜି ଗୋପ ବ୍ଲକ ଓ କୋଣାର୍କ ଏନ ଏ ସି ର ବିଭିନ୍ନ ଅଚଂଳ ପରିକ୍ରମା କରିବା ସହ ବିଶାଳ ଭିଡିଓ ୱାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ଜୀବନୀକୁ ପ୍ରଦର୍ଶନ କରିଥିଲା।। ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ, ଆଦର୍ଶ ଉପରେ ଆଧାରିତ ସୁନ୍ଦର ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଉଛି । ଆଜି ସକାଳୁ ଏରବଙ୍ଗ ବିଦ୍ୟାଳୟ ଠାରେ ପ୍ରଥମେ ଅହିଂସା ରଥକୁ ସ୍ୱାଗତ କରାଯିବା ସହ ସ୍ୱାଧୀନତା ସଂଗ୍ରାମ ର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା । ପରେ ଗୋପ ବ୍ଲକ କାର୍ଯ୍ୟାଳୟ, କୁଶୁପୁର, ବନାଖଣ୍ଡି ଓ ସାରଡା ଠାରେ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା । ପରେ ପରେ କୋଣାର୍କ ଏନ ଏ ସି ର ବିଭିନ୍ନ ସ୍ଥାନରେ ରଥକୁ ସ୍ୱାଗତ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ସେହିପରି ଅନ୍ୟ ଏକ ଅହିଂସା ରଥ କଣାସ ଓ ସତ୍ୟବାଦୀ ବ୍ଲକ ର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । ବିଶେଷ କରି ସତ୍ୟବାଦୀ ବ୍ଲକ ର ଐତିହାସିକ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, କାଦୁଆ ସ୍ଥିତ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଓ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମ ସ୍ଥାନ ସୁଆଣ୍ଡୋ ରେ ଅହିଂସାରଥକୁ ବିପୁଳ ସ୍ୱାଗତ କରାଯାଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ସ୍ୱାଧୀନତା ସଂଗ୍ରାମ ରେ ସଂଗ୍ରାମୀ ମାନଙ୍କ ସ୍ମୃତି କୁ ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସମ୍ପୃକ୍ତ ବ୍ଲକ ର ବିଡ଼ିଓ, ତହସିଲଦାର, କୋଣାର୍କ ଏନ ଏ ସି ର ନିର୍ବାହୀ ଅଧିକାରୀ ଲୋକ ପ୍ରତିନିଧି ଓ କର୍ମଚାରୀ ମାନେ ରଥ ପରିକ୍ରମାରେ ସହଯୋଗ କରିଥିଲେ ।

ପ୍ରତ୍ୟେକ ସ୍ଥାନରେ ସାଧାରଣ ଜନତା ହାତରେ ତ୍ରୀରଙ୍ଗା ପତାକା ଧରି ରଥକୁ ବିପୁଳ ସ୍ୱାଗତ କରିଥିଲେ । ଆସନ୍ତା କାଲି ପୂର୍ବାହ୍ନରେ ଗୋଟିଏ ଅହିଂସା ରଥ ପୁରୀ ସଦର ବ୍ଲକ ର ବିଭିନ୍ନ ସ୍ଥାନ ପରିକ୍ରମଣ ଓ ଭିଡ଼ିଓ ଶୋ ପ୍ରଦର୍ଶନ ପରେ ଅପରାହ୍ନରେ ପୁରୀ ମୁନିସିପାଲ୍ଟିର ବିଭିନ୍ନ ଅଚଂଳ ପରିକ୍ରମା କରିବ । ସେହିପରି ଅନ୍ୟ ଅହିଂସା ରଥ ଟି କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବ୍ଲକ ପରିକ୍ରମା କରିବ । ଅଗଷ୍ଟ ୨୦ ତାରିଖ ପୂର୍ବାହ୍ନରେ ୨ ଟି ଯାକ ଅହିଂସା ରଥ ନୟାଗଡ ଅଭିମୁଖେ ଯାତ୍ରା କରିବ ।

## ୨୫୫ ଲିଟର ମଦ ଜବତ: ୩ ଗିରଫ

ବଲାଙ୍ଗିର,୧୮/୦୮ (ନି.ପ୍ର): ପାଟଣାଗଡ଼ ଅବକାରୀ ବିଭାଗ ଖପ୍ରାଖୋଲ ଥାନା ଅନ୍ତର୍ଗତ ତୁର୍ଲ୍ଲା ଗାଁରେ ଚଢ଼ଉ କରି ୨୫୫ ଲିଟର ଦେଶୀ ମଦ ଜବତ କରିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶୋଭକର ବରିହା, ଅନଙ୍ଗ ବରିହା ଓ ଗୁଣ ସାଗର ବରିହା । ଶୋଭକର ବରିହାଙ୍କ ଠାରୁ ୮୦ ଲିଟର, ଅନଙ୍ଗ ବରିହାଙ୍କଠୁ ୯୦ ଲିଟର ଓ ଗୁଣ ସାଗର ବରିହାଙ୍କଠୁ ୮୫ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି । ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ ୯ଟି ଗଞ୍ଜ ଓ ୪ଟି ପ୍ଲାଷ୍ଟିକ ଜାର ସହ ମଦ ଭର୍ତ୍ତି ଏକ ଟ୍ୟୁବ ମଧ୍ୟ ଜବତ କରାଯାଇଥିବା ନେଇ ପାଟଣାଗଡ଼ ଅବକାରୀ ବିଭାଗ ଅଧିକାରୀ ସତ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି । ଏହି ଚଢ଼ଉରେ ପାଟଣାଗଡ଼ ଅବକାରୀ ବିଭାଗର ଅଜିତ ସାହୁ, ବୁଲୁ ସେଠୀ, ଗୁଣମତି ମାଝୀ, ଦୁଲେଶ୍ୱର କୁମୁରା ଓ କଂଟାବାଞ୍ଜି ଅଧିକାରୀ ବଳରାମ ପ୍ରଧାନ ସାମିଲ ଥିଲେ ।

## ବାଣୀ ସାହିତ୍ୟ ସଂସଦର ୩୪ତମ ବାର୍ଷିକୋତ୍ସବ ପାଳିତ

ଭୁବନ,୧୮/୦୮ (ନି.ପ୍ର): ଭୁବନ ସହରର ସର୍ବପୁରାତନ ସଂଭ୍ରାନ୍ତ ସାରସ୍ୱତ ଅନୁଷ୍ଠାନ ବାଣୀ ସାହିତ୍ୟ ସଂସଦ ତରଫରୁ ୩୪ତମ ବାର୍ଷିକୋତ୍ସବ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ବିଷ୍ଣୁପ୍ରିୟା ଗାଲାକ୍ସି ପ୍ରେକ୍ଷାଳୟ ଠାରେ ପାଳିତ ହୋଇଯାଇଛି । ସଂସଦର ପ୍ରତିଷ୍ଠାତା ସଭାପତି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟଅତିଥି, ଡଃ ଶରତ ରାୟ ମୁଖ୍ୟବକ୍ତା, ଡଃ ଯୁଗଳ କିଶୋର ହୋତା ସମ୍ମାନିତ ବକ୍ତା, କୁଳମଣି ଦତ, ଅଧ୍ୟାପକ ବାସୁଦେବ ସାହୁ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ କୃଷ୍ଣ ଚେତନାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । କବୟିତ୍ରୀ ତୁଳସୀରାଣୀ ବେହେରା, କବି କୁଳମଣି ଦତଙ୍କୁ ପ୍ରଶଂସାପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କବି ସନ୍ତୋଷ ଦ୍ୱିବେଦୀ, ବାସୁଦେବ ସାହୁ, ବିନୟ ପଟ୍ଟନାୟକ, ଉଦ୍ଧବ ମହାପାତ୍ର, ଲଳିତ ବେହେରା, ଲିଙ୍ଗରାଜ ବେହେରା, କବୟିତ୍ରୀ ବିଳାସିନୀ ପୃଷ୍ଟି, ତୁଳସୀରାଣୀ ବେହେରା, ଲୁକେଶ୍ୱରୀସା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସାହୁ ସଂସଦର ଏକ ସଭାଗୃହ ପାଇଁ ଦୃଢ଼ ପ୍ରତିଶୃତି ଦେଇଥିଲେ । ନାଟ୍ୟକାର ପ୍ରଶାନ୍ତ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ବାସନ୍ତୀ କୁମାରୀ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ଜିଲ୍ଲାରେ ବନ୍ୟା ପରିସ୍ଥିତ ସାଘାଂତିକ

## *ନଦୀବନ୍ଧ ଜଗୁଛନ୍ତି ଗ୍ରାମବାସୀ : ଘଳିଆ ପ୍ରତି ସର୍ତକ ଦୃଷ୍ଟି*

ପୁରୀ,୧୮/୦୮ (ନି.ପ୍ର): ପୁରୀଜିଲ୍ଲାରେ ଥିବା ବିଭିନ୍ନ ନଦୀରେ ବନ୍ୟା ପାଣିର ସୁଅ ଛୁଟିବାରେ ଲାଗିଛି । ଗବକୁଣ୍ଡ କଟ ପ୍ରତି ସ୍ଥାନୀୟ ଗ୍ରାମବାସୀମାନେ ସତର୍କ ଦୃଷ୍ଟି ରଖିବା ସହ ଦିନରାତି ପାଳିକରି ଜଗି ରହୁଛନ୍ତି । ଜଳସେଚନ ବିଭାଗ ଓ ଜଳ ନିକାସ ବିଭାଗ ବିଭିନ୍ନ ନଦୀ ବନ୍ଧ ଯାଂଚ କରିବା ସହ ବଲହା ଓ ପାଣିବସ୍ତା ମହଜୁତ ରଖାଯାଇଛି । ପୁରୀ ଜିଲ୍ଲାରେ ପ୍ରବାହିତ ଲୁଣା, ଭାର୍ଗବୀ, ଦୟା, ମକରା ନଦୀରେ ବନ୍ୟାଜଳ ସୁସୁ ହୋଇ ମାଡ଼ିଚାଲିଛି । ଡ଼େଲାଙ୍ଗର ୧୨୫ ଗ୍ରାମ, କଣାସର ୧୭୯ ଗ୍ରାମ, ବ୍ରହ୍ମଗିରିର ୭୩ଟି ଗ୍ରାମରେ ବନ୍ୟାଜଳ ପସିବାର ଆଶଙ୍କା କରାଯାଉଛି । ବର୍ତମାନ ସୁଦ୍ଧା ପୁରୀ ଜିଲ୍ଲାର ୧୫୨ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହିଛି । ନିମାପଡ଼ା-ପିପିଲି ରାସ୍ତା ଉପରେ ଧନୁଆ ଓ ଭାର୍ଗବୀ ନଦୀର ଜଳ ପ୍ରଭାବିତ ହେଉଛି । ଗୋପ ବ୍ଲକର କୁଶଭଦ୍ରା ନଦୀରେ ଘାଇ ସୃଷ୍ଟି ହେବାରୁ ୧୨ଟି ପଂଚାୟତ ପ୍ରଭାବିତ ହୋଇଛି । ଖଣ୍ଡିଆକାଦ ଠାରେ କୁଶଭଦ୍ରା ନଦୀବନ୍ଧରେ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି । ପରିସ୍ଥିତି ଉପରେ ମନ୍ତ୍ରୀ ସମୀର ଦାଶ, ତୁଷାରିକାନ୍ତି ବେହେରା, ଜିଲ୍ଲାପାଳ ସମର୍ଥ ବର୍ମା ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଅନୁଧ୍ୟାନ ଓ ଯାଂଚ କରିଛନ୍ତି । ପିପିଲି ନୂଆଶାସନରେ ଘଳିଆ ଯୋଗୁଁ ଅନେକ ଗ୍ରାମ ଜଳବନ୍ଦିରେ ରହିଛନ୍ତି । ଅନେକ ସ୍କୁଲ ପାଣି ଘେର ମଧ୍ୟରେ ରହିଛି । ପିପିଲି-ଜଟଣୀ ମୁଖ୍ୟରାସ୍ତା ଉପରେ ବନ୍ୟାଜଳ ପ୍ରଭାବିତ ହୋଇଛି । ଅସ୍ତରଙ୍ଗ ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଂଚାୟତ ପାଣି ଘେର ମଧ୍ୟରେ ରହିଛି । ଦେବୀ ନଦୀରେ ଘାଇ ହେବା ଯୋଗୁଁ ପଂଚାୟତବାସୀ କ୍ଷତିଗସ୍ତ ହୋଇଛନ୍ତି । ସାକ୍ଷୀଗୋପାଳର ଭାର୍ଗବୀ ନଦୀବନ୍ଧ ଘଳିଆ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । ସବୁଠୁ ଅଧିକ କ୍ଷତିଗସ୍ତ ହୋଇଛି କଣାସ ବ୍ଲକ । ମକରା ଓ ରାଜୁଆ ନଦୀରେ ଘାଇ ସୃଷ୍ଟି ଯୋଗୁଁ ୬୦ଟି ଗାଁରେ ପାଣି ପଶିଯାଇଛି । ଗଡ଼ସାନପୁଟ ଓ ଗଡ଼ିଶାଗଦା ଅବସ୍ଥା ଅସମ୍ଭାଳ ହୋଇଛି । ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଯୁବନେତ୍ରୀ ଉପାସନା ମହାପାତ୍ର, ଯୁବନେତା କୈଳାଶ ପରିଡ଼ା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଓ ବିଭିନ୍ନ ନେତୃବୃନ୍ଦ ବନ୍ୟା ପ୍ରପୀଡ଼ିତ ଗ୍ରାମ୍ୟ ବୁଲିବା ସହ ଲୋକଙ୍କ ସୁରକ୍ଷା ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ ସମ୍ପର୍କରେ ପଚାରି ବୁଝିଥିଲେ ।

## ଢାବାରୁ ବିପୁଳ ମଦ ଜବତ

ଭୁବନ,୧୮/୦୮ (ନି.ପ୍ର): ଭୁବନ ଅଂଚଳରେ ଚୋରା ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲାବେଳେ ଗତକାଲି ରାତି ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇଥିଲା । ସଂଧ୍ୟାରେ ସହରର ଦୁଇଟି ଜାଗାରେ ଚଢ଼ାଉ କରାଯାଇ ୫୦ ଲିଟର ମହୁଲି ଜବତ କରାଯାଇଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି । ରାତ୍ର ୧୦ ଘଟିକା ସମୟରେ ୫୩ ନମ୍ବର ଜାତୀୟ ରାଜପଥର ଏସାର ପେଟ୍ରୋଲ ପମ୍ପ ନିକଟରେ ଥିବା ଜଗନ୍ନାଥ ହୋଟେଲ(ଢାବା)ରେ ଚଢ଼ାଉ କରାଯାଇ ଏକ ଫ୍ରିଜ୍ ସମେତ ୯ଟି ବ୍ରାଣ୍ଡର ବିପୁଳ ମଦ ଜବତ କରାଯାଇଥିଲା । ଢାବା ମାଲିକ କୌଶଳ କ୍ରମେ ଖସି ପଳାଇ ଯାଇଥିଲେ । ଏ ସମ୍ପର୍କରେ ଭୁବନ ଥାନାରେ ଏକ ମାମଲା ରୁଜ୍ଜୁ ହୋଇଥିବା ଜଣାପଡ଼ିଛି ।

## ଚାଷୀ ଆତ୍ମହତ୍ୟାର ସମୀକରଣ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପ୍ରଶ୍ନ ହେଉଛି ବିକଶିତ ଦେଶର ଚାଷୀଙ୍କ ସହ ଯେପରି ଭାରତର ଚାଷୀଙ୍କ ଅବସ୍ଥା କେବେ ସୁଧୁରିବ ? ଗ୍ରାମରୁ ସହରକୁ ସ୍ଥାନାନ୍ତରଣ ବୃଦ୍ଧି ହେବାର ସମସ୍ତ କାରଣ ମଧ୍ୟରେ କୃଷି ସର୍ବଦା ପରିବାରର ଏକ ଅଂଶ । କିନ୍ତୁ ପରିବାର ଏହାକୁ ନେଇ ବଞ୍ଚିବାରେ ସକ୍ଷମ ନୁହଁନ୍ତି । କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହି ସ୍ଥାନାନ୍ତରଣକୁ ନେଇ ଚିନ୍ତିତ ସତ । କିନ୍ତୁ ଯେତେବେଳେ କୃଷକ ଓ କୃଷକଙ୍କ ସ୍ୱାର୍ଥ କଥା ଆସେ, ସେମାନଙ୍କୁ ଦେଖିବା ପରିବର୍ତ୍ତେ ସେମାନେ ପ୍ରତିଶ୍ରୁତି ପାଣିର ଗାର ପାଲଟେ। ଜନସଂଖ୍ୟା ଆକଳନରୁ ଜଣାପଡିଛି ଯେ ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ ଆଜି ମଧ୍ୟ ୭୫ ପ୍ରତିଶତ କୃଷକ ପରିବାରରେ ମାସକୁ ୬,୦୦୦ ଟଙ୍କା କମ୍ ରହିଛି । କେବଳ ୧୦ ପ୍ରତିଶତ ପରିବାରର ଆୟ ୧୦ ହଜାର କିମ୍ବା ତା'ଠାରୁ ଅଧିକ । ଅର୍ଥାତ୍ ଏକ ପ୍ରତିଶତ କୃଷକଙ୍କ ଆୟ ୨୦ ହଜାର ନୁହେଁ । ଯେତେବେଳେ ସେହି ଫସଲ ଦୁର୍ଭିକ୍ଷ, ମରୁଡ଼ି ଏବଂ ତୁଷାରପାତରେ ଆସେ, ସେତେବେଳେ ମଧ୍ୟ ଶତକଡ଼ା ୦ ( ଶୂନ୍ୟ) ଭାଗ ଚାଷୀଙ୍କ ପାଖରେ ୫,୦୦୦ ହଜାର ପର୍ଯ୍ୟନ୍ତ ନାହିଁ । ବୋଧହୁଏ କୃଷକଙ୍କ ସାମ୍ନାରେ କେବଳ ଦୁଇଟି ରାସ୍ତା ଅଛି । ହୁଏତ ପରିବାର ସହିତ ପୈତୃକ ଚାଷ ଛାଡି ସହରକୁ ଯାଆନ୍ତୁ ଓ ପରିବାରକୁ ଭୋକରୁ ରକ୍ଷା କରିବା ପାଇଁ କାରଖାନାଗୁଡ଼ିକରେ କାମ କରନ୍ତୁ। ଅଥବା ଦୁଃଖଦ ଘଟଣାର ସମ୍ମୁଖୀନ ହେବା ପୂର୍ବରୁ ଏହି ଦୁନିଆକୁ ବିଦାୟ ଦିଅନ୍ତୁ । ପ୍ରଶ୍ନ ହେଉଛି, ଚାଷୀଙ୍କ ଅବସ୍ଥାରେ ଉନ୍ନତି ନକରି ଦେଶର ଅବସ୍ଥା ସୁଧୁରିବ କି ?

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**

## ନିଃସହାୟ ପରିବାରର ଭିନ୍ନକ୍ଷମଙ୍କୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା

ଜଳେଶ୍ୱର, ୧୯/୮(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଗାଁର ଜଣେ ନିଃସହାୟ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହେଲ୍ପଫରୟୁ ଫାଉଣ୍ଡେସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । ଗାଁର କୁନି ଗାନ୍ଧି (୬୮)ଙ୍କର ପୁଅ ତପନ ଗାନ୍ଧି (୩୧) ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ନିଜେ କୁନି ରୋଗୀଣା । ପୁଅର ସୁସ୍ଥତା ପାଇଁ କୁନି ବହୁ ସ୍ଥାନରେ କାକୁତି ମିନତି ହେଉଥିବା ବେଳେ ସହାୟତା ନ ପାଇ ଦୁଃଖ କଷ୍ଟରେ ଚଳି ଆସୁଥିଲା । କିନ୍ତୁ ଏ ସଂପର୍କରେ ଜାଣିବାପରେ ଜଳେଶ୍ୱରର ହେଲ୍ପ ଫର ୟୁ ଫାଉଣ୍ଡେସନ ସହାୟତାର ହାତ ବଢାଇଛି । ସଂଗଠନର ମୁଖ୍ୟ ମାନସ ଧଳଙ୍କ ନେତୃତ୍ୱରେ ୫ ହଜାର ଟଙ୍କା, ରେସନ୍ ଓ ପନିପରିବା ଯୋଗାଇ ଦିଆଯାଇଛି । ଚିକିତ୍ସାଲାଗି ସରକାରୀ ସହାୟତା ଯୋଗାଇବାକୁ ସେ ଅଂଚଳର ବହୁ ମାନ୍ୟଗଣ୍ୟ ନେତୃସ୍ଥାନୀୟ ବ୍ୟକ୍ତି ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗଭୀର ଅବପାତରେ ପରିଣତ....

ଏହି ସମୟ ମଧ୍ୟରେ ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଗଂଜାମ, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି ଏବଂ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୦ ରୁ ୨୧ ତାରିଖ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାକୁ ଥିବା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧରେ ମୟୂରଭଂଜ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ଥିବାରୁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଡୋଲୋ-୬୫୦ ପାଇଁ ଡାକ୍ତରଙ୍କୁ ହଜାରେ....

ଏଭଳି ଭଳି ସଂଗୀନ ଅଭିଯୋଗ ଆଣି ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଛି ଫେଡେରେସନ ଅଫ ମେଡିକାଲ ରିସର୍ଚ୍ଚ ଆଣ୍ଡ ସେଲସ ରିପ୍ରେଜେନଟିଭ ଅଫ ଇଣ୍ଡିଆ । କରୋନା ସମୟରେ ହେଉଥିବା ଜରରୁ ନିସ୍ତାର ପାଇବା ପାଇଁ ପ୍ରାୟତ ରୋଗୀଙ୍କୁ ଡାକ୍ତରମାନେ ଡୋଲୋ ୬୫୦ ଖାଇବା ପାଇଁ ପରାର୍ମଶ ଦେଉଥିଲେ । ରୋଗୀମାନେ ଏହି ଟାବଲେଟ ଖାଇ ସୁସ୍ଥ ମଧ ହେଉଥିଲେ । ତେବେ ଏହି ଟାବଲେଟକୁ ପ୍ରେସକ୍ରାଇବ କରିବା ପଛରେ ଉପହାର ଆକାରରେ ଲାଂଚ ଦିଆଯାଇଥିବା ଏଫଏମଆରଆଇଏ ଦାବି କରିଛି । ଶୁଣାଣୀ ସମୟରେ ସୁପ୍ରିମକୋର୍ଟ ବିଚାରପତି ଡିୟାଇ ଚନ୍ଦ୍ରଚୂଡ କହିଛନ୍ତି କରୋନା ସଂକ୍ରମଣ ସମୟରେ ଡାକ୍ତର ଏହି ଟାବଲେଟ ଖାଇବାକୁ ପରାର୍ମଶ ଦେଇଥିଲେ । ଜଷ୍ଟିସ ଚନ୍ଦ୍ରଚୂଡ ଓ ଏଏସ ବୋପାନ୍ନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ କରୁଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ୬ ସପ୍ତାହ ଭିତରେ ଘଟଣାକୁ ନେଇ ଜବାବ ରଖିବାକୁ କେନ୍ଦ୍ରକୁ କହିଛନ୍ତି କୋର୍ଟ । ମାମଲାର ଆଗାମୀ ଶୁଣାଣୀ ସେପ୍ଟେମ୍ବର ୨୯ରେ ହେବ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ



ବାଲେଶ୍ୱର, ୧୯/୦୮ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ରସାଲପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ସୁସଜ୍ଜିତ ବେଶରେ ପଚାଶରୁ ଉର୍ଦ୍ଧ ଶିଶୁ ଭାଇଭଉଣୀ ମାନେ କୃଷ୍ଣ, ରାଧା, ବଳରାମ, ସୁଦାମା, ସୁବଳ ଇତ୍ୟାଦି ବେଶ ହେଇ ଗାଁ ପରିକ୍ରମା କରିଥିଲେ । ଶଂଙ୍ଖ, ଘଣ୍ଟାର ତାଳେ ତାଳେ ସମସ୍ତେ ନାଚିନାଚି ଯାଉଥିବାର ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ପଟୁଆର ଯାଉଥିବା ବେଳେ ଗ୍ରାମବାସୀ ମାନେ ପୁଷ୍ପ ବୃଷ୍ଟି କରି, ଶଂଙ୍ଖ ବଜାଇ ସ୍ୱାଗତ କରିବା ସହିତ ବନ୍ଦାପନା କରୁଥିବାର ଦେଖିବାକୁ ମିଳିଥିଲା। ପୂଜାପାଠ ପରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ 'କଳା କହ୍ନେଇ' ପରିବେଷଣ କରାଯାଇଥିଲା। ଆୟୋଜିତ ଉତ୍ସବକୁ କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସ ଉଦଘାଟନ କରି ଶ୍ରୀକୃଷ୍ଣଙ୍କ ଜନ୍ମ ଓ ବାଲ୍ୟଲୀଳା ସଂପର୍କରେ ମାର୍ଗଦର୍ଶନ କରିଥିଲେ।ଅନ୍ୟ ଅତିଥିମାନଙ୍କ ମଧରେ ସହ ସଂପାଦକ ଗଣେଶ ଚନ୍ଦ୍ର ପଣ୍ଡା, ସମାଜସେବୀ ଶିବାଜୀ, ଶିକ୍ଷାବିତ୍ ରାଧାକୃଷ୍ଣ ଆଚାର୍ଯ୍ୟ, ସାମ୍ବାଦିକ ଗୟାଧର କର, ଚାନ୍ଦିପୁର ସରସ୍ୱତୀ ଶିଶୁ ମନ୍ଦିର ର ସଂପାଦକ ପ୍ରଦୀପ କୁମାର ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। କାବ୍ୟ ଶିଳ୍ପୀ ଶ୍ରୀ ଦାସଙ୍କ ଦ୍ୱାରା ଆୟୋଜିତ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସଂପର୍କିତ ଚିତ୍ର ପ୍ରଦର୍ଶନୀ କୁ ସମସ୍ତ ପିଲା ଓ ଅଭିଭାବକ ବୁଲି ବୁଲି ଦେଖିଥିଲେ। ଶେଷରେ ଜୟଶ୍ରୀ ଗୁରୁମା'ଙ୍କ ପରିଚାଳନାରେ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସଂଗ୍ରାମ ଗୁରୁଜୀ,ଜୟସ୍ମିତା ଗୁରୁମା', ଦେବସ୍ମିତା ଗୁରୁମା',ମିତା ଗୁରୁମା', ଶ୍ରଦ୍ଧାଞ୍ଜଳି ଗୁରୁମା' ଓ ସେବୀକା ଅପା ବିଶେଷ ସହଯୋଗ କରିଥିଲେ।

## ମିଳିଲା ନିଖୋଜ ଯୁବକଙ୍କ ମୃତ ଦେହ

ଭଦ୍ରକ, ୧୯/୦୮ (ନି.ପ୍ର): ବଜାର ଥାନା ଅନ୍ତର୍ଗତ ଧନାଟୋଲା ଗ୍ରାମର ପ୍ରକାଶ ଚନ୍ଦ୍ର ବେହେରା ଗତ ବୁଧୁବାର ଠାରୁ ନିଖୋଜ ଥିଲେ। ତେବେ ଗତକାଲି ଭଦ୍ରକ ଦେଇ ପ୍ରବାହିତ ସାଳନ୍ଦୀ ନଦୀ ର ନୂଆସାହି ଆଶ୍ରମ ପଡ଼ିଆ ନିକଟରେ ଥିବା ନଦୀ କୂଳରେ ପ୍ରକାଶ ଙ୍କ ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପୁରୁଣା ବଜାର ପୁଲିସ ଖବର ଦେଇଥିଲେ। ସୂଚନା ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ କୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରିଛି। ତେବେ ପାରିପାର୍ଶ୍ୱିକ ସ୍ଥିତି ଏବଂ ମୃତ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ସୂଚନା ମିଳିଛି। ଯାହାକି ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି ବୋଲି ଜଣାପଡିଛି। ତେବେ ପୋଷ୍ଟମର୍ଟମ ରିପୋର୍ଟ ଏବଂ ପୁଲିସ ର ତଦନ୍ତ ପରେ ଏନେଇ ଚିତ୍ର ସ୍ପଷ୍ଟ ହେବ।

## ବିବିଏରେ ଟପର ହେଲେ ସୋହନ ଦାସ

ଭଦ୍ରକ, ୧୯/୦୮ (ନି.ପ୍ର): ସ୍ୱୟଂଶାସିତ ମହାବିଦ୍ୟାଳୟର ତୃତୀୟ ବର୍ଷ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଚଳିତ ପରୀକ୍ଷାରେ ଚରମ୍ପା ଅଞ୍ଚଳର ସୋହନ ଦାସ ବିବିଏ ବିଷୟରେ ମୋଟ ୧୧୮ ନମ୍ବର ରଖି ଟପର ହୋଇଛନ୍ତି। ସମାଜସେବୀ ସଞ୍ଜୟ ଦାସ ଓ ସସ୍ମିତା ଦାସଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ସୋହନ । ତେବେ ନିଜର ଏହିସଫଳତୀ ପଛରେ ବାପା ମାଙ୍କ ସହ ଗୁରୁଜନଙ୍କ ଆର୍ଶୀବାଦଙ୍କୁ ଶ୍ରେୟ ଦେଇଛନ୍ତି ସୋହନ ।

# ସଂଗ୍ରାମ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,୧୯/୦୮ (ନି.ପ୍ର): ଆଜି ସଂଗ୍ରାମ କେଶରୀ ଜେନା ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସଂସଦର ସଭାପତି ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସର୍ବଦଳୀୟ ସ୍ମୃତିସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତିସମ୍ବଳିତ ଏକ ସ୍ମରଣିକା ସେଠାରେ ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ଯୋଗଦେଇ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରି କହିଥିଲେ ଯେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ପିସିସି ସାଧାରଣ ସଂପାଦକ ସ୍ୱର୍ଗତ ଜେନା ଥିଲେ ଅତୁଳ୍ୟ, ପ୍ରତିଭାଦୀପ୍ତ ଓ ଭରଷାଯୋଗ୍ୟ ଯୁବନେତା। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏବଂ ରାଜଧାନୀରେ ସେ ସୃଷ୍ଟି କରିଥିଲେ ଅସୁମାରୀ ଛାତ୍ର ନେତା ଓ ଯୁବନେତା। କଂଗ୍ରେସ ଦଳର ସେ ଥିଲେ ଅମୂଲ୍ୟ ସଂପତି। ତାଙ୍କର ସାଂଗଠନିକ ଦକ୍ଷତା ଓ ଦଳପ୍ରତି ସମର୍ପଣ ଭାବ ପାଇଁ ସେ ଆମ ନିକଟରେ ସ୍ମରଣୀୟ ହୋଇ ରହିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯାଜପୁର ବିଧାୟକ ତଥା ବିଜେଡ଼ିର ସାଂଗଠନିକ ସାଧାରଣ ସଂପାଦକ ପ୍ରଣବ ପ୍ରକାଶ ଦାସ (ବବି) ସଂଗ୍ରାମଙ୍କ ନେତୃତ୍ୱ, ବନ୍ଧୁତ୍ୱ ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଥିଲେ ଯେ ସଂଗଠନ, ସମାଜସେବା, ଧାରଣା, ରାଲି ଓ ପ୍ରତିବାଦ ସଭା ଆଦିରେ ସଂଗ୍ରାମଙ୍କର ବିଚକ୍ଷଣତା ଏବଂ କାର୍ଯ୍ୟଦକ୍ଷତାକୁ ମୁଁ ଅତି ନିକଟରୁ ଦେଖିଛି। ସଂଗ୍ରାମର ସ୍ମୃତି ମାନସପଟରେ ଚିରଜୀବିତ ହୋଇ ରହିବ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର କହିଥିଲେ ଯେ ଦଳମତ ନିର୍ବିଶେଷରେ ସଂଗ୍ରାମ ଓଡ଼ିଶାର ଜଣେ ପ୍ରତିଭାବାନ, ସ୍ୱାଭିମାନୀ ଓ ଚର୍ଚ୍ଚିତ ଯୁବନେତା। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଥିଲେ ଯେ ସଂଗ୍ରାମ ଥିଲେ ଓଡ଼ିଶାର ଜଣେ ଯୁଝାରୁ, ଜନପ୍ରିୟ, କର୍ତ୍ତବ୍ୟନିଷ୍ଠ ଯୁବନେତା। କଂଗ୍ରେସ ଦଳ ତାଙ୍କର କୀର୍ତି ଓ କୃତିକୁ ମନେ ରଖିବ।ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ସଂଗ୍ରାମ ମୋର ପୁତ୍ରତୂଲ୍ୟ ତା ଠାରେ ଭବିଷ୍ୟତ ନେତୃତ୍ୱର ସଂଧାନ ମିଳିଥିଲା। ସେ ଜଣେ ଆଦର୍ଶମୟ, ଆଚରଣ ଶୁଦ୍ଧ ଏବଂ ସ୍ୱପ୍ନ ଦ୍ରଷ୍ଟା ରାଜନେତା। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ଯେ ସଂଗ୍ରାମର ମୃତ୍ୟୁ ପରେ ତାର ସଂଗ୍ରାମ ଜାରି ରହିଛି। ସେ ଯେଉଁ ଯୁବ ଓ ଛାତ୍ର ନେତା ସୃଷ୍ଟି କରିଥିଲା ସେମାନେ ସଂଗ୍ରାମର ଆଦର୍ଶରେ ଲଢ଼େଇ ଜାରି ରଖିଛନ୍ତି ଏବଂ ତାର ସ୍ୱପ୍ନକୁ ସାକାର କରିବାପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ପିତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏଆଇସିସି ସଂପାଦକରୁଦ୍ର ରାଜୁ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଚିରଞ୍ଜିବ ବିଶ୍ୱାଳ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଗଣେଶ୍ୱର ବେହେରା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ସମୀର ରାଉତରାୟ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ଡ.ଦେବାଶିଷ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା।

# ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ସମୀର ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ




ଉଦଳା, ୧୯/୦୮ (ନି.ପ୍ର): ଉଦଳା ମାଟିର ସନ୍ତାନ ସମୀର ଜେନା ଚଳିତ ବର୍ଷ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଥିବାରୁ ତାଙ୍କୁ ଆଜି ଅଗଷ୍ଟ ୧୮ ତାରିଖ ଜନ୍ମାଷ୍ଟମୀ ଦିନ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଟ୍ରଷ୍ଟ ତରଫରୁ ଆୟୋଜିତ ଉକ୍ତ ଉତ୍ସବରେ ସମୀର ତାଙ୍କର ପିତା ଇନିୟର ଶଶଧର ଜେନା, ମାତା ମନୋରମା ଜେନା ଓ ଅଜା ସୁବାଷ ଖଣ୍ଡାଙ୍କ ସହିତ ଉପସ୍ଥିତ ଥିଲେ । ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ଏନ୍.ଏ.ସି.ର ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଉଦଳା ଓକିଲ ସଂଘ ତଥା ସେବା ଟ୍ରଷ୍ଟର ସଂପାଦକ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲ୍ଲୀପ କୁମାର ଦୀକ୍ଷିତ, ଇନିୟର ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱାଧୀନତାର ଦିର୍ଘ ୭୫ ବର୍ଷ ଭିତରେ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଅତୀତରେ ଜଣେ ମାତ୍ର ବ୍ୟକ୍ତି ଅରବିନ୍ଦ ବେହେରା ଆଇଏଏସ ପାଇଥିବା ବେଳେ ସମୀର ଦ୍ୱିତୀୟ ଆଇଏଏସ ହେଲେ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ଅତିଥି ମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମୀରଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଆଲୋଚନାରେ ରବିକାନ୍ତ ମହାପାତ୍ର, ଶରତ ଚନ୍ଦ୍ର ଦାସ, ତାରାକାନ୍ତ ରାୟ, ସତ୍ୟବ୍ରତ ମିଶ୍ର, ପ୍ରଫୁଲ୍ଲ କୁମାର ଖିଲାର ପ୍ରମୁଖ ଅଂଶ ଗ୍ରହଣ କରି ସମୀର ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ କିପରି ସରଳ ଓ ନମ୍ର ବିସ୍ତୃତ ବର୍ଣ୍ଣନା କରିବା ସହ ତାଙ୍କର ଚଲାପଥ କୁସୁମିତ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ସାମାଜିକ କର୍ମୀ ଆଶିଷ ମଲ୍ଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କିଷାନ ଚିନ୍ତନ ଶିବିର

ଭୁବନେଶ୍ୱର, ୧୯/୦୮ (ନି.ପ୍ର): କେନ୍ଦ୍ରର ବିଜେପି ଏବଂ ରାଜ୍ୟର ବିଜେଡ଼ି ଶାସନ କାଳରେ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ ଓ ଚାଷ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ଏଣିକି ଚାଷୀକୂଳ ଆଉ ବିଜେପି ଓ ବିଜେଡ଼ି ସରକାରଙ୍କ କୃଷକ ମାରଣ ନୀତିକୁ ବରଦାସ୍ତ କରିବେ ନାହିଁ। ଗାଁ ଗଣ୍ଡାରେ ଚାଷୀ ମେଳି ଦୁର୍ବାର ରୂପ ନେବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଚିନ୍ତନ ଶିବିରରେ ବକ୍ତବ୍ୟ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଆସନ୍ତା ଦୁଇମାସ ମଧ୍ୟରେ ଗ୍ରାମ ସ୍ତରରୁ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯାଇ ପରବର୍ତି ସମୟରେ ଏକ ବିଶାଳ ଚାଷୀ ସମାବେଷ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପିସିସି କାର୍ଯ୍ୟାଳୟରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକଙ୍କକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତ କିଷାନ କଂଗ୍ରେସ ଅଧ୍ୟକ୍ଷ ସୁଖପାଲ ସିଂ ଖେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡ଼ି ସରକାରଙ୍କ ସମୟରେ ଓଡ଼ିଶାର ଚାଷୀ ଚାଷ ଛାଡ଼ି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ଚାଷୀ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଛି। ଫସଲବୀମା ଯୋଜନା ନାରେ ଚାଷୀର ପ୍ରିମିୟମ ଟଙ୍କାକୁ ହରିଲୁଟ କରାଯାଉଛି। ତେଣୁ ଚାଷୀ ଆଉ ତାର ହକ୍ ମାଗିଲେ ହକ୍ ପାଉନାହିଁ। କେବଳ ପୁଞ୍ଜିପତିଙ୍କ ପାଇଁ ଏ ସରକାର ବୋଲି ଶ୍ରୀ ଖେରା କହିଥିଲେ। ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପ୍ରତି ଜିଲ୍ଲାରେ ଜିଲ୍ଲା କିଷାନ କଂଗ୍ରେସ ତରଫରୁ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବର ଆୟୋଜନ କରାଯାଇ ଚାଷୀ ସମସ୍ୟା ସଂପର୍କରେ ଏକ ଚିଠା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ଚିନ୍ତନ ବୈଠକରେ ଏଆଇସିସି ସଂପାଦକ ଜି. ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଫଳତା ସଂପର୍କରେ ଆଲୋକପାତ କରିଥିଲେ। ବୈଠକ ପ୍ରାରମ୍ଭରୁ କଂଗ୍ରେସ କାର୍ଯ୍ୟାଳୟରେ ଥିବା ମହାମନିଷୀ ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଓ କଂଗ୍ରେସ ଭବନ ପରିସରରେ କିଷାନ କଂଗ୍ରେସ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ଲାଭ ପାଇରେ ଏକ ଗରିବ ପରିବାର



ବସ୍ତା, ୧୯/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଗୋପୀନାଥ ପୁର ଗ୍ରାମର ରୋଜିନା ବିବି, ଗ୍ରାହକ୍ ସେବା କେନ୍ଦ୍ରର ଧାରକ, ଶିବଶଙ୍କର ଦାଶଙ୍କ ମାଧ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କାଣ୍ଡଗାଁଆହାଟ ଶାଖାରେ ଏକ ସେଭିଂ ଖାତା ଖୋଲିଥିଲେ। ଖାତା ଖୋଲିବା ବେଳେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା କରି ବାର୍ଷିକ ୧୩୨୦ ବୀମା ରାଶି ଦେଇ ଆସୁଥିଲେ। ତେବେ ଖାତା ଖୋଲିବାର ମାତ୍ର ଚାରିବର୍ଷ ପରେ ଅଳ୍ପ ବୟସରେ ରୋଗଗ୍ରସ୍ତ ହୋଇ ତାଙ୍କ ମୃତ ହୋଇଥିଲା। ତାଙ୍କର ଜଣେ ପାଞ୍ଚ ବର୍ଷର ଝିଅ ମଧ୍ୟ ରହିଛି। ତେବେ ବିମା ରାସିର ଦାବିଦାର ହିସାବରେ ମୃତ ରୋଜିନା ବିବିଙ୍କ ସ୍ୱାମୀ ସେକ ରହିମୁଦ୍ଦିନଙ୍କୁ ଦୁଇ ଲକ୍ଷଟଙ୍କା ର ଅର୍ଥ ରାଶି ଭାରତୀୟ ଷ୍ଟେଟ ବ୍ୟାଙ୍କ କାଣ୍ଡଗାଁଆ ହାଟ ଶାଖାର ବ୍ୟାଙ୍କ ମ୍ୟାନେଜର ଏସ.କେ ସାମିଉଲ୍ଲା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କର କ୍ୟାସ ଅଫିସର ସାଦେର ସୁରାଇ ଶଙ୍କର ବାସ୍କେ, କର୍ମଚାରି ପ୍ରସନ୍ନ କୁ ସାହୁ, ରତ୍ନାକର ସାହୁ, ସିଏସପି ଧାରକ ସିବଶଙ୍କର ଦାସ, ବିବେକାନନ୍ଦ ପରିଡ଼ା, ଚିତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଅବସରରେ ବ୍ୟାଙ୍କ୍ ମ୍ୟାନେଜର ଶ୍ରୀଯୁକ୍ତ ସାମିଉଲ୍ଲା ସମସ୍ତ ବ୍ୟାଙ୍କ୍ ଗ୍ରାହକଙ୍କୁ ଏହି ଯୋଜନାରେ ସାମିଲ ହୋଇ, ଯୋଜନାର ଲାଭ ଓ ସୁବିଧା ସୁଯୋଗ ନେବାକୁ ନିବେଦନ କରିଥିଲେ ।

## ବସ୍ତାର ଦୁଃଖ ଜଳକା : ବିପଦ ସଂକେତ ଉର୍ଦ୍ଧ୍ୱରେ ପାଣିଚାଲିଛି

ବସ୍ତା, ୧୯/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ସଦର ମହକୁମାରେ ଜଳକା ନଦୀ ପ୍ରବାହିତ ଏହା ବସ୍ତାର ଦୁଃଖ ବୋଲି କୁହାଯାଏ । ଗତ କିଛିଦିନଧରି ଲଗାଣ ବର୍ଷା ଯୋଗୁଁ ଜଳକାର ବନ୍ୟା ସୃଷ୍ଟି ହୋଇ ଶହ ଶହ ଏକର ଧାନ ଜମିରେ ପାଣି ମାଡି ଯାଇ ବହୁ ଧାନ ଗଛ ନଷ୍ଟ ହୋଇଯାଇଥିଲା । ମାତ୍ର ତଥାପି ଚାଷି ପାଣିଛାଡିଲା ମାତ୍ରେ ଧାନଗଛ ରୋଇଥିଲେ ମାତ୍ର ଆଜି ଦିନତମାମ ବର୍ଷା ହେବା ଯୋଗୁ ବିପଦ ସଂକେତ ଉର୍ଦ୍ଧ୍ୱରେ ପାଣି ଜଳକାର ମଥାନୀ ନିକଟରେ ରାତି ଆଠଟା ସୁଦ୍ଧା ୬.୫ ଉପରେ ପାଣି ପ୍ରବାହିତ ହେଉଛି । ସାରା ରାତିରେ ଏପରି ବର୍ଷାହେଲେ ବଡଧରଣ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି ।

# ଭାରତ ସୁରକ୍ଷା ମଞ୍ଚ ପକ୍ଷରୁ ଜନ୍ମାଷ୍ଟମୀ

ବାଲେଶ୍ୱର,୧୯/୦୮ (ନି.ପ୍ର): ଭାରତ ସୁରକ୍ଷା ମଞ୍ଚର ବାଲେଶ୍ୱର ଜନ୍ମାଷ୍ଟମୀ କମିଟି ପକ୍ଷରୁ ସହରର ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଶ୍ରୀକୃଷ୍ଣ ଉତ୍ସବ ଜନ୍ମାଷ୍ଟମୀ ପାଳିତ ହୋଇଅଛି। ଘଣ୍ଟ ଘଣ୍ଟା, ଭଜନ କୀର୍ତ୍ତନ ତଥା ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ମଧ୍ୟରେ ଉତ୍ସବ ଉଦଘାଟନ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କୁ ନେଇ ଶ୍ରୀକୃଷ୍ଣ ବେଶ , ଶ୍ରୀକୃଷ୍ଣ ଦର୍ଶନ ଆଧାରିତ ଚିତ୍ରାଙ୍କନ ଏବଂ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଭାରତ ରକ୍ଷା ମଞ୍ଚର ଓଡିଶା ପ୍ରଦେଶ ସଭାପତି ଡାକ୍ତର ଅଶୋକ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ କୃଷ୍ଣ ଦର୍ଶନ ଅବଦାନ ଓ ପୌରାଣିକ ଯୁଗର ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଡ. କ୍ଷୀତେଶ୍ୱର ଦାଶ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଆମର ପାରିବାରିକ, ସାମାଜିକ ତଥା ବୈଶ୍ୱିକ ଜୀବନ ମଙ୍ଗଳମୟ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। କମିଟିର ଅଧ୍ୟକ୍ଷ ତୁଷାରକାନ୍ତି ପଣ୍ଡା ସଭାପତିତ୍ୱ କରିଥବା ବେଳେ ରଜନୀକାନ୍ତ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ପର୍ବ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୁଧାକର ପାଢୀ, ସଞ୍ଜୟ ମହାପାତ୍ର, ପ୍ରଫୁଲ୍ଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ଭାବ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ନେଇ ପ୍ରଶାସନିକ ସ୍ତରୀୟ ପ୍ରସ୍ତୁତି ବୈଠକ



ବାରିପଦା, ୧୯/୦୮ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗ ପ୍ରାକ ସୂଚିତ ସତର୍କ ସୂଚନାନୁଯାଇ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଅଗଷ୍ଟ ୧୯ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଓଡିଶାର କେତେକ ଜିଲ୍ଲା ସମେତ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସତର୍କ ସୂଚନା ପ୍ରଦାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ୧୯ ରିଖରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରହିକେଶ ଦ୍ୟାନଦେଓ ଖିଲାରୀ, ଭାପୁସେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ହେମନ୍ତ କୁମାର ସିଂ, ଉପଜିଲ୍ଲାପାଳ ବାରିପଦା ଅନ୍ୟା ଦାସ, ଡିଏଫଓ, ବାରିପଦା ସନ୍ତୋଷ ଯୋଶୀ, ଡେପ୍ୟୁଟି କଲେକ୍ଟର ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଭାରତୀୟ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁଯାୟୀ ଅଗଷ୍ଟ ୧୯ ତାରିଖରୁ ୨୦ ତାରିଖ ଯାଏ ସମ୍ଭାବ୍ୟ ପ୍ରବଳ ବର୍ଷା ଆଶଙ୍କା ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ନିୟମ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଆନୁସଙ୍ଗିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ସଜାଗ ରହି ପରିସ୍ଥିତିର ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ନଦୀ ଉପକୂଳବର୍ତୀ ତଳିଆ ଗ୍ରାମ / ବାରିପଦା ସହରାଂଚଳ ତଳିଆ ବସ୍ତି ଅଂଚଳରେ ନଦୀର ବନ୍ୟାଜଳ ସ୍ଥିତି ପ୍ରତି ନଜର ରଖି ଆବଶ୍ୟକ ସ୍ଥଳେ ଜରୁରୀ କାଳୀନ ଭିତିରେ ବିଶେଷ କରି ଝାଟିମାଟି କଚ୍ଚା ଘର ଥିବା ପରିବାର ମାନଙ୍କୁ ନିରାପଦ ସ୍ଥାନ ବହୁମୁଖି ବନ୍ୟା / ବାତ୍ୟା ଆଶ୍ରୟ ସ୍ଥଳ ଏବଂ ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ଗୃହ ଆଦି ନିକଟସ୍ଥ ନିରାପଦ ସ୍ଥାନ ମାନଙ୍କରେ ସ୍ଥାନାନ୍ତରଣ କରାଯିବା ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂପୃକ୍ତ ଉପଜିଲ୍ଲାପାଳଙ୍କ ତତ୍ୱାବଧାନରେ ତହସିଲଦାର / ବିଡ଼ିଓ ମାନଙ୍କ ଦ୍ୱାରା ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଦିଗରେ ଜିଲ୍ଲାରେ ଥିବା ଦଶଟି ବହୁମୁଖୀ ବନ୍ୟା / ବତ୍ୟା ଆଶ୍ରୟସ୍ଥଳ ଏବଂ ନିକଟସ୍ଥ ସରକାରୀ ବିଦ୍ୟାଳୟ ଗୃହ, ଅଙ୍ଗନୱାଡି କେନ୍ଦ୍ର ଗୃହ ଗୁଡିକ ପ୍ରସ୍ତୁତି ରଖିବା, ଅତ୍ୟାବଶ୍ୟକୀୟ ସାମଗ୍ରୀ, ଚୂଡା, ଚିନି, ଗୁଡ ଓ ରନ୍ଧା ଖାଦ୍ୟ ଆଦି ଯୋଗାଇ ଦେବାର ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଜେନେଟର ଆଲୋକ ବ୍ୟବସ୍ଥା, ପରିମଳ/ ଶୌଚାଳୟ ଆଦି ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବା ପାଇଁ ସମସ୍ତ ବିଡିଓ / ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଜିଲ୍ଲା ଜରୁରୀ କାଳୀନ ବିପର୍ଯ୍ୟୟ ପରିଚାଳନା ନିୟମ ଅନୁଯାୟୀ ବନ୍ୟା ପ୍ରବାବିତ ଅଂଚଳରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ଓଡ୍ରାଫଟ୍, ଏନ୍‌ଡିଆର୍‌ଏଫର ଟିମ୍ / ଅଗ୍ନିଶ୍ରମ ସେବା ବିଭାଗ / ପୋଲିସ ବିଭାଗ / ପ୍ରାଣୀ ସମ୍ପଦ ବିଭାଗ ଏବଂ ସଂପୃକ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ/ ପିଆରଆଇ ମେମ୍ବର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ମାନଙ୍କ ମିଳିତ ସହଯୋଗରେ ରିଲିଫ / ଉଦ୍ଧାର ଆଦି କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ନୂଆପଡା ରୋଡ୍ ଷ୍ଟେସନ ଠାରେ ତିନି ଯୋଡ଼ା ଟ୍ରେନ ରହଣି କରିବ

ଭୁବନେଶ୍ୱର,୧୯/୦୮ (ନି.ପ୍ର): ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂଆପଡା ରୋଡ ଷ୍ଟେସନ ଠାରେ ତିନି ଯୋଡ଼ା ଟ୍ରେନକୁ ଛଅ ମାସ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭିତିରେ ରହଣି କରିବାକୁ ନିଷ୍ପତି ନିଆଯାଇଛି। ସପ୍ତାହରେ ଚାରି ଦିନ ଚଳାଚଳ କରୁଥିବା ପୁରୀ-ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ, ଦୈନିକ ଚଳାଚଳ କରୁଥିବା କୋରବା-ବିଶାଖାପାଟନମ-କୋରବା ଏକ୍ସପ୍ରେସ ଏବଂ ଦ୍ୱିସାପ୍ତାହିକି ବିଳାସପୁର-ତିରୁପତି-ବିଳାସପୁର ଏକ୍ସପ୍ରେସ ଅଗଷ୍ଟ ମାସ ଶେଷ ସପ୍ତାହ ଠାରୁ ନୂଆପଡା ରୋଡ ଷ୍ଟେସନ ଠାରେ ରହଣି କରିବା। ପୁରୀରୁ ୨୪ ଅଗଷ୍ଟ ଠାରୁ ଛାଡିବାକୁ ଥିବା ୧୨୮୪୩/୧୨୮୪୪ ପୁରୀ-ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ ନୂଆପଡା ରୋଡ ଷ୍ଟେସନ ଠାରେ ସକାଳ ୦୬ ଘ.୨୮ ମି.ରେ ପହଂଚି ୦୬ ଘ.୩୦ ମି.ରେ ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିବ । ଅହମ୍ମଦାବାଦରୁ ୨୩ ଅଗଷ୍ଟ ଠାରୁ ଛାଡ଼ିବାକୁଥିବା ଏହି ଟ୍ରେନ୍ ନୂଆପଡା ରୋଡ ଷ୍ଟେସନ ଠାରେ ସନ୍ଧ୍ୟା ୦୬ ଘ.୦୫ ମି.ରେ ପହଂଚି ୦୬ଘ.୦୭ ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବ । ୨୩ ଅଗଷ୍ଟ ଠାରୁ ଉଭୟ ପାର୍ଶ୍ୱରୁ ଛାଡ଼ିବାକୁଥିବା ୧୮୫୧୭/୧୮୫୧୮ କୋରବା-ବିଶାଖାପାଟନମ୍-କୋରବା ଏକ୍ସପ୍ରେସ ନୂଆପଡା ରୋଡ ଷ୍ଟେସନ ଠାରେ ରହଣି କରିବ । କୋରବା ଠାରୁ ଛାଡୁଥିବା ଏହି ଟ୍ରେନ୍ ନୂଆପଡା ରୋଡ ଷ୍ଟେସନ ଠାରେ ରାତ୍ରି ୧୦ଘ.୧୩ମି.ରେ ପହଂଚି ରାତ୍ରି ୧୦ଘ.୧୫ମି.ରେ ବିଶାଖାପାଟନମ୍ ଅଭିମୁଖେ ଯାତ୍ରା କରିବ । ବିଶାଖାପାଟନମରୁ ଛାଡ଼ିବାକୁଥିବା ଏହି ଟ୍ରେନ୍ ନୂଆପଡା ରୋଡ ଷ୍ଟେସନ ଠାରେ ଭୋର ୦୪ଘ.୦୩ମି. ପହଞ୍ଚି ଭୋର ୦୪ଘ.୦୩ମି.ରେ କୋରବା ଅଭିମୁଖେ ଯାତ୍ରା କରିବ । ସେହିଭଳି, ୨୩ ଅଗଷ୍ଟ ଠାରୁ ବିଳାସପୁରରୁ ଛାଡ଼ିବାକୁଥିବା ୧୭୪୮୧/୧୭୪୮୨ ବିଳାସପୁର-ତିରୁପତି-ବିଳାସପୁର ଏକ୍ସପ୍ରେସ ନୂଆପଡା ରୋଡ ଷ୍ଟେସନ ଠାରେ ସନ୍ଧ୍ୟା ୦୭ଘ.୩୩ମି.ରେ ପହଞ୍ଚି ସନ୍ଧ୍ୟା ୦୭ଘ.୩୫ମି.ରେ ତିରୁପତି ଯାତ୍ରା କରିବ ।

## ବରିଷ୍ଠ ନାଗରିକ ପରିଷଦ ତରଫରୁ ପାଳିତ ହେଲା ଅମୃତ ମହୋତ୍ସବ



ଉଦଳା, ୧୯/୦୮ (ନି.ପ୍ର): ନିପ୍ର- ଖୁଣ୍ଟା ବ୍ଲକ ଅ'ର୍ଗତ ସାରସ୍ୱତ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ସାଙ୍ଗକୁ ୭୬ ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବଷ ବ୍ୟାପି ସଫେଇ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ପରିଷଦର ସମସ୍ତ ସଦସ୍ୟ ବୈଠକ ଗୃହରେ ଏକତ୍ରୀତ ହୋଇ ସଫେଇ କରିଥିଲେ । ପରେ 'ରଘୁପତି ରାଘବ ରାଜା ରାମ..' ସଙ୍ଗୀତ ଗାନ କରି ଗ୍ରାମ ପରିକ୍ରମା କରିଥିଲେ । ଏହାପରେ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ଗୋପବନ୍ଧୁ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମସ୍ତେ ଏକ ସ୍ୱରରେ ଜାତୀୟ ସଙ୍ଗୀତ ପରିବେଷଣ କରି 'ଭାରତ ମାତାକି ଜୟ', 'ବନ୍ଦେ ମାତରଂ' ଧ୍ୱନି ଦେଇଥିଲେ । ଏହାପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଦିର୍ଘ ୭୫ ବର୍ଷ ସ୍ୱାଧୀନତା ପରେ ଆମ ଦେଶର ବିକାଶ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହା ସହିତ ଆମ ଜିଲ୍ଲା ମୟୂରଭ ମାଟିର ସନ୍ତାନ ଦ୍ରୌପଦୀ ମୁର୍ମୁଙ୍କୁ ମହାମହିମ ରାଷ୍ଟ୍ରପତି ଆସନରେ ବସା ଯାଇଥିବାରୁ ସମସ୍ତେ ଖୁବ ଆନନ୍ଦ ବ୍ୟକ୍ତ କରିଥିଲେ । ଶେଷରେ ପରିଷଦର ସଦସ୍ୟ ଯେଉଁ ମାନଙ୍କର ବୟସ ୭୫ ବର୍ଷ ଅତିକ୍ରାନ୍ତ କରିଯାଇଛି, ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୨୧ରେ 'ଉତ୍କଳସାହିତ୍ୟ ସମାଜ'ର ନୂତନ କର୍ମକର୍ତ୍ତା ନିର୍ବାଚନ

### ବାଲେଶ୍ୱରରୁ କବି କାଳୀପଦ ପଣ୍ଡା କାର୍ଯ୍ୟନିର୍ବାହୀ ସମିତିର ପ୍ରାର୍ଥୀ

ବାଲେଶ୍ୱର, ୧୯/୦୮ (ନି.ପ୍ର): ୧୯୦୩ ମସିହାରୁ ସ୍ଥାପିତ ୧୨୦ବର୍ଷର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ନୂତନ କର୍ମକର୍ତ୍ତା ନିର୍ବାଚନ ଆଗାମୀ ତିନିବର୍ଷ ନିମନ୍ତେ ଆସନ୍ତା ୨୧ତାରିଖ, ରବିବାର, ସକାଳ ୮ଘଟିକା ଠାରୁ ୨ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ମର୍ଯ୍ୟାଦାଜନକ ସାହିତ୍ୟ ଅନୁଷ୍ଠାନର ପ୍ରତିଷ୍ଠା ସମୟରୁ ବାଲେଶ୍ୱରର ବହୁ ବରପୁତ୍ର ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିଥିଲେ । ବିଶେଷକରି କଥାସମ୍ରାଟ୍ ଫକୀରମୋହନ ସେନାପତି ଓ ଶିକ୍ଷାବିତ୍ ଚନ୍ଦ୍ରମୋହନ ମହାରଣା ୧୯୧୨ ମସିହାରୁ ୧୯୧୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ସଭାପତି ଓ ଅନ୍ୟ ପଦ ଅଳଂକୃତ କରିଥିଲେ । ସମଗ୍ର ରାଜ୍ୟର ଲେଖକମାନଙ୍କର ଆଶା ଓ ବିଶ୍ୱାସର ଏଇ ବାଣୀମନ୍ଦିର 'ଉତ୍କଳ ସାହିତ୍ୟ ସମାଜ'ର ଆଜୀବନ ସଭ୍ୟ ସଂଖ୍ୟା ଏବେ ୩,୪୬୩ରେ ପହଞ୍ଚିଛି । ଏଣୁ ଏଭଳି ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନର ପଦାଧିକାରୀ ହେବା ସମସ୍ତଙ୍କ ପାଇଁ ଏକ ଗୌରବର ବିଷୟ । ଏହାର ସମ୍ବିଧାନ ଅନୁଯାୟୀ ଜଣେ ସଭାପତି, ଜଣେ ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ଜଣେ ସଂଗଠନ ସମ୍ପାଦକ, ଜଣେ ପାଠାଗାର ସମ୍ପାଦକ ଓ ଜଣେ କୋଷାଧକ୍ଷ ପଦ ପାଇଁ ନିର୍ବାଚିତ ହେବା ସହ ୧୧ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଗୁପ୍ତ ଭୋଟ ଜରିଆରେ ନିର୍ବାଚିତ ହେବେ । ଚଳିତ ନିର୍ବାଚନରେ ସଭାପତି ପାଇଁ ଦୁଇଜଣ, ଉପସଭାପତି ପାଇଁ ଦୁଇଜଣ, ସାଧାରଣ ସମ୍ପାଦକ ପାଇଁ ଦୁଇଜଣ, ସଂଗଠନ ସମ୍ପାଦକ ପାଇଁ ତିନିଜଣ, ପାଠାଗାର ସମ୍ପାଦକ ପାଇଁ ଦୁଇଜଣ, କୋଷାଧକ୍ଷ ପାଇଁ ଦୁଇଜଣଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପାଇଁ ୨୧ଜଣ ପ୍ରାର୍ଥୀ ରହିଛନ୍ତି । ବାଲେଶ୍ୱରରୁ ବହୁବର୍ଷ ବ୍ୟବଧାନ ପରେ କବି କାଳୀପଦ ପଣ୍ଡା କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ପାଇଁ ପ୍ରାର୍ଥୀ ହୋଇଛନ୍ତି । ଶ୍ରୀ ପଣ୍ଡା ୨୦୦୩ ମସିହାରୁ 'ଉତ୍କଳ ସାହିତ୍ୟ ସମାଜ'ର ସଭ୍ୟ ହୋଇ ନିରନ୍ତର ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହି ଆସିଛନ୍ତି । ସେ ନିଜେ ଜଣେ ସୃଜନଶୀଳ ଲେଖକ, ସମ୍ପାଦକ ଓ ପ୍ରକାଶକ ଭାବେ ଅନେକଙ୍କଠାରେ ସୁପରିଚିତ । ଉତ୍କଳ ସାହିତ୍ୟ ସମାଜକୁ ଅଧିକ କ୍ରିୟାଶୀଳ କରିବା ସହ ଅନେକ ସଂସ୍କାରର ଆବଶ୍ୟକତା ଉପଲବ୍ଧ ହେଉଥିବାରୁ ଏଥିରେ ଅନୁଭବୀ ଓ ଅଭିଜ୍ଞତାସମ୍ପନ୍ନ ରାଜ୍ୟର ବିଭିନ୍ନ ଅଞ୍ଚଳର ଲେଖକମାନେ ଏହି କମିଟିକୁ ମନୋନୀତ ହୋଇପାରିଲେ ସାହିତ୍ୟ ସମାଜ ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଥିଲା ବେଳେ ବାଲେଶ୍ୱରରୁ କାଳୀପଦ ପଣ୍ଡାଙ୍କ ପ୍ରାର୍ଥୀତ୍ୱକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ଶ୍ରୀ ପଣ୍ଡା ନିଜର 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ମାଧ୍ୟମରେ ୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶ କରାଇ ରାଜ୍ୟର ଜଣେ ଶ୍ରେଷ୍ଠ ପ୍ରକାଶକ ଭାବେ ପୁରସ୍କୃତ ହୋଇଥିଲା ବେଳେ ୧୩ଖଣ୍ଡ ମୌଳିକ ପୁସ୍ତକ ରଚନା କରିଛନ୍ତି । ସାହିତ୍ୟପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ'କୁ ଦୀର୍ଘ ୨୨ବର୍ଷ ଧରି ସମ୍ପାଦନା କରିଆସୁଥିଲା ବେଳେ ଜଣେ ସାରସ୍ୱତ ସଂଗଠକ ଓ ସୁବକ୍ତା ଭାବେ ପରିଚୟ ଲାଭ କରିଛନ୍ତି । ସେ ତାଙ୍କର ପ୍ରାର୍ଥୀ ହେବା ସମ୍ପର୍କରେ କହିଛନ୍ତି ଯେ, ଓଡ଼ିଆ ଜାତୀୟ ଜୀବନ ଓ ଭାଷା-ସାହିତ୍ୟର ଶତାବ୍ଦୀ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ପରିଚାଳନା କମିଟିରେ ମୁଁ ଯଦି ସଭ୍ୟ ଭାବେ ଅନ୍ତର୍ଭୁକ୍ତ ହୋଇପାରନ୍ତି, ତେବେ ସେହି ଅନୁଷ୍ଠାନ ଜରିଆରେ ସାମ୍ପ୍ରତିକ ସ୍ଥିତିରେ ଯେଉଁସବୁ ନୂତନ ପଦକ୍ଷେପର ଆବଶ୍ୟକତା ଉପଲବ୍ଧ ହେଉଛି, ତାହାକୁ କାର୍ଯ୍ୟକାରୀ କରିବାରେ ମୁଁ ଯଥାସାଧ ଚେଷ୍ଟିତ ରହନ୍ତି ।



## ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ଜଳେଶ୍ୱର ବ୍ଲକ କମିଟି ଗଠିତ





ଜଳେଶ୍ୱର, ୧୯/୮(ନି.ପ୍ର): ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଜଳେଶ୍ୱର ବ୍ଲକ କମିଟୀର ଏକ ବୈଠକ ରାଇବଣିଆ ଥାନା ଅନ୍ତର୍ଗତ କାଳୀକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଲକ୍ଷ୍ମୀପ୍ରିୟ ଦାସ ପୌରହିତ୍ୟ କରି ଏହା ୪ର୍ଥ ବ୍ଲକ ସମ୍ମିଳନୀ ହୋଇଥିବା ବେଳେ ଆସନ୍ତା ଦିନରେ ରାଜ୍ୟ ସମ୍ମିଳନୀ ବାଲେଶ୍ୱରଠାରେ ହେବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥିଭାବେ କମଳ ଚକ୍ରବର୍ତ୍ତୀ ଯୋଗ ଦେଇ ଅଂଗନୱାଡି କର୍ମୀଙ୍କୁ କୋଭିଡ୍ ଯୋଦ୍ଧା ଓ ପ୍ରତ୍ୟେକ ସରକାରୀ କାର୍ଯ୍ୟର ଅଗ୍ରଦୂତ ଭାବେ ଚିତ୍ରଣ କରି ସେମାନଙ୍କ ଦକ୍ଷତା ବୃଦ୍ଧିଲାଗି ତାଲିମ ଦିଆଯିବା ସଂପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ଶ୍ରୀନିବାସ ଦାସ ମହାପାତ୍ର ଯୋଗ ଦେଇ ଅତୀତରେ ଅଂଗନୱାଡିର କର୍ମୀ ଓ ସହାୟକମାନେ ଖୁବ୍ କମ୍ ପାରିଶ୍ରମିକ ପାଉଥିବା ବେଳେ ଏବେ ସଂଘର ପ୍ରଚେଷ୍ଟାରେ ଅଧିକ ହୋଇପାରିଥିବା କହିଥିଲେ । ଅନ୍ୟତ ଅତିଥିଭାବେ ଗୀତାରାଣୀ ଘୋଷ ଓ ମନୋରଂଜନ ଦାସ ଯୋଗ ଦେଇ ସରକାର କେବଳ ସ୍କିମ୍ ୱାର୍କ୍ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଅଙ୍ଗନୱାଡି ଭଳି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଂଗଠନ ପ୍ରତି ଗୁରୁତ୍ୱ ଦେଉନଥିବା କହିଥିଲେ । ଆଗାମୀ ୩ ବର୍ଷ ଲାଗି ସଭାପତି ଭାବେ ଲକ୍ଷ୍ମିପ୍ରିୟ ଦାସ, ଉପସଭାପତି ଭାବେ ଗୀତାରାଣୀ ଘୋଷ, କଳ୍ପନା ଦେ, ମଂଜୁଲତା ପ୍ରମାଣିକ, ସୁଚିତ୍ରା ଆସ୍, ସାଧାରଣ ସଂପାଦକ ଭାବେ ମମତା ଦାସ ମହାପାତ୍ର ଓ ସଂପାଦକଭାବେ ତୃପ୍ତିରାଣୀ ମହାନ୍ତି, ତିତିଲି ମହାନ୍ତ, ଚମ୍ପାବତି ନାଗ, ଫୁଲ ସରେନ୍ ଓ କୋଷାଧ୍ୟକ୍ଷଭାବେ ଦ୍ୱିପାନ୍ୱିତା ପଟ୍ଟନାୟକ ମନୋନୀତ ହୋଇଥିଲେ ।

## ତୁହାକୁ ତୁହା ପ୍ରବଳ ବର୍ଷା : ଜନଜୀବନ ଅସ୍ତବ୍ୟସ୍ତ

ଜଳେଶ୍ୱର, ୧୯/୮(ନି.ପ୍ର): ଲଘୁଚାପ ଜନୀତ ବର୍ଷା ଓ ପବନ ଗୁରୁବାର ମଧ୍ୟ ରାତ୍ରରେ ଆରମ୍ଭ ହୋଇଛି । ପବନ ସହିତ ବର୍ଷା ହୋଇଥିବା ବେଳେ ଆଜି ସତର୍କ ସୂଚନା ପୂର୍ବକ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ କରାଯାଇଛି । ଆସନ୍ତା ଶନିବାର ଝଡବର୍ଷା ଲାଗି ରହିବାର ସମ୍ଭାବନା ଯୋଗୁଁ ମଧ୍ୟ ବିଦ୍ୟାଳୟର ବନ୍ଦରହିବା ସୂଚନା ଦିଆଯିଛି । ଅନ୍ୟ ପକ୍ଷରେ ଆଜି ଦ୍ୱିପ୍ରହରରୁ ଝଡବର୍ଷା ଆରମ୍ଭ ହୋଇଥିବାରୁ ଜନଜୀବସ୍ୱିପର୍ଯ୍ୟସ୍ତ ହୋଇଛି । ଗତ କିଛିଦିନ ପୂର୍ବେ ଲଘୁଚାପ ଜନୀତ ବର୍ଷରେ ତଳିଆ ଅଂଚଳରୁ ପାଣି ନିଷ୍କାସିତ ହୋଇନଥିବା ବେଳେ ଆଜିର ବର୍ଷା ପରିସ୍ଥିତିକୁ ସଂଗିନ କରିଛି । ଆଜି ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁଁ ଆକାଶ ଅନ୍ଧାରୁଆ ଦେଖା ଯାଇଥିଲା । ରାସ୍ତାଘାଟ ଶୂନଶାନ୍ ହୋଇଥିବା ବେଳେ ବିଭିନ୍ନ ଅଂଚଳରେ ପାଣି ଜମି ରହି କୃତ୍ରୀମ ବନ୍ୟା ସୃଷ୍ଟି କରିଛି । ବର୍ଷା ଲାଗି ରହିଥିବାରୁ ବିସ୍ତିର୍ଣ୍ଣ ଅଂଚଳର ବର୍ଷାପାଣି ତଳିଆ ଅଂଚଳକୁ ଗଡି ଆସୁଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଧୈୟା ଅଂଚଳର ବହୁ ଗ୍ରାମ ପାଣି ଘେରରେ ଥିବା ବେଳେ ବର୍ଷା ଯୋଗୁଁ ନଡାଛପର ଘରପ୍ରତି ବିପଦ ସୃଷ୍ଟି କରିଛି ।

## ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ପଂକଜ ରାଉତଙ୍କ ପରଲୋକ



ଜଳେଶ୍ୱର, ୧୯/୮(ନି.ପ୍ର): ଜଳେଶ୍ୱର ବ୍ଲକର ମାଳିପାଳ ଗାଁର ଅବସରପ୍ରାପ୍ତ ଶିକ୍ଷକ ପଙ୍କଜ ରାଉତ ଗତ ଗୁରୁବାର ରାତି ୧୧.୪୫ରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା । ସେ ଜଣେ ଛାତ୍ର ବତ୍ସଳ, ପରପୋକାରୀ, ମିଷ୍ଟଭାଷୀ, ଅନୁଷ୍ଠାନ ପ୍ରେମୀ ଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ୪ପୁଅ, ୫ ଝିଅ, ନାତି ନାତୁଣୀ, ଜାଇଁମାନେ ଉପସ୍ଥିତ ଥିଲେ । ସେ ମୟୁରଭଂଜ ଜିଲାର ମାଣିଦା ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ବାଲେଶ୍ୱର ଜିଲାର ଖଣାବାର୍ଡ ଉପ୍ରା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଗାଁ ଶ୍ମଶାନରେ ବଡପୁଅ ରାଜିବ ରାଉତ ମୁଖାଗ୍ନି ଦେଇଥିଲେ ।

## ପାରାଦୀପ ପୌରପାଳିକା ପକ୍ଷରୁ ସଚେତନତା ସମାବେଶ




ପାରାଦୀପ, ୧୯/୦୮ (ନି.ପ୍ର): ପବିତ୍ର ସ୍ୱାୟତ ଶାସନ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପାରାଦୀପ ପୌରପାଳିକା ପକ୍ଷରୁ ଏକ ସଚେତନତା ସମାବେଶ ଗୁରୁବାର ଦିନ ତାରିଣୀଗଡା, ବାଲିଝରା ଅଂଚଳରେ ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୌରପାଳିକାର ପାରିଷଦ, ସ୍ଥାନୀୟ ଜନସାଧାରଣମାନେ ଏହି ସମାବେଶରେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଅଂଚଳ ପରିକ୍ରମା କରିଥିଲା । ପୌରାଧକ୍ଷ ବସ' ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜନସାଧାରଣଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ କରିବାକୁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ଅନ୍ୟ ପାରିଷଦମାନେ ଯୋଗ ଦେଇଥିଲେ ।

## ୨୫ରେ ଇପିଏଫ ପେନସନଭୋଗୀଙ୍କ ବିକ୍ଷୋଭ

ବାଲେଶ୍ୱର,୧୯/୦୮ (ନି.ପ୍ର): ଇପିଏଫ୍ ପେନସନର୍ସ ଆସୋସିଏସନର ଏକ ବୈଠକେ ଜିଲା ସଭାପତି ଇଂ. ଅନାଦି ଚରଣ ବେହେରାଙ୍କ ଅଧକ୍ଷତାରେ ପତ୍ରୁଆଁପଦାସ୍ଥିତ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୫ ତାରିଖ, ଗୁରୁବାର ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲାର ଇପିଏଫ୍ ପେନସନ୍ଭୋଗୀମାନେ ଆଇଟିଆଇ ଛକ ନିକଟସ୍ଥ ଇପିଏଫ୍ ସହକାରୀ କମିଶନରଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମାସିକ ସର୍ବନିମ୍ନ ୯ଶହ ଟଙ୍କା ପେନ୍ସନ୍, ଉଚ୍ଚ ବେତନ ହାରରେ ଅଧିକ ପେନସନ୍, ମହଙ୍ଗା ଭତ୍ତା ଓ ସ୍ୱାସ୍ଥ୍ୟବୀମା ଦାବିରେ ଏହି ଆନ୍ଦୋଳନ କରାଯିବ । ଜିଲା ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି ଇପିଏଫ୍ ପେନସନ୍ଭୋଗୀ ତଥା ବରିଷ୍ଠ ନାଗରିକଙ୍କ ଦାବି ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନିନ୍ଦା କରିଥିଲେ । ରାଜ୍ୟ ଆସୋସିଏସନ୍ର ଆହ୍ୱାନକ୍ରମେ ସମଗ୍ର ରାଜ୍ୟରେ ସମସ୍ତ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ । ବାଲେଶ୍ୱର ଓ.ଟି. ରୋଡ୍ସ୍ଥିତ ଡି.ଆଇ.ସି. ଅଫିସ୍ ଛକ (ବିଜୁ ପଟ୍ଟନାୟକଙ୍କ ଷ୍ଟାଚ୍ୟୁ) ନିକଟରୁ ଦିନ ୧୦ଟାରେ ଏକ ଶୋଭାଯାତ୍ରା ବାହାରି ଇପିଏଫ୍ ଅଫିସ୍ ପର୍ଯ୍ୟନ୍ତ ଯିବ । ସେଠାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃତ୍ୱ ବିକ୍ଷୋଭକାରୀଙ୍କୁ ଉଦବୋଧନ ଦେବେ । ଏହି ବୈଠକରେ ରାଜ୍ୟ କମିଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ସଂସ୍ଥାରୁ ଅବସର ନେଇ ପେନସନ ପାଉଥିବା ଜଳଧର ପଣ୍ଡା, ଶ୍ୟାମସୁନ୍ଦର ଜେନା, ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ଶରତ ଚନ୍ଦ୍ର ଦଳାଇ, ଭୂପତି ଭୂଷଣ ଦାସ, ପରମେଶ୍ୱର ପାତ୍ର, ନବୀନ କୁମାର ପାତ୍ର, ହରେକୃଷ୍ଣ ବେହେରା, ମୟୁରଭଞ୍ଜ ଜିଲ୍ଲା ଉପସଭାପତି ମଧୁସୂଦନ ଜେନା ଓ ଭଦ୍ରକ ଜିଲା ସଭାପତି କୁଞ୍ଜବିହାରୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ ।

## ବାରିପଦାରେ ପବିତ୍ର ଜନ୍ମାଷ୍ଟମୀ ପାଳିତ

ବାରିପଦା, ୧୯/୦୮ (ନି.ପ୍ର): ଦୀର୍ଘ ଦୁଇ ବର୍ଷ କୋଭିଡ କଟକଣା ଭିତରେ ମନ୍ଦିର ଗୁଡିକରେ ଜନ୍ମାଷ୍ଟମୀ ବିନା ଭକ୍ତରେ ପାଳିତ ହୋଇଥିବା ବେଳେ, ଚଳିତ ବର୍ଷ କଟକଣା କୋହଳ ହୋଇଥିବାରୁ ବାରିପଦାର ବିଭିନ୍ନ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ଧୂମଧାମରେ ପାଳିତ ହେଉଛି । ଦୁଃଖ ଏବଂ ଅଧର୍ମର ବିନାଶ କରି ସୁଖ ଏବଂ ନ୍ୟାୟର ସ୍ଥାପନ ପାଇଁ ଆଜିର ଦିନରେ ଭଗବାନ ଶ୍ରୀକୃଷ୍ଣ ଧରା ପୃଷ୍ଠାରେ ରୋହିଣୀ ନକ୍ଷେତ୍ରର ରାତ୍ରି ୧୨ ଟା ସମୟରେ ମଥୁରାରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ହିନ୍ଦୁ ଧର୍ମରେ ଏହି ଦିନକୁ ଭାରି ଧୂମଧାମରେ ପାଳନ କରିଥାନ୍ତି ଲୋକେ । ଆଜି ଭକ୍ତମାନେ ଉପବାସ କରି ଶ୍ରୀକୃଷ୍ଣଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିବାର ଦେଖା ଯାଇଛି । ଜନ୍ମାଷ୍ଟମୀ ଉତ୍ସବ ବିଳମ୍ବିତ ରାତିରେ ପାଳନ କରାଯାଉଥିବାରୁ ବାରିପଦାର ଜଗନ୍ନାଥ ମନ୍ଦିର, ରାଧାମୋହନ ମନ୍ଦିର ତଥା ବହୁ ମନ୍ଦିର ରେ ଏହି ଜନ୍ମାଷ୍ଟମୀ ଉତ୍ସବ ପାଳନ ପାଇଁ ଭକ୍ତ ମାନେ ବେଶ ଭକ୍ତି ଏବଂ ଉତ୍ସାହର ସହ ଅପେକ୍ଷା କରି ରହିଥିବାର ଦେଖା ଯାଇଛି । ବିଧାନ ଅନୁଯାୟୀ ପଥମ ଦିନରେ ଜନ୍ମାଷ୍ଟମୀ ଏବଂ ତହିଁ ପରଦିନ ନନ୍ଦୋତ୍ସବ ଭାବେ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ବିଶ୍ୱର ମଙ୍ଗଳ କାମନା କରାଯାଏ ବୋଲି କହିଛନ୍ତି ପୂଜକ ଓ ପଣ୍ଡିତ ମାନେ ।

## ପାରାଦୀପ ବନ୍ଦର ପକ୍ଷରୁ ସାମୁଦ୍ରିକ ସାର୍ବଜନୀନ ବେସରକାରୀ ସହଭାଗିତା କନ୍କ୍ଲେଭ




ପାରାଦୀପ, ୧୯/୦୮ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଗୁରୁବାର ଦିନ ଭୁବନେଶ୍ୱରଠାରେ ସାମୁଦ୍ରିକ ସାର୍ବଜନୀନ ବେସରକାରୀ ସହଭାଗିତା କନ୍କ୍ଲେଭ୍-୨୦୨୨ ଆୟୋଜିତ ହୋଇଯାଇଛି । ଏହି କନ୍କ୍ଲେଭ୍ରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ । ଭିଡିଓ କନଫରେନସିଂ ମାଧ୍ୟମରେ ଶ୍ରୀ ଠାକୁର ପାରାଦୀପ ବନ୍ଦର ଆଗାମୀ ୨୦୪୭ ମସିହା ସୁଦ୍ଧା ପାରାଦୀପ ବନ୍ଦର ୭୫୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାରର ଲକ୍ଷ୍ୟ ରଖିଛି । ପାରାଦୀପ ବନ୍ଦରରେ ଆଗାମୀ ବର୍ଷରେ ପଶ୍ଚିମ ଡକ୍ କାମ ସରି ପଣ୍ୟ କାରବାର ଆରମ୍ଭ ହେବ । ପାରାଦୀପ ବନ୍ଦରରେ ୧୮.୫ ମିଟର ବୃହତକାୟ ଜାହାଜ ପଣ୍ୟ କାରବାରର ଲକ୍ଷ୍ୟ ରହିଥିବା ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ । ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ ପାରାଦୀପ ବନ୍ଦର ଆଗାମୀ ଦିନରେ ବିଶ୍ୱର ଶ୍ରେଷ୍ଠ ବନ୍ଦର ଭାବେ ଉଭା ହେବାକୁ ଯାଉଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସରକାରଙ୍କ ଶିଳ୍ପ ସଚୀବ ହେମନ୍ତ ଶର୍ମା, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚୀବ ବିଷ୍ଣୁପଦ ସେଠୀ, ଇଷ୍ଟକୋଷ୍ଟ ରେଳବାଇର ଜେନେରାଲ ମ୍ୟାନେଜର ଶରତ କୁମାର ଶ୍ରୀବାସ୍ତବ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଧ୍ୟାରେ ଆୟୋଜିତ ଅଧିବେଶନରେ ପାରାଦୀପ ବନ୍ଦରରେ ପଣ୍ୟକାରବାରରେ ଉତ୍କୃଷ୍ଟତା ପାଇଁ ବିଭିନ୍ନ ସଂସ୍ଥାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ଭାବ୍ୟ ବର୍ଷା ବିପତ୍ତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ

ଭଦ୍ରକ, ୧୯/୦୮ (ନି.ପ୍ର): ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, କେଉଁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ତାର ମୁକାବିଲା ପାଇଁ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଆଭାସୀ ଜରିଆରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ । ଆଜି ଶୁକ୍ରବାର ରାତି ୧୧ଟା ପରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଶୂନ ମୃତ୍ୟୁକୁ ଆଖି ଆଗରେ ରଖି ଉଦ୍ଧାର ଓ ଲୋକ ସ୍ଥାନାନ୍ତର କାର୍ଯ୍ୟ ନେଇ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆସନ୍ତା କାଲି ଜିଲ୍ଲାର ସମସ୍ତ ସ୍କୁଲ ପିଲାଙ୍କ ପାଇଁ ବନ୍ଦ ରହିବ । ସମସ୍ତ ଶିକ୍ଷକ, ପାଚିକାମାନେ ଉପସ୍ଥିତ ରହିବେ । ପ୍ରାୟ ୧୦୦ମି.ମି ବର୍ଷା ହେବା ଆକଳନ କରାଯାଇ ଥିବାରୁ ସାଳନ୍ଦୀ ନଦୀର ଅବାହିକାରେ ଥିବା ତଳି ଅଞ୍ଚଳ ପାଇଁ ବିଶେଷ ସତର୍କତା ଅବଲମ୍ବନ ପାଇଁ କୁହାଯାଇଛି । ଭଦ୍ରକ ବ୍ଲକ, ଭଦ୍ରକ ପୌରାଞ୍ଚଳ ଓ ବିଶେଷ କରି ତିହିଡ଼ି ବ୍ଲକ୍ ର ପ୍ରାୟ ୧୧ଟି ଗ୍ରାମପଞ୍ଚାୟତର ୩୧ଟି ଗାଁ ପ୍ରଭାବିତ ହେବାର ଆଶଙ୍କା ଅଛି । ସେହିପରି କେଉଁଝର ଜିଲ୍ଲାରେ ଅଧିକ ବର୍ଷା ଯୋଗୁଁ ବୈତରଣୀରେ ମଧ ବନ୍ୟା। ଆସିବାର ଆଶଙ୍କା ଥିବାରୁ ଭଣ୍ଡାରିପୋଖରୀ, ଧାମନଗର ବ୍ଲକର ତଳିଆ ଅଞ୍ଚଳ ମଧ ପ୍ରଭାବିତ ହେବାର ସମ୍ଭାବନା ଅଛି । ତେଣୁ ଏସବୁକୁ ଦୃଷ୍ଟିରେ ରଖି ବର୍ଷା ହେବା ପୂର୍ବରୁ ବସ୍ତି, ତଳିଆ ଅଞ୍ଚଳ, କଚ୍ଚା ଘର, ମାଛ ପୋଖରୀ ଜଗୁଥିବା କୁଡ଼ିଆ ଘର ମାନଙ୍କ ରୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ବି.ଡ଼ି.ଓ.ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆଶ୍ରୟସ୍ଥଳୀ ମାନଙ୍କରେ ଲୋକଙ୍କ ରହଣି ପାଇଁ ଆଲୋକ, ଶୌଚାଳୟ, ଶୁଖିଲା ଓ ରନ୍ଧାଖାଦ୍ୟ, ପୁରୁଷ ଓ ସ୍ତ୍ରୀ ଙ୍କ ପାଇଁ ପୃଥକ ରହିବା ବ୍ୟବସ୍ଥା, ରୋଗୀ, ଗର୍ଭବତୀ , ଶିଶୁ , ବୟସାଧିକ ବୃଦ୍ଧବୃଦ୍ଧାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ବନ୍ଧରେ ସଠିକ୍ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏ ସବୁ କାର୍ଯ୍ୟ ପରିଚାଳନାରେ ଜନପ୍ରତିନିଧି ମାନଙ୍କୁ ସାମିଲ କରି ସେମାନଙ୍କ ସହଯୋଗ ନେବା ପାଇଁ ମଧ ପରାମର୍ଶ ଦିଆଯାଇଛି । ପ୍ରତିକେନ୍ଦ୍ରରେ ଜଳ ଯୋଗାଣରେ ଯେମିତି ଅସୁବିଧା ନହୁଏ ସେଥିପ୍ରତି ସଂପୃକ୍ତ ବିଭାଗକୁ ସଜାଗ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତି କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହିତ ଓଆରଏସ୍, ଔଷଧ ଆଦି ଆନୁସଂଗିକ ଜିନିଷ ମହଜୁଦ୍ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରନ୍ଧାଖାଦ୍ୟ ପାଇଁ ପ୍ରସ୍ତୁତ ରହି ଯଥେଷ୍ଟ ପରିମାଣ ଶୁଖିଲା ଖାଦ୍ୟ ମହଜୁଦ୍ ରଖାଯିବ । ଠିକ୍ ସମୟରେ ଲୋକଙ୍କୁ ଯେପରି ଖାଦ୍ୟ ଯୋଗାଇ ଦିଆଯିବ ସେଥିପାଇଁ ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କ ରହିବେ । ଲୋକ ସ୍ଥାନାନ୍ତର ପାଇଁ ଅଧିକ ସଂଖ୍ୟାରେ ଗାଡ଼ି ଓ ଇନ୍ଧନ ପ୍ରସ୍ତୁତ ରଖାଯିବ । ସ୍ଥାନାନ୍ତର କିମ୍ବା ଅନ୍ୟ କୌଣସି ଜରୁରୀ ସୂଚନା ପ୍ରଦାନ ପାଇଁ ଡ଼ାକବାଜି ଯନ୍ତ୍ର ବ୍ୟବସ୍ଥା ପ୍ରସ୍ତୁତ ରଖାଯିବ । ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଜଳ ଜମି ରହିବା ଜାଗା ସବୁ ଚିହ୍ନଟ କରି ନିଷ୍କାସନ ପାଇଁ ଜେସିପି ଓ ପମ୍ପ ଆଦି ମଧ ଅଧିକ ସଂଖ୍ୟାରେ ପ୍ରସ୍ତୁତ ରଖାଯିବ । ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସଜାଗ ଥିବା ବେଳେ ଏନ୍.ଡ଼ି.ଆର୍.ଏଫ୍ ର ୨ଟି ଦଳ ଓ ଓଡ୍ରାଫ୍ର ୨ଟି ଦଳ, ଅଗ୍ନିଶମ ବାହିନୀର ୮ଟି ଦଳ, ଆଉ କିଛି ସମୟପରେ ଭଦ୍ରକରେ ପହଞ୍ଚିବା ନେଇ ସୂଚନା ହସ୍ତଗତ ହୋଇଛି । ଆଇନ ଶୃଙ୍ଖଳା ପରିସ୍ଥିତି କିମ୍ବା ନିମଜ୍ଜିତ ପୋଲ ଉପରେ ଲୋକ ଯାଆସ ନିଷେଧ ପାଇଁ ପୋଲିସ୍ ବିଭାଗର କର୍ମଚାରୀମାନଙ୍କୁ ନିୟୋଜିତ କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ଗୃହପାଳିତ ପଶୁ କୁକୁଡ଼ା ଆଦି ସ୍ଥାନାନ୍ତର ଆବଶ୍ୟକ ଥିଲେ ଯଥେଷ୍ଟ ପୂର୍ବରୁ ସେ ଅଞ୍ଚଳ ଚିହ୍ନଟ କରି ପଦକ୍ଷେପ ନେବାକୁ ସିଡ଼ିଭିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସବୁ ଆଶ୍ରୟ ସ୍ଥଳ, ସ୍କୁଲ ଲୋକ ସ୍ଥାନାନ୍ତର ପାଇଁ ଖୋଲା ରହିବ । ଆଶା, ଅଙ୍ଗନବାଡ଼ି କର୍ମୀ ଆଦିଙ୍କ ସହ ଯେ କୌଣସି ବିଭାଗୀୟ କର୍ମଚାରୀ ଅଧିକାରୀଙ୍କୁ ଏସବୁ କାର୍ଯ୍ୟରେ ବି.ଡ଼ି.ଓ. ମାନେ ନିୟୋଜିତ କରି ପାରିବା ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo